ନଂ. ୨୨୧
ତା 17 JUL 1959

# ବହୁରୂପୀ

( ଡିଟେକ୍ଟିଭ୍ ଉପନ୍ୟାସ )

ଶ୍ରୀ ଭୂପେନ୍ ଗୋସ୍ୱାମୀ

ପ୍ରକାଶକ

ଓଡ଼ିଶା ଜଗନ୍ନାଥ କମ୍ପାନୀ

ବାଲୁବଜାର, କଟକ—୨

1·25 nP

ପ୍ରକାଶ ପରିଚାଳନା

ଶ୍ରୀ ରଣଜିତ ସିଂହ ବି. ଏ. (ଅନର୍ସ) ଡି. ଇଡ଼ି.

ବାଲୁବଜାର, କଟକ—୨

ଚିତ୍ରଶିଳ୍ପୀ—ଶ୍ରୀ ଶ୍ରୀନାଥ ଗୁଠଜି

ସଂଖ୍ୟା—୧୦୦୦

ସମୟ—ଗଣେଶ ଚତୁର୍ଥୀ, ୧୯୫୭

ମୁଦ୍ରଣ—ପ୍ରଥମ

ମୂଲ୍ୟ—ଏକଟଙ୍କା ଚାରିଅଣା

ଟ୧-୨୫ ନୂ: ପ:

1·25 nP

ମୁଦ୍ରାକର—

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନ

ଜ୍ୟୋତି ପ୍ରେସ, କଟକ—୨

ନଂ ...............
ତା 17 JUL 1959
ଭୁବନେଶ୍ୱର

25 nP

'କଲ୍ୟାଣୀୟା ଶ୍ରୀମତୀ ଜାହ୍ନବୀ ଓ

କୁମାରୀ ସୁ ଭରେଖା ସୁଚରି ତାଙ୍କୁ'

‘ମାଣିକରାମ ଏଣ୍ଡ ଲକ୍ଷ୍ମୀ ପ୍ରସାଦ’ କୋମ୍ପାନୀର ପ୍ରକାଣ୍ଡ ସାଇନ୍‌ବୋର୍ଡ଼ ଉପରେ ଉଜ୍ଜ୍ୱଳ ବୈଦ୍ୟୁତିକ ଆଲୋକ ପଡ଼ି ସୁନେଲି ଅକ୍ଷର ଗୁଡ଼ିକ ଝିକ୍‌ ଝିକ୍‌ ଦେଖାଯାଉଥାଏ । ବିଖ୍ୟାତ୍‌ ଜୁଏଲର୍ସ ଏହି କୋମ୍ପାନୀଟି । ଦୋକାନଟିର ଭିତରକୁ ଚାହିଁଲେ ଆଖି ଝଲସିଯାଏ । ବଡ଼୨ ଶୋ-କେସ୍‌ ଗୁଡ଼ିକରେ ମୂଲ୍ୟବାନ୍‌ ଅଳଙ୍କାର ଓ ସେହି ଅଳଙ୍କାର ଗୁଡ଼ିକ ହୀରା-ନୀଳାର ସଂଯୋଗ ଦ୍ୱାରା ବୈଦ୍ୟୁତିକ ଆଲୋକ ସ୍ପର୍ଶରେ ବିଚିତ୍ର ଇନ୍ଦ୍ରଧନୁ ସୃଷ୍ଟି କରୁଥାଏ । ସେ ସବୁ ଦେଖିଲେ ଧନୀମାନେ କିଣିବାକୁ ଲାଳାୟିତ ହୁଅନ୍ତି ଆଉ ଗରିବ ମାନଙ୍କର ଚକ୍ଷୁ ଅନ୍ଧ ହୋଇ ଆସେ ସେହି ଜ୍ୟୋତିରେ ।

ପ୍ରକାଣ୍ଡ ଫାଟକ୍‌ ପାଖରେ ଦୀର୍ଘଦେହୀ ଦୁଇଟି ପ୍ରହରୀ ସବୁବେଳେ ପ୍ରହରାରତ । ସେମାନଙ୍କର କାନ୍ଧରେ ବନ୍ଧୁକ ଓ ବନ୍ଧୁକର ଅଗ୍ରଭାଗରେ ସୁତୀକ୍ଷ୍ଣ ବାୟୋନେଟ୍‌ ।

ଫଗୁଣର ଏକ ମନୋରମ ସନ୍ଧ୍ୟାରେ ଖଣ୍ଡିଏ ପ୍ରକାଣ୍ଡ ଷ୍ଟୁଡ଼ିବେକାର ଆସି ଗେଟ୍‌ ପାଖରେ ବ୍ରେକ୍‌ କଷିଲା । ଡ୍ରାଇଭର ଆସନରୁ ଉଠି ଆସିଲା ଜଣେ ସୁପୁରୁଷ । ଶ୍ମଶ୍ରୁ

ଗୁମ୍ଫହୀନ ମୁଖ. ଆଖି ଦୁଇଟିରେ ବୁଦ୍ଧିର ପ୍ରାଖର୍ଯ୍ୟ । ବେଶଭୂଷା ଆଭିଜାତ୍ୟର ପରିଚୟ ଦିଏ ।

ଶାଲ୍‌ଟିକୁ ଗାଡ଼ି ଭିତରୁ ଆଣି କାନ୍ଧରେ ପକାଇ ଯେତେବେଳେ ସେ ଗୋଟେ ଅଭିଜାତ କଲା ଦୋକାନ ଭିତରେ ଥିବା ପ୍ରତ୍ୟେକଟି ପ୍ରାଣୀ ଉତ୍କଣ୍ଠା ସହ ଯୁବକଟିକୁ ଚାହିଁ ରହିଲେ ଏକଧ୍ୟାନରେ । ସମସ୍ତଙ୍କର ଆଖିରେ, ମୁଖରେ ଲାଲଜୀ ଆସୁଛନ୍ତି ବୋଲି ନୀରବ ସଙ୍କେତ ହୋଇଗଲା ମଧ୍ୟ ।

ଲାଲଜୀ ବୋଲି ଏହି ଯୁବକଟି ସହରରେ ସୁପରିଚିତ କିନ୍ତୁ ତାର ପ୍ରକୃତ ପରିଚୟ କେହି ଜାଣନ୍ତି ନାହିଁ । ଲାଲଜୀ ବୋଧହୁଏ ନିଜେ ତାର ପରିଚୟ ଭୁଲି ଯାଇଛି । ସମସ୍ତେ ଜାଣନ୍ତି ଲାଲଜୀ, ଧନୀର ସନ୍ତାନ, ଅଗାଧ ସମ୍ପତ୍ତି ତାର ହାତମୁଠାରେ । ଗରିବମାନେ କହନ୍ତି ସମ୍ଭ୍ରାନ୍ତ ଘରର ପୁଅ ଏହି ଲାଲଜୀ ।

ଦୋକାନର ନିକଟବର୍ତ୍ତୀ ହେବାମାତ୍ରେ ଦୋକାନର ଅଂଶୀଦାର ମାଣିକରାମଙ୍କର ସୁଯୋଗ୍ୟ ପୁତ୍ର ରାଜାରାମ କାଉଣ୍ଟରରୁ ଉଠିଆସି ସାଦର ଅଭ୍ୟର୍ଥନା କଲା ଲାଲଜୀକୁ ।

— ଆଇୟେ, ଆଇୟେ, ଲାଲଜୀ ସାହେବ ! ଆଜି ମୋର ମହାଭାଗ୍ୟ ଯେ ଆପଣଙ୍କର ଗୋଡ଼ର ଧୂଳି ଏହି ଦୋକାନରେ ପଡ଼ିଲା । ହୀରାଲାଲର ଦୋକାନ ପାଖରେ ଯେତେବେଳେ ଆପଣଙ୍କର ଗାଡ଼ିଟି ଠିଆ ହୁଏ, ମନେମନେ ଭାବେ, ମୁଁ ଏପରି କି କସୁର କରିଛି ଯେ ଲାଲଜୀ ସାହେବ ମୋର ଦୋକାନଟି ଆଡ଼କୁ ଫେରି ସୁଦ୍ଧା ଚାହାନ୍ତି ନାହିଁ ।

କାଉଣ୍ଟର ପାଖରେ ବଡ଼ ବଡ଼ ଖରିଦଦାରମାନଙ୍କର ବସିବା ପାଇଁ ସୁନ୍ଦର ସୋଫା କେତୋଟି ପଡ଼ିଥିଲା । ରାଜାରାମ

ହସି ହସି ହାତ ଦୁଇଟି ଏକତ୍ର କରି କହିଲା ମେହେରବାଣୀ କରି ଆଗେ ବସନ୍ତୁ ।

ଲାଲଜୀ ବସିଲା । ଜଣେ କର୍ମଚାରୀ ଅତର ଦାନୀରୁ ଗୋଲାପ ଜଳ ଲାଲଜୀର ପଞ୍ଜାବୀ ଉପରେ ପକାଇଦେଲା । ସେମାନଙ୍କର ଅଭ୍ୟର୍ଥନାର ନୀତି ଏହିପରି ।

ପକେଟରୁ ସାଦା ସିଲ୍କର ରୁମାଲ୍ ବାହାର କରି ମୁହଁ ପୋଛୁ ପୋଛୁ ଲାଲଜୀ କହିଲା—ଗୋଲାପ୍ ଅପେକ୍ଷା ଚମେଲି ମୁଁ ବେଶି ଲାଇକ୍ କରେ ।

ରାଜାରାମ ବିନୀତଭାବେ କହିଲା, ଆପଣତ' ମୋର ଗ୍ରାହକ ନୁହଁନ୍ତି, ଆପଣ ମୋର ମେହେମାନ୍ । ······ଏଇ, ପାନ ମଗାଓ—ସିଗ୍ରେଟ୍ ମଗାଓ ।

ମୃଦୁ ହସି ଲାଲଜୀ କହିଲା—ମୁଁ କସ୍ତୂରୀ-ଖଇରର ପାନଛଡ଼ା ଅନ୍ୟପାନ ଖାଏ ନାହିଁ । ଗାଡ଼ିରେ ମୋର ପାନ ଡିବାଟି ରହିଛି ଆସିଛି, ଆପଣ କାହାକୁ ପଠାଇ ଟିକିଏ ମଗାଇ ନିଅନ୍ତୁ । ···ହଁ, ଏଥର ଶୁଣନ୍ତୁ ।

—କୁହନ୍ତୁ ।

ଭକ୍ତ ହନୁମାନ ପରି ହାତଦୁଇଟି ଯୋଡ଼ି ରାଜାରାମ ସମ୍ମୁଖରେ ଛିଡ଼ା ହେଲା ।

—ଦେଖନ୍ତୁ, ବାପାଙ୍କ ଅମଳରୁ ହୀରାଲାଲଙ୍କ ସହିତ ଆମର କାରବାର । କିନ୍ତୁ ହୀରାଲାଲ ଦୋକାନ ଛାଡ଼ି ଆପଣଙ୍କ ଦୋକାନକୁ କାହିଁକି ଆସିଛି ଜାଣନ୍ତି ?

ରାଜାରାମ ଗଦ୍‌ଗଦ ହୋଇ କହିଲା—ଆପଣଙ୍କର ଅନୁଗ୍ରହ ।

ସେ କଥାର କୌଣସି ଉତ୍ତର ନ ଦେଇ ଲାଲଜୀ କହିଲା—ହୀରାଲାଲର ଜିନଷ ଗୁଡ଼ିକ ଖୁବ୍ ଭଲ । କିନ୍ତୁ ଗୋଟିଏ କଥା,

ଫ୍ୟାଶନ୍ ଓ ଷ୍ଟାଇଲ୍ ସବୁ ପୁରୁଣା । ସେ ସବୁ ଏ'ଯୁଗରେ ଆଉ ଚଳେନା । ଶୁଣିଲି ଆପଣଙ୍କର ଗହଣା ଗୁଡ଼ିକ ଅପ୍-ଟୁ-ଡେଟ୍ ପ୍ୟାଟେଣ୍ଟ୍ ।

ରାଜାରାମ ଯେପରି ଲାଲଜୀଙ୍କର ମୁହଁରୁ କଥା ଛଡ଼ାଇ-ନେଲା ।

—ନିଶ୍ଚୟ । ଫେଶନ୍ ଇନ୍ ଷ୍ଟାଇଲରେ ମାଣିକରାମ ଲଛମୀ ପ୍ରସାଦ ଏକନମ୍ବର । ତା'ନହେଲେ ଏତେବଡ଼ ସହରରେ ଦୋକାନ କରିବା ସହଜ କଥା ?

ଲାଲଜୀ ଭଲଭାବେ ସୋଫାଟିରେ ବସି କହିଲା—ଶୁଣନ୍ତୁ, ରାଜାରାମ ବାବୁ ! ମୋର ଗୋଟିଏ ଦୂର ସମ୍ପର୍କୀୟ ଭଣଜୀର କାଲି ବାହାଘର । ପାତ୍ରଟି ହେଉଛି ବିଲାତ ଫେରନ୍ତା, ଜଜ୍‌ସାହେବଙ୍କ ପୁଅ । ହାଲ୍ ଫ୍ୟାଶନର ଜିନିଷ ନଦେଲେ ଶୋଭା ପାଏନା । ଜିନିଷ ଅବଶ୍ୟ ବେଶି ଯେମିତି କରୁଛି ନୁହେଁ । ହାତରେ କଡ଼ି, ବେକ ଓ କାନପାଇଁ—ତା'ଛଡ଼ା ବାହାଘର-ଠିରେ ଯାହା ଯେମିତି ଦରକାର ହୁଏ ଆପଣମାନେତ' ଜାଣନ୍ତି । ମୋଟ ଉପରେ ପଚିଶ ହଜାର ଭିତରେ ହେଲେ ଚଳିବ । ଦୂର ସମ୍ପର୍କୀୟ ଭଣିଜୀକୁ ଆଉ କେତେବେଶି ଦିଆଯାଇ ପାରେ ।

ରାଜାରାମ ସେତେବେଳେ ମନେ ମନେ ହିସାବ କରୁଥାଏ, ଦୂର ସମ୍ପର୍କୀୟା ଭଣିଜୀ ପାଇଁ ପଚିଶ ହଜାର ହେଲେ ନିଜର ଭଣିଜୀ ବେଳକୁ ଲକ୍ଷେ ଟଙ୍କାରୁ କମ୍ ନୁହେଁ ନିଶ୍ଚୟ ! ଜୟ ହନୁମାନଜୀ ।

କର୍ମଚାରୀଟି ଗାଡ଼ିରୁ ପାନ ଡିବାଟିକୁ ଆଣି ଲାଲଜୀର ହାତକୁ ବଢ଼ାଇ ଦେଲା । ରୁପାର ଡିବା ଉପରେ ସୁନ୍ଦର

ମୀନା-କାମ କରା ହୋଇଛି । ଲଲଜୀ ଏକାସାଙ୍ଗରେ ଦୁଇଖଣ୍ଡ ପାନ ମୁହଁରେ ଭର୍ତ୍ତିକରି ରାଜାରାମଙ୍କ ଆଡ଼କୁ ଡିବାଟିକୁ ବଢ଼ାଇ ଦେଇ କହିଲା—ନିଅନ୍ତୁ ।

ବିନୀତଭାବେ ରାଜାରାମ ଉତ୍ତର ଦେଲା—ନା, ଥାଉ—କିନ୍ତୁ ଇଚ୍ଛା ଥାଏ ଯଥେଷ୍ଟ ।

ପକେଟରୁ ସ୍ୱର୍ଣ୍ଣନିର୍ମିତଜର୍ଦ୍ଦା ବଟାଟିକୁ ବାହାର କରି ଲଲଜୀ ହସିହସି ରାଜାରାମକୁ କହିଲା—ଖାସ୍ ଲକ୍ଷ୍ନୌକା ଚିଜ୍ ।

ଆଉ କିଛି କହିବାକୁ ହେଲା ନାହିଁ । ରାଜାରାମ ଏକାସାଙ୍ଗରେ ଗୁରିଖିଲି ପାନ ମୁହଁଭିତରେ ପୂରାଇ ଦେଲା—ତିନୋଟି ଆଙ୍ଗୁଳିରେ କେତେଗୁଡ଼ିଏ ଜର୍ଦ୍ଦା ଉଠାଇ ନେଇ ଅତ୍ୟନ୍ତ ଆରାମ ସହିତ ଆଘ୍ରାଣ କରିବାକୁ ଲାଗିଲା ।

—ଆପଣଙ୍କୁ ଆଜି ଗୋଟିଏ କାମ କରିବାକୁ ହେବ, ରାଜାରାମବାବୁ !

ପାନ ଗୁଡ଼ିକ ମୁହଁରେ ଥିବା ହେତୁ ରାଜାରାମ ମୁହଁ ଖୋଲି ନପାରି ଇଙ୍ଗିତରେ ଯାହା କହିଲା, ତାହାର ଅର୍ଥ ହେଉଛି—ହୁକୁମ ହେଉ, ବନ୍ଦା ହାଜିର୍ !

—ଆଉ କେତେଟାଦିନ ଭିତରେ ମୋର ଝିଆରୀର ପୁଣି ବାହାଘର । (ଜୟ ହନୁମାନଜୀ ! ଝିଆରୀଟି ନିଶ୍ଚୟ ଦୂର ସମ୍ପର୍କୀୟ ନୁହେଁ, ନଇର—ରାଜାରାମର ଚକ୍ଷୁ ଦୁଇଟି ଉଜ୍ଜ୍ୱଳ ଦେଖାଗଲା) ସେଥିପାଇଁ କହୁଥିଲି, ଆପଣ ଯେଉଁ ଅଳଙ୍କାର ଗୁଡ଼ିକ ମୋତେ ଦେଖାଇବେ ସବୁଗୁଡ଼ିକର ଅବିକଳ ଆଉ ଗୋଟିଏ ସେଟ୍ ଯେପରି ଆପଣଙ୍କ ପାଖରେ ଥାଏ । ସୁବିଧାଟି କଣ ଜାଣନ୍ତି, ସେତେବେଳେ ଆଉ ଦେଖାଦେଖି କିମ୍ବା ଦର୍ କଷାକଷିର ଝମେଲା ନଥିବ । ତେବେ, ଯଦି ଆପଣ ଗରାଖ

ପାଇଯାଆନ୍ତୁ, ଆଉ ଉପାୟ କ'ଣ ! ମୋ ପାଇଁତ ଆଉ ଅପେକ୍ଷା କରିବେ ନାହିଁ !

ପାନର ରସ ଢକ୍ କରି ଗିଳିଦେଇ ରାଜାରାମ କହିଲା—କିଛି ଭାବିବେ ନାହିଁ, ଲାଲଜୀ ସାହେବ ! ଦୁଇସେଟ୍ ଗହଣା ଆପଣଙ୍କର ଦରକାର, ଦୋସରା ଖରିଦ୍‌ଦାର ଆସ୍ୟେଗାତେଡ଼ା ମୁଁ ଫେରାଇଦେବି । ଆଉ କିଛି ନ ଭାବନ୍ତୁ ।

—ନା, ନା; ରାଜାରାମ ବାବୁ ! ଗରାଖ ଫେରାଇ ଦେଲେ ବ୍ୟବସାୟ ନଷ୍ଟ ହୁଏ । ଆପଣ ବିକି ଦେବେ । ଦରକାର ହେଲେ କିଛିଦିନ ଆଗରୁ ମୁଁ ଆପଣଙ୍କୁ ଜଣାଇବି, ଆପଣ ନୂଆ ଗଢ଼ିଦେବେ ।

—ଆଚ୍ଛି ବାତ୍......ରାଜାରାମ ବିନୟରେ ଅବନତ ହୋଇ ପୁନର୍ବାର କହିଲା—ଜିନିଷ ଦେଖିଲାଉଁ ।

ହାତରେ ବନ୍ଧା ହୋଇଥିବା ଘଡ଼ିଟିକୁ ଦେଖିନେଇ ଲାଲଜୀ କହିଲା ହଁ, ହଁ, ଆଉ ଡେରି କରନ୍ତୁ ନାହିଁ—ମୋର ଟିକିଏ ଜରୁରୀ କାମ ଅଛି ।

ଗହଣା ଦେଖା ଆରମ୍ଭ ହେଲା । ଆଲମାରୀରୁ ଆସିବାକୁ ଲାଗିଲା ଭେଲଭେଟ୍ ମୋଡ଼ା ବାକ୍ସ ଗୁଡ଼ିକ । ଟେବୁଲର ଶ୍ୱେତ ପ୍ରସ୍ତର ଉପରେ ଜମା ହେଲା ସବୁ । ବ୍ରେସ୍‌ଲେଟ୍, କର୍ଣ୍ଣଭୂଷା, ମୁକ୍ତାର କଣ୍ଠି, ଆଉ ସାପର ଚକ୍ଷୁ ପରି ଅଙ୍ଗୁରୀୟକ, ହୀରାର ନେକ୍‌ଲେସ୍ ।

ରାଜାରାମ ବୁଝାଇବାକୁ ଲାଗିଲା—ଦେଖନ୍ତୁ, ଛୋଟ ଛୋଟ ତାଜା ରକ୍ତ ବିନ୍ଦୁପରି ଯାହାସବୁ ଦେଖୁଛନ୍ତି ସେଗୁଡ଼ିକ ଅସଲି ପଥର । ରତ୍ନଗଡ଼ର ଦେଓ୍ୱାନ ବାହାଦୁରଙ୍କ ଘରେ ଏ ଜିନିଷ ଆପ ଦେଖି ସକ୍‌ତେ । ଏହି ମୁକ୍ତାର କଣ୍ଠି, ହୀରାଲାଲ

ଉନ୍‌କା ତମାମ୍ ଗଡ଼ ଭୁଣ୍ଡକେ ଦେଖାଉଛ ଏସା ଚିଜ୍—ଦେଖୋଁ କେତ୍‌ନା ହିମ୍ମତ୍ । ଏସବୁ ମୁକ୍ତା ନୁହେଁ ହଜୁର, ମୁକ୍ତା ନୁହେଁ, ସୁନ୍ଦରୀ ଔରତକା ଅଶ୍ରୁ ବିନ୍ଦୁ ।···ଆଉ ଦେଖିଯେ ବହୁତ୍ ଅଛି ଚିଜ୍···ହୀରାର ନେକ୍‌ଲେସ୍‌ଟିକୁ ରାଜାରାମ ଉଠାଇ ନେଲା । ପଥର ଗୁଡ଼ିକର ନୀଳାଭଦ୍ୟୁତି ଆଖି ଝଲସାଇ ଦେଲା ସମସ୍ତଙ୍କର ।

ଖାଣ୍ଟି କମଲ-ହୀରା ଜନାବ୍, ଖାଣ୍ଟି କମଲ ହୀରା । ଏ ସବୁ ଆପଣ ଛଡ଼ା ଆଉ କିଏ ଚିହ୍ନିବେ ଲାଲଜୀ ସାହେବ ? ଠିକ୍ ଏହି ଜିନିଷ କେବଳ ମିଳିପାରେ ବରୋଦାର ଗାଏ-କୋବାଡ଼ର ସିନ୍ଦୁକରେ । ମାଣିକରାମ ଲଛମୀ ପ୍ରସାଦ ଖାଣ୍ଟି ମାଲ୍ ଛଡ଼ା ଝୁଟା କାରବାର କରେନା, ହଜୁର—ଔର ଡିଜାଇନ୍‌ଭି ଦେଖିଯେ ।

ରାଜାରାମର ଉଲ୍ଲାସରେ ବାଧାଦେଇ ଲାଲଜୀ ଶାନ୍ତ କଣ୍ଠରେ କହିଲା—ସବୁ ଗୁଡ଼ିକର ଦୁଇଟି ସେଟ ଅଛିତ ?

—ଜୀ, ହାଁ !

—ତାହାହେଲେ ଗୋଟିଏ ସେଟ୍‌ର ଦାମ୍ କଷନ୍ତୁ । ଟିକିଏ ତଅଁଳ କରିବେ । ମୋର ଜରୁରୀ କାମ ଅଛି ।

ଲୋଭରେ ଚକ୍ ଚକ୍ ଦେଖାଗଲା ରାଜାରାମର ଚକ୍ଷୁଦୁଇଟି । କାଉଣ୍ଟରରୁ ପେନ୍‌ସିଲ ଓ ପ୍ୟାଡ୍ ନେଇ ହିସାବ କରିବାକୁ ଲାଗିଲା ।

ଲାଲଜୀ ଘଡ଼ି ଦେଖିବାକୁ ଲାଗିଲା, ଆଠଟା ବାଜିବାକୁ ୧୭ ମିନିଟ୍ ବାକି ।

ଦଶମିନିଟ ପରେ ଭାଉଚର ଖଣ୍ଡିକ ହାତରେ ଧରି ରାଜାରାମ ବିନୀତ ଭାବେ କହିଲା । —ସବୁ ମିଶି ତବଶ ହଜାର

ଯାତଣ' ତେପନ୍ ଟଙ୍କା ହେଲ ଲଲଜୀ ସାହେବ—ଆପଣଙ୍କ ପକ୍ଷରେ ଯଥେଷ୍ଟ ଅଳ୍ପ ।

ମୃଦୁ ହସି ଲଲଜୀ କହିଲ—ତା ନିଶ୍ଚୟ । ଜିନଷ ଗୁଡ଼ିଏ ଟିକେ ଭଲଭାବେ ପ୍ୟାକିଂ କରାଇ ଦିଅନ୍ତୁ ।

ନିକଟସ୍ଥ କର୍ମଚାରୀଟିକୁ ରାଜାରାମ ଆଦେଶ ଦେଲ । ତା' ପରେ ଅମାୟିକ ଭାବେ ହସି କାନରେ କହିଲପରି କହିଲ— ବିଲ୍‌ଟା ତିଆରି କରିଦିଏ ?

— ବିଲ୍ !—ଲଲଜୀ କହିଲ ।··· ଆପଣ ବିଲ୍ ତିଆରି କରି ପାରନ୍ତି, ରାଜାରାମବାବୁ—କିନ୍ତୁ ମୁଁ କହୁଥିଲ କଣକି, ବିଲ୍ ତିଆରି କରିବା ଅର୍ଥ, ସେଲ୍‌ଟ୍ୟାକ୍‌ସ ବାବଦକୁ କେତେଗୁଡ଼ିଏ ଟଙ୍କା ଗଭର୍ଣ୍ଣମେଣ୍ଟକୁ ଦେବାକଥା । ମୁଁ କିନ୍ତୁ ଏ ସବୁ ଆମ୍ଭ-ମାନଙ୍କର ବୋକାମି ବୋଲି ମନେକରେ । ଜିନଷ ନେଲି ମୁଁ । ତା ବଦଳରେ ଟଙ୍କା ପାଇଲେ ଆପଣ—ତୃତୀୟ ପକ୍ଷକୁ ଦଲାଲି ଦେବା ବୋକାମି ନୁହେଁକି ?

ଗମ୍ଭୀର ଭାବେ ରାଜାରାମ ଦୁଇଥର ମୁଣ୍ଡ ହଲାଇଲ । ଯାହାର ଅର୍ଥ ହୁଁ ଓ ନାଁ ଉଭୟ ହୋଇପାରେ ।

ଲଲଜୀ ପୁନର୍ବାର କହିଲ—ଆଉ ମଧ୍ୟ ଚବିଶ ହଜାର ଟଙ୍କା ଉପରେ ଯଦି ଆମ୍ଭେମାନେ ସେଲଟ୍ୟାକସ ହିସାବ କରୁ ତାହାହେଲେ ଅନେକଗୁଡ଼ିଏ ପଡ଼ିବ, ଯେଉଁ ଟଙ୍କାରୁ କି ପଇସାଟିଏ ହେଲେ ଆପଣଙ୍କ ହାତକୁ ଆସିବ ନାହିଁ । ବିଲ୍ ତିଆରି କରି କୌଣସି ଲଭ ନାହିଁ, ବରଂ ପୁରା ପଚିଶହଜାର ଟଙ୍କାଟି ଆପଣ ନିଅନ୍ତୁ । ସେଲ୍‌ଟ୍ୟାକ୍‌ସରୁ ଅନ୍ତତଃ କିଛିହେଲେ ମୁଁ ରକ୍ଷା ପାଇଲି, ଆଉ ଆପଣ ମଧ୍ୟ କିଛି ପାଇଗଲେ ।

ଲଲଜୀ ହାତଘଡ଼ିଟିକୁ ଆଉ ଥରେ ଦେଖିଲା—ଆଠଟା ବାଜିବାକୁ ୫ମିନିଟ୍ ।

ରାଜାରାମ ବିନୀତଭାବେ କହିଲା—ଆପଣଙ୍କପରି ମେହେ-ମାନ୍‌ର କଥା ନ ରଖିବି କପରି ଲଲଜୀ ସାହେବ !

—ସଚ୍ଚା ବ୍ୟବସାୟୀ ପରି କଥାଟା କହିଛନ୍ତି, ରାଜାରାମବାବୁ । ...ପାନ ନିଅନ୍ତୁ...ହସି ହସି ରାଜାରାମ ଆଉ ଦୁଇଖଣ୍ଡ ପାନ ଧ୍ୱଂସ କଲା ।

ଲଲଜୀର ଦୃଷ୍ଟି ରିଷ୍ଟ ଓ୍ୱାଚ୍ ଆଡ଼େ ଆଠଟା ବାଜିବାକୁ ତିନିମିନିଟ୍ ବାକି ।

—ନଗଦ ବେଶି ନାହିଁ, ଚେକ୍ ଦେବି ?

ପ୍ରାୟ ଅବନତ ହୋଇ ରାଜାରାମ କହିଲା ଦିଅନ୍ତୁ । କିଏ ନ ଜାଣେ ଯେ, ଲଲଜୀଙ୍କର ଓ ସରକାରୀ ଚେକ୍‌ରେ କୌଣସି ପ୍ରଭେଦ ନାହିଁ ।

ହସି ହସି ଲଲଜୀ ପଞ୍ଜାବୀର ଡାହାଣ ପକେଟ୍‌ରେ ହାତ ପୂରିଲି କଲା—ତା'ପରେ ବାଁ ପକେଟ୍‌ରେ ! ତା' ପରେ ଅତ୍ୟନ୍ତ ଚିନ୍ତିତ ଭାବେ କହିଲା ବଡ଼ ଭୁଲ ହୋଇଯାଇଛି, ରାଜାରାମ-ବାବୁ । ତରତରରେ ବାହାରି ପଡ଼ି ଚେକ୍ ବହିଟିକୁ ଆଣିବାକୁ ଭୁଲିଯାଇଛି । ବର୍ତ୍ତମାନ କଣ କରାଯିବ ?

ରାଜାରାମ ଆଶ୍ୱାସନା ଦେଇ କହିଲା—କୁଛ୍ ପରୱା ନେହିଁ । ମୋର କ୍ଲର୍କ ଆପଣଙ୍କ ସାଙ୍ଗରେ ଯାଉଛି, ତା' ହାତରେ ଲେଖି ପଠାଇ ଦେବେ । ଲେକିନ୍ ଆପଣ ଅଭି ହୋଟେଲକୁ ଯିବେତ ?

—ନଯାଇ ଉପାୟ କ'ଣ ।

ଘଡ଼ିରେ ସେତେବେଳେ ଠିକ୍ ଆଠଟା ।

କାଉଣ୍ଟର ପାଖରେ ଠିଆ ହୋଇଥିବା ଜଣେ କର୍ମଚାରୀଙ୍କୁ ଡାକି ରାଜାରାମ କହିଲା—ଲାଲଜୀ ସାହେବଙ୍କ ପାଇଁ ଚେକ୍ ଟିକୁ ନେଇଆସ । ଖୁବ୍ ହୁସିଆର୍ ସେ ଆଁ'ନା—

ଫିକା କମଳା ରଙ୍ଗର ଶାଲ୍ ଟିକୁ କାନ୍ଧରେ ପକାଇ ପାନ-ଡିବାଟିକୁ ହାତରେ ଧରି ଲାଲଜୀ ଉଠିଲା—ଆଉ ଠିକ୍ ସେହି ମୂହୂର୍ତ୍ତରେ ଦାମୀ ଚକଲେଟ୍ ରଙ୍ଗର ଖଣ୍ଡିଏ କାର୍ ଆସି ବ୍ରେକ୍ କଷିଲା ଗେଟ୍ ପାଖରେ ।

ଡ୍ରାଇଭର୍ ଦ୍ୱାର ଖୋଲି ଦେବା ମାତ୍ରେ ଗାଡ଼ିରୁ ଓହ୍ଲାଇ ପଡ଼ିଲା ଗୋଟିଏ ଅଳ୍ପ ବୟସ୍କା ଯୁବତୀ । ଘନ ସବୁଜ ରଙ୍ଗର ଜର୍ଜେଟ୍ ଶାଢ଼ୀ ଆବରଣରେ ସୁଠାମ ଦେହର ବର୍ଣ୍ଣଚ୍ଛଟା ଯେପରିକି ମେଘମାଳା ଭିତରେ ସୌଦାମିନୀ ପରି ବନ୍ଦିନୀ । ଦେହର ବର୍ଣ୍ଣ ଓ ସର୍ବାବୟବର ଗଠନ ପ୍ରଣାଳୀରେ ଯୁବତୀଟି ଅସାମାନ୍ୟ ସୁନ୍ଦରୀ ବୋଲି ମନେହୁଏ ।

ସବୁଜ ମଖମଲ ଉପରେ ଜରିର କାମକରା ଭ୍ୟାନିଟି ବ୍ୟାଗଟିକୁ ହାତରେ ଝୁଲାଇ ଛନ୍ଦାୟିତ ଭଙ୍ଗୀରେ ଦୋକାନ ଉପରକୁ ଉଠିଆସିଲା । ଲାଲଜୀର ଆଖିରେ ମୁଖରେ ପ୍ରଫୁଲ୍ଲତାର ଆଭା ଫୁଟି ଉଠିଲା ତରୁଣୀଟିକୁ ଦେଖିବା ମାତ୍ରକେ ।

—କିଏ, ରୁକ୍ମଣୀ ! ଆସ—ଆସ—ତୁମେ ବୋଧହୁଏ ଈଶ୍ୱର ପ୍ରେରିତ ଠିକ ସମୟରେ ଆସି ପହଞ୍ଚିଯାଇଛ । ଆପଣ-ଙ୍କର କର୍ମଚାରୀଟିକୁ ଆଉ କଷ୍ଟ କରି ମୋର ହୋଟେଲଯାଏ ଯିବାକୁ ହେବ ନାହିଁ, ରାଜାରାମବାବୁ ! ରୁକ୍ମଣୀ ଯେତେବେଳେ ଆସି ପହଞ୍ଚିଯାଇଛି, ଏଇଠି ମୁଁ ସବୁ ବନ୍ଦୋବସ୍ତ କରିଦେଉଛି ।

...ରୁକ୍ମଣୀକୁ ଚିହ୍ନନ୍ତି ତ', ରାଜାରାମବାବୁ । ଚିହ୍ନନ୍ତି ନାହିଁ ? ଆଶ୍ଚର୍ଯ୍ୟ । ସାର୍ ଜଗଦୀଶ ପ୍ରସାଦଙ୍କର ଗୋଟିଏ ବୋଲି ଝିଅ,

ଅଲ୍ ଇଣ୍ଡିଆ ଟେନିସ୍ ଚମ୍ପିୟାନ୍—ସହରର ଲାଇଟ୍‌ପୋଷ୍ଟ ଗୁଡ଼ିକ ସୁଦ୍ଧା ଯାହାଙ୍କୁ ଚିହ୍ନନ୍ତି, ଆପଣ ତାଙ୍କୁ—

ନିଜର ଅଜ୍ଞତା ଘୋଡ଼ାଇବା ଉଦ୍ଦେଶ୍ୟରେ ରାଜାରାମ କହିଲା—ହୁଁ, ଚିହ୍ନା-ଚିହ୍ନା ମନେହେଉଛି—ବୋଧହୁଏ ଖବର କାଗଜରେ ଛବି ଦେଖିଛି ନା କଣ ! ···ନମସ୍ତେ ଦେବୀଜୀ ।

କୁନ୍ଦଦନ୍ତ ବିକଶିତ ହେଲା ରୁକ୍ମଣୀର । ଲାଲଜୀ ଆଡ଼େ ମୁହଁ ଫେରାଇ ନେଇ କହିଲା ଆପଣ ଏଠାରେ ? ବୋଧହୁଏ ଗହଣା କିଣିବାକୁ ଆସିଥିଲେ । କଣ କିଣିଲେ ଦେଖେ ?

ଦେଖିବ, କିନ୍ତୁ ଆଗେ ମୋତେ ଉଦ୍ଧାର କରନ୍ତୁ’ ।

ରୁକ୍ମଣୀ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲା ଲାଲଜୀଙ୍କୁ ।

ଲାଲଜୀ କହିଲା—ବିପଦ ଆସେ କେମିତି ଦେଖନ୍ତୁ । ଗହଣାଗୁଡ଼ିକ କିଣି ପକେଟରେ ହାତ ଦେଇ ଦେଖେ—ପକେଟ୍ ଶୂନ୍ୟ । ଚେକ୍ ବହିଟିକୁ ଆଣିବାକୁ ଭୁଲି ଯାଇଛି । ( ଟିକିଏ ରହି ) ତୁମେ ବୋଧହୁଏ ସାଙ୍ଗରେ ଚେକ୍ ବହି ଆଣିଛ ? ଦୟାକରି ତରଁଙ୍କ ଖଣ୍ଡିଏ ଚେକ୍ ଲେଖିଦିଅନ୍ତ ।

ବଙ୍କିମ କଟାକ୍ଷ ହାଣି ରୁକ୍ମଣୀ ଉତ୍ତର ଦେଲା—ଦୟାକରି ନୁହେଁ, ସେବା । ଲାଲଜୀଙ୍କର ସାମାନ୍ୟ ଟିକିଏ ସେବା କରି ମୁଁ ଆଜି ଧନ୍ୟ ହେଲି ।

ଭ୍ୟାନିଟି ବ୍ୟାଗ୍‌ଟିକୁ ଖୋଲି, ଚେକ୍ ବହି ବାହାର କରି କହିଲା—କେତେ ?

—ପଚିଶ ହଜାର ।

ରୁକ୍ମଣୀ ଚେକ୍‌ଟି ଲେଖିବାକୁ ଯାଉଛି ଲାଲଜୀ କହିଲା—ଟିକିଏ ରୁହ, ରୁକ୍ମଣୀ ! ଆଗେ ରାଜାରାମବାବୁଙ୍କୁ ପଚାରେ ଏ ଚେକ୍ ଚଳିବ କି ନାହିଁ ।

ରାଜାରାମ ଯେପରି ଲଜ୍ଜାରେ ଅବନତ ହୋଇ ପଡ଼ିଲା । କାନରେ ଆଙ୍ଗୁଳି ଦେଇ କହିଲା—ସୀୟାରାମ୍ ! ସୀୟାରାମ୍ ! ସାର୍ ଜଗଦୀଶ ପ୍ରସାଦଙ୍କର ଲଡ଼କୀର ଚେକ ଯଦି ନ ଚଳେ ତାହାହେଲେ ସରକାରଙ୍କର ନୋଟ୍ ଭି ନେହି ଚଲେଗା !

ଲାଲଜୀ ହସିହସି କହିଲା—ଆପଣ ବଡ଼ ସମଝଦାର, ରାଜାରାମବାବୁ !...ତାହାହେଲେ ଚେକ୍ଟି ଆପଣଙ୍କର କୋମ୍ପାନୀ ନାମରେ ଲେଖା ହେଉ ।

ରୁକ୍ମଣୀ ଚେକ୍ ଖଣ୍ଡିଏ ଲେଖି ଲାଲଜୀ ହାତକୁ ଦେଲା ଓ ଲାଲଜୀ ରାଜାରାମର ହାତକୁ ଦେଇ କହିଲା—ଦେଖନ୍ତୁତ ଠିକ୍ ଅଛି କି ନାହିଁ ?

ରାଜାରାମ ଚେକଟିକୁ ପଢ଼ି ନେଇ କହିଲା—ଜୀ, ହଁା !

—ଆଚ୍ଛା, ତେବେ ଆସେ !...ରୁକ୍ମଣୀ, କାଲି ସକାଳେ ମୁଁ ତୁମ ପାଖକୁ ମୋର ଚେକ୍ ଖଣ୍ଡିକ ପଠାଇ ଦେବି । ଧନ୍ୟବାଦ ତୁମକୁ ।

ଯିବା ପାଇଁ ପ୍ରସ୍ତୁତ ହେଉଛି ଲାଲଜୀ, ରୁକ୍ମଣୀ କହିଲା—ବାଃ, ଚାଲିଯାଉଛନ୍ତି ଯେ,—କ'ଣ ସବୁ କିଣିଲେ ଦେଖାଇବେ ନାହିଁ ?

—ବେଶି କିଛି ନୁହେଁ, ଦେଖିପାର ।

ଲାଲଜୀର ଇଙ୍ଗିତରେ କର୍ମଚାରୀଟି ପ୍ୟାକେଟ୍ ଖୋଲି ସବୁ ଦେଖାଇଲା । ଦେଖି ସାରିବା ପରେ ରୁକ୍ମଣୀ କହିଲା—ତୁମର ପସନ୍ଦତ' ମନ୍ଦ ନୁହେଁ, ଲାଲଜୀ ।

ସୂକ୍ଷ୍ମ ଅର୍ଥପୂର୍ଣ୍ଣ ହସ ହସିଲା ଲାଲଜୀ ।

ଷ୍ଟୁଡ଼ିବେକାର ଗାଡ଼ି ଖଣ୍ଡିକ କ୍ରମେ ଅଦୃଶ୍ୟ ହୋଇ ଗଲା ।

ଗାଡ଼ି ଖଣ୍ଡିକ ଅଦୃଶ୍ୟ ହେବାପରେ ରୁକ୍ମଣୀ କହିଲା—ଦେଖନ୍ତୁ, ରାଜାରାମବାବୁ ! ଲାଲଜୀ ଯେଉଁ ଜିନଷଗୁଡ଼ିକ ନେଇଛନ୍ତି ସେହିପରି ଗୋଟିଏ ସେଟ୍ ମୁଁ ନେବି । ଜିନଷଗୁଡ଼ିକ ମୋର ପସନ୍ଦ ହୋଇଛି ।

ରାଜାରାମ ବିନୀତଭାବେ ନିବେଦନ କଲା—ଆଉ ଗୋଟିଏ ମାତ୍ର ସେଟ୍ ଅଛି, ରୁକ୍ମଣୀ ଦେବୀ ! ଲାଲଜୀ ତାଙ୍କର ଝିଆରୀର ବାହାଘର ପାଇଁ ନେବେ ବୋଲି ବାଛି ରଖି ଯାଇଛନ୍ତି ।

ଉଦାର କଣ୍ଠରେ ରୁକ୍ମଣୀ କହିଲା—ତାହାହେଲେ ଆଉ ଉପାୟ କଣ ! ଲାଲଜୀକୁ ଅପଣ କଥା ଦେଇଛନ୍ତି···ଆଚ୍ଛା, ଆସୁଛି ରାଜାରାମବାବୁ !

ସୋଫା ଛାଡ଼ି ରୁକ୍ମଣୀ ଉଠିଲା । ଏତେବଡ଼ ରାଗଖଟି ହାତଛଡ଼ା ହେଉଥିବା ଦେଖି ରାଜାରାମ ସମବ୍ୟସ୍ତରେ କହିଲା—ନା; ଜବାବ୍ ସେମିତି କିଛି ନୁହେଁ । ଜବାବ୍ ଦେଲେ ସୁଦ୍ଧା, ସାର୍ ଜଗଦୀଶ ପ୍ରସାଦଙ୍କ ଲଡ଼କୀ ଯେତେବେଳେ ମାଲ୍ ପସନ୍ଦ କରିଛନ୍ତି, ଜରୁର ଦେବାକୁ ହେବ ।

—ତେଣିକି ଆପଣଙ୍କ ଇଚ୍ଛା···ରୁକ୍ମିଣୀର ଆଖିରେ ମୁଖରେ ଗୂଢ଼ ଉଦାସୀନତା ।

—ଜିନିଷଗୁଡ଼ିକ ଦେଖିନିଅନ୍ତୁ ତାହାହେଲେ ।

ଆଲମାରୀରୁ ଆସିଲା ପୁଣିଥରେ ବ୍ରେସଲେଟ, କର୍ଣ୍ଣଭୂଷା, ମୁକ୍ତାର କଣ୍ଠି ଓ କମଳହୀରାର ନେକ୍‌ଲେସ । ସବୁଗୁଡ଼ିକ ଦେଖିନେଇ ରୁକ୍ମିଣୀ କହିଲା—ପ୍ୟାକ କରି ଗାଡ଼ିରେ ରଖି ଦେବାକୁ କହନ୍ତୁ, ଆଉ ଆପଣ ଶୀଘ୍ର ବିଲ ତିଆରି କରନ୍ତୁ ।

ପ୍ରକାଣ୍ଡ କଚ୍ଛପ ପରି ବିପୁଳ ଦେହଟିକୁ ହଲାଇ ହଲାଇ ରାଜାରାମ କାଉଣ୍ଟରର ପାଖକୁ ଆସି ବିଲ ତିଆରି କଲା । ରୁକ୍ମିଣୀ ଭ୍ୟାନିଟି ଖୋଲି ଗ୍ଲେଟ ଖଣ୍ଡିଏ ଅଇନା ବାହାର କରି ପଫ୍‌ଟିରେ ପାଉଡ଼ର ନେଇ ମୁହଁରେ ବୁଲାଇ ଦେଲା, ତା'ପରେ ଅଇନା ଓ ପାଉଡ଼ର ପଫ୍‌ଟିକୁ ବ୍ୟାଗ୍ ଭିତରେ ରଖିଲା ।

ରାଜାରାମ ବିଲ୍‌ଟି ଧରି ଠିଆ ହେଲା ସାମନାରେ । ସେଲ୍‌ଟ୍ୟାକସ ମିଶାଇ ପଚିଶ ହଜାରରୁ ବେଶି ହୋଇଛି ଦେଖି ରୁକ୍ମଣୀ କହିଲା—ଏ ସବୁ କଣ ! ଲାଲଜୀ ଦେଲେ ପଚିଶ ହଜାର ଆଉ ମୋ' ବେଳକୁ ଏତେ ବେଶି । ଲାଲଜୀତ ଯାହାସବୁ ନେଇଛନ୍ତି ମୁଁ ତ ଆଉ ତାଙ୍କ ଅପେକ୍ଷା ଅଧିକ କିଛି ନେଇନାହିଁ ! ଆପଣଙ୍କର ବିଚାରତ' ଚମତ୍କାର, ରାଜାରାମବାବୁ !

ଅତ୍ୟନ୍ତ ଅପ୍ରସ୍ତୁତ ହୋଇ ରାଜାରାମ ମୁଣ୍ଡ କୁଣ୍ଡାଉ କୁଣ୍ଡାଉ କହିଲା—ମାନେ—ମାନେ, ଲାଲଜୀ ସେଲ୍‌ଟ୍ୟାକ୍‌ସ ଦେବାକୁ—

କଠିନ କଣ୍ଠରେ ରୁକ୍ମିଣୀ କହିଲା—ପଚିଶ ହଜାରରୁ ପଇସାଟିଏ ହେଲେ ସୁଦ୍ଧା ମୁଁ ବେଶି ଦେବି ନାହିଁ, ତେଣିକି ଆପଣଙ୍କ ଇଚ୍ଛା ।

ଅଗତ୍ୟା ରାଜାରାମ ବିଲ୍‌ଟିକୁ କଟା କଟି କରି ସଂଶୋଧନ କରି ଆଣିଲା । ରୁକ୍ମଣୀ ବିଲ୍‌ଟିକୁ ନେଇ ଭ୍ୟାନିଟି ବେଗ୍‌ରେ ରଖି ରଜ ଭଙ୍ଗିରେ ଦ୍ୱାରଆଡ଼କୁ ଆଗେଇ ଗଲା । ପଛେ ପଛେ ଆସି ରାଜାରାମ ଅମାୟିକ ଭାବେ ବିନୀତ ସ୍ୱରରେ କହିଲା—ଥେଙ୍କ୍‌ସ ।

ଗୋଟାଏ ଘୂର୍ଣ୍ଣିପାକ ଦେଇ ରୁକ୍ମଣୀ ଫେରି ଚାହିଁଲା । ରାଜାରାମ ରୁଦ୍ଧ ନିଃଶ୍ୱାସରେ ପ୍ରତ୍ୟାଶା କରିଥିଲା ରୁକ୍ମଣୀ ହୁଏତ

ସଲଜ୍ଜଭାବେ ମାର୍ଜନା ଭିକ୍ଷା କରିବ, ହୁଏତ ମଧୁର ହସ ହସି କହିବ—ଇସ୍, କେଡ଼େ ଭୁଲ୍ କରିଛି ମୁଁ । ଆଉ, ରାଜାରାମ ଭଦ୍ରତାରେ ବିଗଳିତ ହୋଇ କହିବ—ନା, ନା, ସେ ସବୁ କଣ !

କିନ୍ତୁ ରୁକ୍ମଣୀର ଆଖି ମୁଖରେ ଲଜ୍ଜାର ରକ୍ତିମା କିମ୍ବା କୁଣ୍ଠାର ଜଡ଼ତା ନାହିଁ । ଦୃପ୍ତ କଠିନ ଭଙ୍ଗୀରେ ରାଜାରାମର ମୁହଁକୁ ଚାହିଁ ସ୍ପଷ୍ଟ ଗଳାରେ ପ୍ରଶ୍ନ କଲା—କି ଚେକ୍ ?

ରାଜାରାମ ଯେପରି ପ୍ରବଳ ଧକ୍କା ଖାଇଲା । ଢୋକଗିଳି କହିଲା—ମାନେ, ଏହି ଗହଣା ସବୁର ଦାମ୍ ।

ପରିଷ୍କାର ଭାବେ ଉତ୍ତର ଦେଲା ରୁକ୍ମଣୀ—ଚେକ୍‌ତ' ମୁଁ ଆଗରୁ ଦେଇଛି, ପୁରା ପଚିଶହଜାର ।

ହତଭମ୍ବ ରାଜାରାମ ରୁକ୍ମଣୀକୁ ଚାହିଁଲା । ପାନ ରସରେ ରଞ୍ଜିତ ଓଠଟି ଫୁଲି ପଡ଼ିଲା ବୋକାଙ୍କ ପରି । ସାହସ ସଂଗ୍ରହ କରି ଅତି କ୍ଷୀଣକଣ୍ଠରେ କହିଲା—ସେ ଚେକ୍‌ଟିତ' ଲଲଜୀଙ୍କ ପାଇଁ—

—ଲଲଜୀକୁ ମୁଁ ଚିହ୍ନେନା ।

କଥାଗୁଡ଼ିକ ବୋମାର ସ୍ପ୍ଲିନ୍‌ଟରର ପରି ପ୍ରଚଣ୍ଡବେଗରେ ଆଘାତ କଲା ରାଜାରାମର ହୃତ୍‌ପିଣ୍ଡକୁ । ପଲକ ଭିତରେ ମୁଣ୍ଡ-ଟା'ର ଘୂରିଗଲା । ଦିଲ୍ଲଗୀ ନା, ଆଉ କିଛି କୁମତଲବ ଅଛି ଏହି ତରୁଣୀଟିର ? ସାର ଜଗଦୀଶ ପ୍ରସାଦଙ୍କ ପରି ସରିଫ୍ ଆଦମୀକା ଲଡ଼କୀ । ଗଳାରେ ଯଥାସମ୍ଭବ ଶକ୍ତି ସଞ୍ଚୟ କରି ରାଜାରାମ କହିଲା, ବଡ଼ି ତାଜ୍ଜୁବ କି ବାତ୍ । ପାଞ୍ଚ ମିନିଟ ଆଗରୁ ଆପଣ ଲାଲଜୀଙ୍କ ସାଙ୍ଗରେ କଥାବାର୍ତ୍ତା କଲେ, ତାଙ୍କ ପାଇଁ ଚେକ୍ ଦେଲେ, ଆଉ କହୁଛନ୍ତି ଲାଲଜୀଙ୍କୁ ଆପଣ ଚିହ୍ନନ୍ତି

ନାହିଁ । ଚିହ୍ନନ୍ତୁ ବା ନ ଚିହ୍ନନ୍ତୁ, ମାଲ୍ ନେଇଛନ୍ତି, ଦାମ୍ ଦେଇଯାନ୍ତୁ । ତାହା ନହେଲେ ଗାଡ଼ିରୁ ମାଲ୍ ୱାପସ୍ ଆଣିବି ।

ତୀକ୍ଷ୍ଣ ବିଦ୍ରୂପର ହସରେ ରୁକ୍ମଣୀର ଆରକ୍ତ ଓଷ୍ଠ ଦୁଇଟି ଦ୍ୱିଧା ବିଭକ୍ତ ହେଲା । ବେଶ୍, ଯଦି ପାରନ୍ତି ତ' ଗାଡ଼ିରୁ ନେଇ ଆସନ୍ତୁ ।

ରାଜାରାମ ଅଧୈର୍ଯ୍ୟ ଭାବେ ଦୌଡ଼ିଲା ଚକ୍ଲେଟ୍ ରଙ୍ଗର ଗାଡ଼ିଟି ପାଖକୁ । କିନ୍ତୁ ହାୟ, ଗାଡ଼ିରେ ଗହଣାର ପ୍ୟାକେଟ୍ ନାହିଁ, ଡ୍ରାଇଭର ମଧ୍ୟ ନାହିଁ ।

ପାଗଳପରି ଚିତ୍କାର କରୁ କରୁ ରାଜାରାମ ଦୋକାନ ଭିତରକୁ ଆସିଲା—ଜୁଆଚ୍ଚୋରି, ସେଫ ଜୁଆଚ୍ଚୋରି—ମୁଁ ପୁଲିସକୁ ଫୋନ କରିବି—କମିଶନରଙ୍କୁ ଡାକିବି—କହିବି, ମୋତେ ଚିଟ୍ କରିଛି—ପଚିଶ ହଜାର ଟଙ୍କାର ଗହଣା ମୋ' ପାଖରୁ ଠକି ନେଇଛି ।—ହାୟ ହନୁମାନଜୀ, ହାୟ ରାମ—

ଟେଲିଫୋନ୍ ରିସିଭର୍ ଉଠାଇ ରାଜାରାମ ପରିତ୍ରାହି ସ୍ୱରରେ କହିଲା—ହ୍ୟାଲୋ, ଲାଲ୍‌ବାଗ ।

ଗୋଳମାଳ ଶୁଣି ଦୋକାନର କର୍ମଚାରୀମାନେ ଆସି ଘେରି ଠିଆହେଲେ । ଜଣେ ଚିତ୍କାର କରି କହିଲା—ଫାଟକ ବନ୍ଦକର ।

ଖଟାସ୍ କରି କୋଠାଏ ଧାତବ ଶବ୍ଦ ହେଲା । ରୁକ୍ମଣୀ ଦେଖିପାରିଲା, ଫାଟକର ପ୍ରହରୀଦ୍ୱୟ ହାତରେ ଧରିଥିବା ବନ୍ଧୁକର ସଙ୍ଗୀନ ଦୁଇଟିକୁ ଗୁଣନ ଚିହ୍ନ ଆକାରରେ ରଖି ଦ୍ୱାର ଜଗି ସାମରିକ ପ୍ରଥାରେ ଛିଡ଼ାହେଲେ ।

ରୁକ୍ମଣୀ ରାଜାରାମର ସାମନାକୁ ଆସି ସତେଜ କଠିନ କଣ୍ଠରେ କହିଲା—ଶୁଣନ୍ତୁ, ବୃଥାରେ ଚିତ୍କାର କରିବେ ନାହିଁ ।

ଉନ୍ମତ୍ତଙ୍କ ପରି ରାଜାରାମ କହିଲା—ପୁଲିସ ଆସିଲେ ମୁଁ
ସବୁ କହିବି, ସାର୍ ଜଗଦୀଶ ପ୍ରସାଦଙ୍କର ଲଡ଼କୀକୁ ମୁଁ
ଜେଲ୍‌ରେ ଭର୍ତ୍ତି କରାଇବ !

ଆରକ୍ତ ଓଷ୍ଠ ଦୁଇଟି ଉପରେ ସୂକ୍ଷ୍ମ ବାଙ୍ଗ୍ୟର ହସ
ଦେଖାଗଲା । ରାଜାରାମର ମୋଟା ଗଳାର ସ୍ୱରକୁ ଅବଜ୍ଞା କରି
ରୁକ୍ମଣୀର ମିହି ଗଳାର ସ୍ୱର ସୁଉଚ୍ଚ ପର୍ଦ୍ଦାରେ ଉଠିଲା ।
—ପୁଲିଶକୁ କହିବା ପୂର୍ବରୁ ଆପଣ ମନେ ରଖନ୍ତୁ, ଜଣେ
ଭଦ୍ରମହିଳାକୁ ଅନର୍ଥକ ହଇରାଣ କରିଥିବା ହେତୁ ଆପଣ
ଯଥେଷ୍ଟ ଶାସ୍ତି ପାଇବେ । ପୁଲିଶ ଆସିଲେ ମୁଁ କହିବି, ପଚିଶ
ହଜାର ଟଙ୍କାର ଗହଣା ବାବଦକୁ ଆପଣଙ୍କର କୋମ୍ପାନୀ
ନାମରେ ମୁଁ ପଚିଶ ହଜାର ଟଙ୍କାର ଚେକ୍ ଦେଇଛି । ସେହି
ଚେକ୍ ଖଣ୍ଡିକ ଆପଣଙ୍କର କୋଟ୍ ପକେଟ୍‌ରେ ଅଛି ଓ ବାଲ୍‌ଟି
ଅଛି ମୋର ଏହି ବ୍ୟାଗ୍ ଭିତରେ । ତେବେ ସୁଦ୍ଧା ଆପଣ
ଯାନେ ମୋତେ ଯଥେଷ୍ଟ ଅପମାନ କରିଛନ୍ତି । ପୁଲିଶ ଆସିଲେ
ଆପଣଙ୍କର ଏହି ଅଭଦ୍ରତା ମୁଁ ପ୍ରକାଶ କରିଦେବି—ଆପଣଙ୍କ
ବିରୁଦ୍ଧରେ ମୁଁ ଡ୍ୟାମେଜ୍ ସୁଟ୍ କରିବ ।

ସବୁ ଗୋଲମାଲ ମୁହୂର୍ତ୍ତିକ ଭିତରେ ସ୍ତବ୍ଧ ହୋଇଗଲା ।

ରାଜାରାମର ହାତରୁ ରିସିଭରଟି ଖସି ପଡ଼ିଲା । ଡାହାଣ
ହାତ ମୁଠାରେ ରିସିଭର୍‌ଟିକୁ ଧରି ରୁକ୍ମିଣୀ ମଧୁର ସ୍ୱରରେ
କହିଲା—ଏଥର କଣ ପୁଲିସକୁ ମୁଁ ଫୋନ୍ କରିବି, ରାଜାରାମ
ବାବୁ—ନା, ଆପଣ ଦରୱାନ୍‌କୁ ଗେଟ୍ ଖୋଲି ଦେବାକୁ
କହିବେ ।

—ବାକ୍ୟହତ ସ୍ତମ୍ଭିତ ରାଜାରାମର ଲଲାଟ ଉପରେ ଏହି
ପ୍ରବଳ ଶୀତରେ ସୁଦ୍ଧା ବିନ୍ଦୁ ବିନ୍ଦୁ ଝାଳ ଦେଖାଗଲା । ଶୁଷ୍କ

ଓଷ୍ଠ ଦୁଇଟିକୁ ଜିଭ ଦ୍ୱାରା ସିକ୍ତ କରି କୌଣସି ପ୍ରକାରେ ଉଚ୍ଚାରଣ କଲା—ଦରୱାଜା—ଖୋଲ୍ ଦୋ।

ଖଟାସ୍ କରି ପୁନର୍ବାର ଶବ୍ଦ ହେଲା। ରୌପ୍ୟକ୍ଷୁଦ୍ର ସଙ୍ଗୀନ ଦୁଇଟି ପୁନର୍ବାର ଦୁଇକଡ଼କୁ ଚାଲିଆସିଲା।

ପୁଣି ସେହି ବାଦ୍ୟର ତାଳରେ ରୁକ୍ମିଣୀର ଆରକ୍ତ ଓଷ୍ଠ ଦୁଇଟି ଦ୍ୱିଧା ବିଭକ୍ତ ହେଲା। ବିପର୍ଯ୍ୟସ୍ତ ଘର୍ମାକ୍ତ ରାଜାରାମର ଆଡ଼କୁ ଅବଜ୍ଞା ଦୃଷ୍ଟିରେ ଚାହିଁ ରୁକ୍ମିଣୀ କହିଲା—ନମସ୍କାର!...ତା'ପରେ ଦର୍ପିତ ପଦକ୍ଷେପରେ ଆସି ଗାଡ଼ିରେ ଷ୍ଟାର୍ଟ୍ ଦେଲା।

ରାଜାରାମ ବିମୂଢ଼ ଭାବେ ସେହି ଆଡ଼କୁ ଚାହିଁ ରହିଲା। ଚକ୍‌ଲେଟ୍ ରଙ୍ଗର ଗାଡ଼ି ଖଣ୍ଡିକ ଅଦୃଶ୍ୟ ହେବାପରେ ରାଜାରାମ ବିପୁଳ ଚର୍ବିର ପିଣ୍ଡଟିକୁ ଧପ୍ କରି ସୋଫା ଉପରେ ରଖି କହିଲା—ଠାଣ୍ଡା ପାନି ଲାଓ!

ସହରର ଟିକିଏ ଦୂରରେ ଗୋଟିଏ କଫି ହାଉସ। ହିନ୍ଦୁ, ମୁସଲମାନ, ଆଂଲୋ ଇଣ୍ଡିୟାନ ନାନା ଜାତିର ଲୋକମାନଙ୍କର ସଦା ଭିଡ଼ ପଡ଼େ ଏହି କଫି ହାଉସ୍‌ଟିରେ। କଫି କେବଳ ଏଠାକାର ଆକର୍ଷଣୀୟ ବସ୍ତୁ ନୁହେଁ—ପ୍ରଧାନ ଆକର୍ଷଣୀୟ ବସ୍ତୁ ନୃତ୍ୟ, ଆଉ ସୁସଜ୍ଜିତ କ୍ୟାବିନ୍ ଗୁଡ଼ିକ। ରାତି ଆଠଟା ପରେ ଷ୍ଟେଜ୍ ଉପରେ ଯେତେବେଳେ ବିଳାସିନୀ ସୁନ୍ଦରୀ ନର୍ତ୍ତକୀ ମାନଙ୍କର ଅଙ୍ଗ ପ୍ରଦର୍ଶନୀ ଆରମ୍ଭ ହୁଏ, ସେତେବେଳେ ଦୁଇ ପାଖର କ୍ୟାବିନ୍ ଗୁଡ଼ିକ ଭିତରୁ ସୋଡ଼ା ବୋତଲ ଫିଟାଇବାର ଶବ୍ଦ ଶୁଣାଯାଏ। ସହରର ନିଶାଡ଼ି ମାନଙ୍କର ଏହି କଫି ହାଉସ୍‌ଟି ଗୋଟିଏ ପ୍ରଧାନ କେନ୍ଦ୍ର।

ଚକ୍‌ଲେଟ୍‌ ରଙ୍ଗର କାର ଖଣ୍ଡିକ କଫିହାଉସ୍‌ର ଗେଟ୍‌ ପାଖରେ ଆସି ବ୍ରେକ୍‌ କଷିଲା । ସବୁଜ ଜର୍ଜେଟ୍‌ ଶାଢ଼ୀ ପରିହିତା ଗୋଟିଏ ଯୁବତୀ କାରରୁ ଓହ୍ଲାଇ ପଡ଼ିଲା । ମୁହଁରେ କଳାରଙ୍ଗର ନେଟ୍‌ର ସୂକ୍ଷ୍ମ ଆବରଣ ।

ଷ୍ଟେଜ୍‌ ଉପରେ ଅର୍କେଷ୍ଟ୍ରା ସହଯୋଗରେ ଚାଲିଛି ନୃତ୍ୟ—ଲୋକ ବେଶି ନାହାନ୍ତି. ସାଧାରଣତଃ ହଲ୍‌ ପରିପୂର୍ଣ୍ଣ ହୁଏ ରାତି ଦଶଟାରେ । ଯୁବତୀଟି ହଲ୍‌ ଭିତରେ ଗୋଡ଼ ଦେବାମାତ୍ରେ ଜଣେ ଦାଢ଼ିଓ୍ୱାଲା "ଶ୍ୟୁ" କପ୍‌ ପିଅୁଥିଲା ଧରି ଯାଉ ଯାଉ କହିଲା—ସାତ ନମ୍ବର କ୍ୟାବିନ୍‌ ।

ଯୁବତୀଟି ହଲ୍‌ର ଚାରିପାଖ ଥରେ ଭଲକରି ଦେଖି-ନେଲା—ତା'ପରେ ଚାଲିଲା ସାତ ନମ୍ବର କ୍ୟାବିନ୍‌ଟି ଆଡ଼େ । କ୍ୟାବିନ୍‌ର ପର୍ଦ୍ଦା ଠେଲି ଦେଇ ଯୁବତୀଟି ଭିତରେ ପ୍ରବେଶ କଲା । ଜଣେ ଯୁବକ "ଜିନ୍‌" ନେଇ ବସିଥିଲା ଭିତରେ, ଦେଖିବାକୁ ଠିକ୍‌ ପୂର୍ବ ପରିଚିତ ଲାଲଜୀ ପରି । ପ୍ରଭେଦ ଏତିକି, ନାକ ତଳେ ସୁନ୍ଦର ଘନକୃଷ୍ଣ ଶ୍ମଶ୍ରୁ—ଆଖିରେ ନାଳରଙ୍ଗର ଗଗ୍‌ଲସ୍‌ ଆଉ ମୁଣ୍ଡରେ ଜରିକାମ-କରା ଲକ୍ଷ୍ନୌ ଟୋପି । ସିଗାରେଟ୍‌ଟି ଲଗାଇବା ପାଇଁ ଯୁବକଟି ଡିଆସିଲି ଜଳାଇଥିଲା । ଯୁବତୀଟି ଘରଭିତରେ ପଶିବା ସାଙ୍ଗେ ସାଙ୍ଗେ କହିଲା—ଆମ୍ଭ ଜୋହରା, ଏତେ ଡେରି କଲ ତୁମ୍ଭେ ।

ଯୁବତୀଟି କଳାରଙ୍ଗର ଓଢ଼ଣିଟିକୁ ଅପସାରଣ କରି ଖଣ୍ଡିଏ ଚେୟାର ଉପରେ ବସି ପଡ଼ିଲା । ଯୁବତୀଟି ରୁକ୍ମିଣୀ, କଫି ହାଉସରେ ସିଏ ଜୋହରା ବୋଲି ପରିଚିତା ।

—କାମଟା ତ' ଏତେ ସହଜ ନୁହେଁ, ଡେରି ହେବା କଥା ।

ଓଷ୍ଠ ଦୁଇଟିକୁ ଜିଭ ଦ୍ୱାରା ସିକ୍ତ କରି କୌଣସି ପ୍ରକାରେ ଉଚ୍ଚାରଣ କଲା—ଦରଓ୍ୟା—ଖ୍ଲୋଲ୍ ଦୋ ।

ଖଟାସ୍ କରି ପୁନର୍ବାର ଶବ୍ଦ ହେଲା । ସୈନ୍ୟଙ୍କର ସଙ୍ଗୀନ ଦୁଇଟି ପୁନର୍ବାର ଦୁଇକଡ଼କୁ ଚାଲିଆସିଲା ।

ପୁଣି ସେହି ବନ୍ଧୁ ପର ହସରେ ରୁକ୍ମଣୀର ଆରକ୍ତ ଓଷ୍ଠ ଦୁଇଟି ଦ୍ୱିଧା ବିଭକ୍ତ ହେଲା । ବିପର୍ଯ୍ୟସ୍ତ ଘର୍ମାକ୍ତ ରାଜାରାମର ଆଡ଼କୁ ଅବଜ୍ଞା ଦୃଷ୍ଟିରେ ଚାହିଁ ରୁକ୍ମଣୀ କହିଲା— ନମସ୍କେ !···ତା'ପରେ ଦର୍ପିତ ପଦକ୍ଷେପରେ ଆସି ଗାଡ଼ିରେ ଷ୍ଟାର୍ଟ ଦେଲା ।

ରାଜାରାମ ବିମୂଢ଼ ଭାବେ ସେହି ଡଗକୁ ଚାହିଁ ରହିଲା । ଚକ୍‌ଲେଟ୍ ରଙ୍ଗର ଗାଡ଼ି ଖଣ୍ଡିକ ଅଦୃଶ୍ୟ ହେବାପରେ ରାଜାରାମ ବିପୁଳ ଚର୍ବିର ପିଣ୍ଡଟିକୁ ଧପ୍ କରି ସୋଫା ଉପରେ ରଖି କହିଲା—ଠାଣ୍ଡା ପାନି ଲଓ !

ସହରର ଟିକିଏ ଦୂରରେ ଗୋଟିଏ କଫି ହାଉସ । ହିନ୍ଦୁ, ମୁସଲମାନ, ଆଂଲୋ ଇଣ୍ଡିୟାନ ନାନା ଜାତିର ଲୋକମାନଙ୍କର ପଦ ରଜ ପଡ଼େ ଏହି କଫି ହାଉସ୍‌ଟିରେ । କଫି କେବଳ ଏଠାକାର ଆକର୍ଷଣୀୟ ବସ୍ତୁ ନୁହେଁ—ପ୍ରଧାନ ଆକର୍ଷଣୀୟ ବସ୍ତୁ ନୃତ୍ୟ, ଆଉ ସୁସଜ୍ଜିତ କ୍ୟାବିନ୍ ଗୁଡ଼ିକ । ରାତି ଆଠଟା ପରେ ଷ୍ଟେଜ୍ ଉପରେ ଯେତେବେଳେ ବିଳାସିନୀ ସୁନ୍ଦରୀ ନର୍ତ୍ତକୀ ମାନଙ୍କର ଅଙ୍ଗ ପ୍ରଦର୍ଶନୀ ଆରମ୍ଭ ହୁଏ, ସେତେବେଳେ ଦୁଇ ପାଖର କ୍ୟାବିନ୍ ଗୁଡ଼ିକ ଭିତରୁ ସୋଡ଼ା ବୋତଲ ଫିଟାଇବାର ଶବ୍ଦ ଶୁଣାଯାଏ । ସହରର ନିଶାଚର ମାନଙ୍କର ଏହି କଫି ହାଉସ୍‌ଟି ଗୋଟିଏ ପ୍ରଧାନ କେନ୍ଦ୍ର ।

ଚକ୍‌ଲେଟ୍‌ ରଙ୍ଗର କାର ଖଣ୍ଡିକ କଫିହାଉସ୍‌ର ଗେଟ୍‌ ପାଖରେ ଆସି ବ୍ରେକ୍‌ କଷିଲା । ସବୁଜ ଜର୍ଜେଟ୍‌ ଶାଢ଼ୀ ପରିହିତା ଗୋଟିଏ ଯୁବତୀ କାର୍‌ରୁ ଓହ୍ଲାଇ ପଡ଼ିଲା । ମୁହଁରେ କଳାରଙ୍ଗର ନେଟ୍‌ର ସୂକ୍ଷ୍ମ ଆବରଣ ।

ଷ୍ଟେଜ୍‌ ଉପରେ ଅର୍କେଷ୍ଟ୍ରା ସହଯୋଗରେ ଚାଲିଛି ନୃତ୍ୟ—ଲୋକ ବେଶି ନାହାନ୍ତି. ସାଧାରଣତଃ ହଲ୍‌ ପରିପୂର୍ଣ୍ଣ ହୁଏ ରାତି ଦଶଟାରେ । ଯୁବତୀଟି ହଲ୍‌ ଭିତରେ ଗୋଡ଼ ଦେବାମାତ୍ରେ ଜଣେ ଦାଢ଼ିଓ୍ୱାଲା "ଶାମ୍ବୁ" କପ୍‌ ପିଆଲା ଧରି ଯାଉ ଯାଉ କହିଲା—ସାତ ନମ୍ବର କ୍ୟାବିନ୍‌ ।

ଯୁବତୀଟି ହଲ୍‌ର ଚାରିପାଖ ଥରେ ଭଲକରି ଦେଖି-ନେଲା—ତା'ପରେ ଚାଲିଲା ସାତ ନମ୍ବର କ୍ୟାବିନ୍‌ଟି ଆଡ଼େ । କ୍ୟାବିନ୍‌ର ପର୍ଦ୍ଦା ଠେଲି ଦେଇ ଯୁବତୀଟି ଭିତରେ ପ୍ରବେଶ କଲା । ଜଣେ ଯୁବକ "ଜିନ୍‌" ନେଇ ବସିଥିଲା ଭିତରେ, ଦେଖିବାକୁ ଠିକ୍‌ ପୂର୍ବ ପରିଚିତ ଲାଲଜୀ ପରି । ପ୍ରଭେଦ ଏତିକି, ନାକ ତଳେ ସୁନ୍ଦର ଘନକୃଷ୍ଣ ଶ୍ମଶ୍ରୁ—ଆଖିରେ ନୀଳରଙ୍ଗର ଗଗଲସ୍‌ ଆଉ ମୁଣ୍ଡରେ ଜରିକାମ-କରା ଲକ୍ଷ୍ନୌ ଟୋପି । ସିଗାରେଟ୍‌ଟି ଲଗାଇବା ପାଇଁ ଯୁବକଟି ଡଂଆସିଲ ଜଳାଇଥିଲା । ଯୁବତୀଟି ଘରଭିତରେ ପଶିବା ସାଙ୍ଗେ ସାଙ୍ଗେ କହିଲା—ଆମ୍ଭ ଜୋହ୍ରା, ଏତେ ଡେରି କଲ ତୁମ୍ଭେ ।

ଯୁବତୀଟି କଳାରଙ୍ଗର ଓଢ଼ଣିଟିକୁ ଅପସାରଣ କରି ଖଣ୍ଡିଏ ଚେୟାର ଉପରେ ବସି ପଡ଼ିଲା । ଯୁବତୀଟି ରୁକ୍ମଣୀ, କଫି ହାଉସରେ ଯିଏ ଜୋହ୍ରା ବୋଲି ପରିଚିତା ।

—କାମଟାତ' ଏତେ ସହଜ ନୁହେଁ, ତେଣି ହବା କଥା ।

—ହୁଁ ।

—ମାହାଙ୍ଗୁ ଆସିଥିଲା ?

—ହଁ ଜିନିଷଗୁଡ଼ିକ ଦେଇ ଯାଇଛି ।

—କାହିଁ, କେଉଁଠି ରଖିଲ ?

ଲାଲଜୀ ଟେବୁଲ ଉପରେ ଥିବା ଗୋଟିଏ ଏ୍ୟାଟିଚି କେସ୍ ଆଡ଼କୁ ସଙ୍କେତ କଲା ।

—ବେଶ୍ ! ଦଶଟା ବାଜିବାକୁ ବସିଛି, ମୁଁ ଗ୍ରୀନ୍ ରୁମ୍‌କୁ ଗ୍ଲଲି, ଠିକ୍ ଦଶଟାରେ ମୋର ନାଚ ।

—ଗ୍ଲଲ, ମୋତେବି ଉଠିବାକୁ ହେବ ।

—କଉଁଠିକି ଯିବ ?

—ଜିନିଷ ଗୁଡ଼ିକକୁ—ଯେତେଶୀଘ୍ର ସମ୍ଭବ ବିକ୍ରି କରି ଦେବାକୁ ହେବ । ଟଙ୍କା ଖୁବ୍ ଦରକାର···ଲାଲଜୀ ଉଠିଲେ ।

ଲାଲ୍···ପଛରୁ ଡାକିଲା ଜୋହରା ।

ଲାଲ୍‌ଜୀ ଫେରି ଗ୍ଲହିଁଲା । ଜୋହରା ପ୍ରାୟ ଲାଲଜୀର କାନେ କାନେ କହିଲା—ଖୁବ୍ ସାବଧାନରେ କାମ କର, ଲାଲ୍ !

—କାହିଁକି ?

—ପଚିଶ ହଜାର ଟଙ୍କାର କ୍ଷୋଭ ରାଜାରାମ ସହଜରେ ସହ୍ୟ କରି ପାରିବ ନାହିଁ, ସେ ନିଶ୍ଚୟ ପୁଲିଶରେ ଖବର ଦେବ ।

—ଲାଲଜୀ ସିଗାରେଟ୍‌ର ଧୂଆଁ ରିଂ କରୁ କରୁ କହିଲା—ହିସାବରେ ଭୁଲ କରୁଛ ଜୋହରା ! ପଚିଶ ହଜାର ନୁହେଁ, ପଚିଶ ଆଉ ପଚିଶ—ପଚାଶ ହଜାର !

—ମାନେ ?

—ମାନେ, ଯେଉଁ ଚେକ୍‌ଟି ତୁମେ ରାଜାରାମଙ୍କୁ ଦେଇ ଆସିଲ, ସେହି ଚେକ୍ ବହିଟିର ଏକାଉଣ୍ଟ ଆଉ-ଷ୍ଟେଟ୍ ବ୍ୟାଙ୍କରେ ନାହିଁ ।

—ସେମାନେ ଯଦି କେସ୍ କରନ୍ତି ?

—କେସ୍ କଲେ, ସାର୍ ଜଗଦୀଶ ପ୍ରସାଦଙ୍କର ଝିଅ ରୁକ୍ମଣୀ ନାମରେ କରିବେ । କିନ୍ତୁ ସେହି ଚେକବହିଟିକୁ ପୋଡ଼ି ଦେବାକୁ ହେବ ।

—ବେଶ୍ । ଲାଲ୍, ତୁମେ ଟିକିଏ ସାବଧାନରେ ଚଲାବୁଲା କର । କଫି ହାଉସରେ ଆଜିକୁ କେତେଦିନହେଲା ନୂଆ କେତେଜଣଙ୍କୁ ଯା-ଆସ କରିବାର ଦେଖୁଛି—ଯେତେଦୂର ସମ୍ଭବ ସେମାନେ ପୁଲିଶର ଲୋକ ।

କଳାରଙ୍ଗର ପତଳା ଆବରଣଟିକୁ ମୁହଁରେ ଘୋଡ଼ାଇ ଜୋହରା ଚାଲିଲା ଗ୍ରୀନ୍‌ରୁମ୍ ଆଡ଼େ ।

× × × ×

ଲାଲବାଗ ପୁଲିଶ ଷ୍ଟେସନରେ ରାଜାରାମ ସେତେବେଳେ ପୁଲିଶର ପ୍ରଶ୍ନର ଉତ୍ତର ଗୁଡ଼ିକ ଦେଉଛି ।

—ଦୁହେଁ, ପଚିଶ ହଜାର ଟଙ୍କାର ଗହଣା ନେଇଛନ୍ତି ବୋଲି କହିଲେ ନା ?

—ହଁ, ଏକା ଡିଜାଇନ୍‌ର ଗହଣା ଗୁଡ଼ିକ ଦୁହେଁ ନେଇଛନ୍ତି ।

—ଦୁହେଁ ଏକାସାଙ୍ଗରେ ଆସିଥିଲେ ?

—ଜୀ, ନା । ଆଗେ ଲାଲଜୀ, କିଛି ସମୟ ପରେ ରୁକ୍ମଣୀ ଆସିଲା ।

—ଚେକ୍ କିଏ ଦେଇଛି ?

—ଲାଲଜୀ ।

କିନ୍ତୁ ଦସ୍ତଖତଟି ରୁକ୍ମଣୀ ଦେବୀର ।

ରାଜାରାମ ମହା ସନ୍ଦିଗ୍ଧଭାବରେ ପଡ଼ି କହିଲା—ଚେକ୍‌ଟିକୁ ରୁକ୍ମଣୀ ଲାଲଜୀକୁ ଦେଲା, ଲାଲଜୀ ଦେଲେ ମୋତେ ।

—ତାହାହେଲେ କାହାର ଗହଣା ବାବଦ୍ ଆପଣ ପାଇଲେ ?

—ରୁକ୍ମଣୀର ।—ନା, ନା, ଲାଲଜୀଙ୍କର ।

ଇନସ୍‌ପେକ୍‌ଟର ଧମକ ଦେଇ କହିଲେ—ଠିକ୍ କରି କହନ୍ତୁ ।

କାନ୍ଦ କାନ୍ଦ ହୋଇ ରାଜାରାମ କହିଲା—ମୁଣ୍ଡକ ଆଉ ଠିକ୍ ଅଛି ସାହେବ, ରୁକ୍ମଣୀ ମୋତେ ପଥର ଭିକାରୀ କରି ଦେଇ ଯାଇଛି ।

—ଆପଣ ଠିକ୍ ଜାଣନ୍ତି ଯେ ସ୍ତ୍ରୀଲୋକଟି ସାର ଜଗଦୀଶ ପ୍ରସାଦଙ୍କର ଝିଅ ?

—ଠିକ୍ ଜାଣେନା ସାହେବ । ଖବର କାଗଜରେ ସାର୍ ଜଗଦୀଶ ପ୍ରସାଦଙ୍କର ଝିଅର ଫଟୋ ଦେଖିଛି, ଏହି ଝିଅଟି ଦେଖିବାକୁ ଅବିକଳ ସେହିପରି, ଗାଲ ଉପରେ ତିଳ ଚିହ୍ନଟି ପର୍ଯ୍ୟନ୍ତ ।

—ଆଗେ କେବେ ଦେଖିଛନ୍ତି ?

—ଜୀ, ନା—

—ଲାଲଜୀକୁ ଆପଣ କେତେଦିନ ହେବ ଚିହ୍ନିଛନ୍ତି ?

—ତିନି-ଚାରି ସାଲ୍ ହେବ ।

—ଲାଲଜୀ ଭଲଲୋକ ବୋଲି ଆପଣ ଜାଣନ୍ତି ?

—ଜାଣେ । କିନ୍ତୁ ଆଜିର ଏହି ଘଟଣାଟି ଯୋଗୁଁ ମୁଁ ମନେକରେ ରୁକ୍ମଣୀ ସହିତ ଲାଲଜୀର ବୋଧହୁଏ କିଛି ଅଛି ।

ପଚ୍ଚାଶ ହଜାର ଟଙ୍କାର ଗହଣା ନେଇ ଆଖିରେ ଧୂଳି ଦେଇ ଚାଲିଗଲେ । ହାୟୁରାମ, ଦୁନିଆରେ ସମସ୍ତେ ଠକ ।

—କାର୍ ଦୁଇଟିର ନମ୍ବର ଜାଣନ୍ତି ?

ଜୀ, ନା । ତେବେ ଲାଲଜୀଙ୍କର ଗାଡ଼ିଟି ଷ୍ଟୁଡ଼ିବେକାର, ଆଉ ରୁକ୍ମଣୀର ଗାଡ଼ିଟି ହଡ୍‌ସନ ।

— ଆପଣ ବର୍ତ୍ତମାନ ଯାଇପାରନ୍ତି, ଶେଠଜୀ !

ଜଳହସ୍ତୀ ପରି ଗୋଟାଏ ପ୍ରକାଣ୍ଡ ଦୀର୍ଘନିଃଶ୍ୱାସ ଛାଡ଼ି ରାଜା ରାମ ଥାନାରୁ ବାହାରି ଆସିଲା ।

ଇଆଡ଼େ ଷ୍ଟୁଡ଼ିବେକାରଟି ନୈଶ୍ୟ ଅନ୍ଧକାର ଭେଦକରି ଗୋଟିଏ କୁଖ୍ୟାତ ଗଳିଭିତରେ ପଶିଲା । କିଛିଦୂର ଯାଇ ଆଗେହି ଲୋକାଳୟ ଶୂନ୍ୟ ଗୋଟିଏ ସ୍ଥାନରେ ଗାଡ଼ିଟିକୁ ପାର୍କ କରି ଓହ୍ଲାଇପଡ଼ି ମୁକ୍ତସ୍ଥାନ ଉପରେ ଛିଡ଼ା ହୋଇ ଦୁଇଥର ଅଦ୍ଭୁତଭାବେ ମୁହଁରେ ସଙ୍କେତ କଲା । ସେହି ଲୋକାଳୟ ଶୂନ୍ୟ ଗଳିର ଗୋଟିଏ କୋଣରେ ଖଣ୍ଡିଏ ଜୀର୍ଣ୍ଣ ଅଟ୍ଟାଳିକାର ଉପର ମହଲାସ୍ଥ ଛତୋଧିକ ଜୀର୍ଣ୍ଣ ଗୋଟିଏ ଗବାକ୍ଷ ଖୋଲିଗଲା । ଦେଖାଗଲା ଅସ୍ପଷ୍ଟ ଗୋଟିଏ ମନୁଷ୍ୟର ସମଗ୍ର ମୂର୍ତ୍ତି । ସେହି ମୂର୍ତ୍ତି ଅତି ନମ୍ର ସ୍ୱରରେ ଉର୍ଦ୍ଦୁରେ କହିଲା—କୌନ୍ ହେ !

ତଳୁ ମଧ ଶୁଦ୍ଧ ଉର୍ଦ୍ଦୁଭାଷାରେ ଉତ୍ତର ଆସିଲା ମାଷ୍ଟିଜ୍ !—ଅର୍ଥାତ୍ ରେଗୀ ।

— କି କେସ୍ ?

— ଡେଲିଭରି ।

ଗବାକ୍ଷଟି ବନ୍ଦ ହୋଇଗଲା । ସଙ୍ଗର ଦରଜାର କବାଟ ଦୁଇଟି ଈଷତ୍ ଉନ୍ମୁକ୍ତ ହେଲା ଏଥର । ମହମବତୀର ପୀତାଭ

ଆଲୋକ ଓ ଆଉ ଗୋଟିଏ ମୁହଁ ଦେଖାଗଲା । ସେହି ମୁହଁଟି ବାଲଜୀ ଥିଏଟରରେ "ସାଇଲକ୍" ଭୂମିକାରେ ଅଭିନେତାର ରୂପସଜ୍ଜା ଯେପରି ଅବିକଳ ତାହା । ଆଖି ଦୁଇଟିରେ ଧୂର୍ତ୍ତ-ଶୃଗାଳର ଅପରିମେୟ ଲୋଭ, ସନ୍ଦେହ ଆଉ ଅବିଶ୍ୱାସର ଚିହ୍ନ ।

ଲୋକଟି ବୋଧହୁଏ ଲାଲଜୀକୁ ଚିହ୍ନିପାରିଲା । ଦୁଇ ଚକ୍ଷୁରେ ବିସ୍ମୟର ପୂର୍ଣ୍ଣ ସମାବେଶ । କହିଲା – ଏତେ ରାତିରେ ?

ସେ କଥାର କୌଣସି ଉତ୍ତର ନ ଦେଇ ଲାଲଜୀ ଘର-ଭିତରକୁ ପଶିଯାଇ ଖଣ୍ଡିଏ ଚେୟାର ଅଧିକାର କରିବସିଲା । ଦ୍ୱାର ବନ୍ଦକରି ଗୃହସ୍ୱାମୀ ମଧ ଫେରିଆସି ବସିଲା ଲାଲଜୀର ସମ୍ମୁଖରେ ।

ଗୃହସ୍ୱାମୀ ଡାକ୍ତର ବୋଲି ପରିଚିତ – ଡାକ୍ତର ଇରାଣୀ ସାହେବ ।

କିନ୍ତୁ ଲାଲଜୀ ଜାଣେ ଡାକ୍ତରର ଅନ୍ୟ ପରିଚୟ । ରହସ୍ୟ ଓ ଘନ । ଭଲ ଡାକ୍ତର ବୋଲି ଅବଶ୍ୟ ସୁନାମ ଅଛି, କିନ୍ତୁ ସେହି ସୁନାମ ସହିତ ଲାଲଜୀର କେତେ ଟିକେ ସମ୍ବନ୍ଧ ! ଲାଲଜୀ ଜାଣେ ଯେଉଁସବୁ କାରବାରରେ ଇରାଣୀ ସାହେବ ସିଦ୍ଧହସ୍ତ – ଚୋରାମାଲ କିଣି ଅଧିକ ମୂଲ୍ୟରେ ନିର୍ବିବାଦରେ ସ୍ଥାନାନ୍ତରିତ କରିପାରେ ଡାକ୍ତର ଇରାଣୀ । ପହିଲା ନମ୍ବର କ୍ରିମିନାଲ ।

କଣ ଆସିଛ ଦେଖେ !···ଇରାଣୀ ସାହେବର ଗଳାର ସ୍ୱର ପୂର୍ବାପେକ୍ଷା ସ୍ପଷ୍ଟ । ଲୋଭାତୁର ଚକ୍ଷୁଦୁଇଟିରେ ଅପରିସୀମ ଔଜ୍ଜଲ୍ୟତା ।

ଲାଲଜୀ ଅଳଙ୍କାରଗୁଡ଼ିକ ଖୋଲି ଦେଖାଇଲା । ହୀରା, ମୁକ୍ତାର ଅଳଙ୍କାରଗୁଡ଼ିକ ଉପରେ ମହମବତୀର କ୍ଷୀଣାଲୋକ ପଡ଼ି କେତେ ରଙ୍ଗିନ୍ ଇନ୍ଦ୍ରଜାଲ ସୃଷ୍ଟିକଲା ଘରଟି ଭିତରେ । ଇରାନୀ ସାହେବ ଚକ୍ଷୁ ଦୁଇଟାକୁ ଫେରାଇ ଆଣି ପାରିଲା ନାହିଁ । ଜ୍ୟା-ମୁକ୍ତଧନୁପରି ସଳଖ ହୋଇ ଆସିଲା ଆଲୁଖାଲୁ ପରିହିତ ଶୀର୍ଣ୍ଣ ନ୍ୟୁବ୍ଜ ଦେହଟି ।

ନିକଟସ୍ଥ ହୋଇ ବାଁ-ହାତରେ ମହମବତୀକୁ ଧରି ତାହାଣ ହାତରେ ଅଳଙ୍କାରଗୁଡ଼ିକ ଦେଖୁ ଦେଖୁ ଇରାନୀ ସାହେବ କହିଲା – ମାଲ୍‌ଗୁଡ଼ିକ ବେଶ୍ ବାଛି ବାଛି ଆଣିଛ, ଲାଲଜୀ······କେତେ ଦେବ ?

– ତୁମେ କୁହ ।

ନିର୍ଲିପ୍ତଭାବେ ମୁହଁ ଫେରାଇ ଇରାନୀ ସାହେବ କହିଲା – ଦଶ ହଜାରରୁ ବେଶୀ ନୁହେଁ ।

– କୋଡ଼ିଏ ହଜାରରୁ ପଇସାଟିଏ କମ୍ ହେଲେ ସୁଦ୍ଧା ନୁହେଁ···ଲାଲଜୀ କହିଲା ।

ଦନ୍ତହୀନ ମୁହଁ ଖୋଲି ଇରାନୀ ସାହେବ କହିଲା – କୋଡ଼ିଏ ହଜାର ? କୋଡ଼ିଏ ହଜାର ଯେ କେତେ ଟଙ୍କା, ଜାଣ ? ସିଗାରେଟ୍ ଧୂଆଁ ଛାଡ଼ି ଲାଲଜୀ କହିଲା – ଜାଣେ । ବଡ଼ ଲୋକଙ୍କର ଗୋଟିଏ ସପ୍ତାହର ଖରଚ ଆଉ ଗରିବମାନଙ୍କର ସାରା ଜୀବନର ସ୍ୱପ୍ନ । ଛାଡ଼ ସେ କଥା······

ଲାଲଜୀ ଦ୍ୱାର ଖୋଲି ଯିବାକୁ ବସିଛି, ଇରାନୀ ସାହେବ ପଛରୁ ଡାକି କହିଲା – ଶୁଣ !

ଲାଲଜୀ ଫେରିଚାହିଁ କହିଲା – କଣ ?

— ଦେଖ, ନେକ୍‌ଲେସ୍‌ର ହୀରା ଗୁଡ଼ିକ ଖାଣ୍ଟି ନୁହେଁ, ଆଉ ମୁକ୍ତା ଗୁଡ଼ିକ ଝୁଟା —

— ତୁମର ଆଖିରେ ପରଳ ପଡ଼ିଛି, ଇଗ୍‌ନା ସାହେବ !

— ଛାଡ଼ ସେ ସବୁ । ଆଉ ପାଞ୍ଚ ହଜାର ଦେଉଛି — ହାତର ଲକ୍ଷ୍ମୀକୁ ଗୋଡ଼ରେ ଠେଲି ଦିଅନା, ଲାଲଜୀ !

ସିଗାରେଟ୍‌ର ଅବଶିଷ୍ଟାଂଶକୁ ଗୋଡ଼ତଳେ ଦଳିଦେଇ ଲାଲଜୀ କହିଲା — ଟଙ୍କା ପାଇଲେ ଲାଲଜୀ ସାଙ୍ଗେ ସାଙ୍ଗେ ଛାଡ଼ିଦିଏ, ତୁମପରି ସିନ୍ଦୁକ ଜଗି ବସେନା, ସମୟ ମୋ' ହାତରେ ଖୁବ୍ ଅଳ୍ପ ଇଗ୍‌ନା ସାହେବ ! ପଚିଶ ହଜାର ଟଙ୍କାର ମାଲ୍ କୋଡ଼ିଏ ହଜାରରେ ଦେଉଛି, କାରଣ ଆଜି ମୋର ଟଙ୍କାର ଖୁବ୍ ଦରକାର । ନା ଆଉ, ଡେରିକରି ପାରିବି ନାହିଁ, ଯଦି ନେବାର ହୁଏତ ସାଙ୍ଗେ ସାଙ୍ଗେ କୋଡ଼ିଏ ହଜାରରେ ଚୁକ୍ତି କରିଦିଅ ।

ଦ୍ୱିରୁକ୍ତି ନ କରି ଇଗ୍‌ନା ସାହେବ ସିନ୍ଦୁକ ଖୋଲି ଟଙ୍କା ଗଣି ଦେଲା । ଲାଲଜୀ ଯାଉ ଯାଉ କହିଲା — ଆସୁଛି ଇଗ୍‌ନା-ସାହେବ, ଫିର୍ ମିଲେଙ୍ଗେ···

ସ୍ତମ୍ଭୀତ ଭାବେ ବସିଛନ୍ତି ହରଲାଲ ବାବୁ । ବର୍ତ୍ତମାନ ସେ କ'ଣ କରିବେ । କାହିଁକି ଭଗବାନ ଗରୀବ ଘରେ କନ୍ୟାରତ୍ନ ଜନ୍ମ ଦିଅନ୍ତି । କି ସୁଖ ପାଆନ୍ତି ସେ କନ୍ୟା ପିତାର ଏହି ହୀନାବସ୍ଥା ଦେଖି । ରେଖାତ' କୁତ୍ସିତା ନୁହେଁ — ବିକଳାଙ୍ଗ ନୁହେଁ । ଯେ କୌଣସି ପାତ୍ରର ଆକାଙ୍କ୍ଷାର ବସ୍ତୁ । କାହିଁକି ତେବେ ବିବାହ ତା'ର ହୋଇପାରୁ ନାହିଁ । ଅର୍ଥ ? ହଁ, ଅର୍ଥ ! ଅର୍ଥ ହିଁ ହାନ୍ତି ସମସ୍ତେ !

ସେ ଦିନ ସେ ଯାଇଥିଲେ ବର ଠିକ୍ କରିବା ଲାଗି— କିନ୍ତୁ ବରକର୍ତ୍ତା ପରିଷ୍କାର ଭାବେ ଜଣାଇ ଦେଲେ ଯେ ଦଶ-ହଜାର ଟଙ୍କା ନଗଦ ନ ଦେଲେ ସେ ଏ ବିବାହରେ ରାଜି-ନୁହନ୍ତି । କେଉଁଠୁ ଟଙ୍କା ପାଇବେ ହରଲାଲ ବାବୁ ! କରଗଣାଗଣି କରି କେତେ ବା ସେ ଆଉ ସଞ୍ଚୟ କରିଥିବେ । ଭାବୁ ଭାବୁ ମୁଣ୍ଡ ତାଙ୍କର ଘୁରିଗଲା । କେତେବେଳେ ଯେ ମଟୁର୍ଡ଼ି ବେକାର ଖଣ୍ଡିକ ଆସି ତାଙ୍କର ଦେହ ଘଷି ବ୍ରେକ କରି ଛିଡ଼ା ହୋଇ ପଡ଼ିଛି ସେ ଖିଆଲ ତାଙ୍କର ନାହିଁ ।

ଗାଡ଼ିରୁ ଓହ୍ଲାଇ ଆସିଲା ଜଣେ ପ୍ରିୟଦର୍ଶନ ଯୁବକ । ଯୁବକଟି କିଛି ସମୟ ପର୍ଯ୍ୟନ୍ତ ହରଲାଲବାବୁଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କଣ ବୁଝିଲା କେଜାଣି, ତାଙ୍କର ହାତଧରି ଟାଣି ଟାଣି ନେଇଆସିଲା କାର୍ ଭିତରକୁ । ନିଜ ପାଖରେ ବସାଇ ଗାଡ଼ିରେ ଷ୍ଟାର୍ଟ ଦେଲା ସେହି ଯୁବକ ।

ଗୋଟିଏ ନିର୍ଜନ ସ୍ଥାନ ଦେଇ ଗାଡ଼ି ଚାଲୁଥିବା ବେଳେ ଯୁବକଟି କହିଲା— ଆପଣ ଏତେ ଅନ୍ୟମନସ୍କ ଭାବେ ରାସ୍ତା ଚାଲୁଥିଲେ କାହିଁକି ?

ହରଲାଲବାବୁଙ୍କର ଚେତନା ଆସିଲା, ପିଲାଙ୍କପରି ସେ କାନ୍ଦିବାକୁ ଲାଗିଲେ ।

ଯୁବକଟି ଆଉ କିଛି ନ ପଚାରି ଗୋଟିଏ ହୋଟେଲ ପାଖରେ ଆସି ଗାଡ଼ିରୁ ଓହ୍ଲାଇ ହରଲାଲବାବୁଙ୍କର ହାତଧରି ଚାଲିଗଲା ଭିତରକୁ । ହୋଟେଲର ମେନେଜର ଯୁବକଟିକୁ ଦେଖି ଆନନ୍ଦରେ ଅଧୀର ହୋଇ କହିଲେ— ଏ କଣ ସୁରେଶ ବାବୁ ! ଆଜିକାଲି ଆପଣଙ୍କର ଆଉ ଦେଖା ନାହିଁ । ବୋଧ-ହୁଏ ଗରୀବକୁ ଭୁଲିଗଲେ ।

ସୁବକ ଭଦ୍ର ନମ୍ର ସ୍ୱରରେ କହିଲା—ଆଗେ ଆମ୍ଭ-ମାନଙ୍କର ଖାଇବାର ବନ୍ଦୋବସ୍ତ କରି ଦିଅନ୍ତୁ, ପରେ ସେ ସବୁ ଶୁଣିବେ ।

ମେନେଜର ବୟକୁ ଡାକ ଦେଇ ଭିତରକୁ ଗଲେ । ଗୋଟିଏ ସୁସଜ୍ଜିତ ଟେବୁଲ ପାଖରେ ହରଲାଲବାବୁଙ୍କୁ ନେଇ ବସିଲା ସୁରେଶ । ପ୍ରଚୁର ଆହାର୍ଯ୍ୟ ଆସି ଥୁଆହେଲା ସାମନାରେ । ନିଜେ ଖାଇବାକୁ ବସି ସୁରେଶ କହିଲା—ଖାଆନ୍ତୁ ।

ହରଲାଲବାବୁ ଖାଇବାକୁ ବସିଲେ । ସେହି ଅବକାଶରେ ସୁରେଶ ପ୍ରଶ୍ନ କରି ବୁଝିନେଲା ହରଲାଲବାବୁଙ୍କର ମାନସିକ ଦୁଃଶ୍ଚିନ୍ତାର କାରଣ ।

ଟଙ୍କା ପାଇଁ ଚିନ୍ତା କରିବେ ନାହିଁ, ହରଲାଲ ବାବୁ ! ମୁଁ ସବୁ ଯୋଗାଡ଼ କରିଦେବି । ଆପଣ ଚିଠି ଲେଖିଦିଅନ୍ତୁ ଯେ, ଆପଣ ଦଶହଜାର ଟଙ୍କା ବର ପକ୍ଷକୁ ଦେବାକୁ ରାଜି । ଆସନ୍ତା ସପ୍ତାହ ଭିତରେ ଯେପରି ବାହାଘର ଶେଷ ହୁଏ ।

ସେହି ଭରସାରେ ଚିଠି ଦେଲେ ହରଲାଲ ବାବୁ ଆଜି ରାତି ପାହିଲେ କାଲି ବାହାଘର । କିନ୍ତୁ ସୁରେଶ କାହିଁ, ଯିଏ କି ପ୍ରତିଶ୍ରୁତି ଦେଇଥିଲା ବିବାହର ଦିନକ ପୂର୍ବରୁ ଟଙ୍କା ଆସି ଦେଇଯିବ । ବର୍ତ୍ତମାନ ରାତି ବାରଟା—କେତେବେଳେ ଆଉ ସେ ଆସିବ !

ସୁରେଶର ସେଦିନର କଥାରେ ମନେ ମନେ ସେ ଭାବିଥିଲେ, ସ୍ୱର୍ଗରୁ ଦେବଦୂତ ଓହ୍ଲାଇ ଆସି ତାଙ୍କୁ ଅଭୟଦାନ କରିଗଲା—କିନ୍ତୁ ଆଜି, ଆଜି ମନେହେଉଛି ସବୁ ଅଳୀକ, ଦୁଷ୍ଟ ଗ୍ରହର ଅଭିନବ ଛଳନା !

କବାଟ ଉପରେ ମୃଦୁ ଆଘାତ ହେଲା ।

ହରଲାଲ ବାବୁ ଉତ୍ତେଜନାରେ ଜ୍ଞାନଶୂନ୍ୟ ହୋଇ ଦରଜାଟିକୁ ଖୋଲିଦେଲେ । ସର୍ବାଙ୍ଗରେ କୃଷ୍ଣ ଆବରଣରେ ଆବୃତ ଜଣେ ମନୁଷ୍ୟ ମୂର୍ତ୍ତି ନିଃଶବ୍ଦରେ କଣ ଗୋଟାଏ ତାଙ୍କ ହାତକୁ ବଢ଼ାଇ ଦେଇ ଝଡ଼ପରି ଚାଲିଗଲା ସେଠାରୁ । ହରଲାଲ ବାବୁ ଭିତରକୁ ଆସି କ୍ଷୀଣ ଲଣ୍ଠନ ଆଲୋକରେ କାଗଜ ବଣ୍ଡଲଟିକୁ କମ୍ପିତ ହସ୍ତରେ ଖୋଲିବାକୁ ଲାଗିଲେ । – ନିଜର ଚକ୍ଷୁକୁ ସୁଦ୍ଧା ସେ ବିଶ୍ୱାସ କରି ପାରିଲେ ନାହିଁ । ଏତେଗୁଡ଼ାଏ ଟଙ୍କା, ଅଥଚ ସେହି ମହିମାମୟ ମହାପୁରୁଷଙ୍କୁ ଏତେ ନିକଟରେ ପାଇ ସୁଦ୍ଧା ପଦେ ହେଲେ କିଛି କହି ପାରିଲେ ନାହିଁ ।

ଛୋଟ ଖଣ୍ଡିଏ ଚିଠି "ମୋର ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ପଠାଇଲି – ରେଖାର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା । ସୁରେଶ ।"

ସେହି ନିସ୍ତେଜ କ୍ଷୁଦ୍ର ବାଟିକାଟିରେ ଆନନ୍ଦର ଢେଉ ଖେଳିଗଲା ମୁହୂର୍ତ୍ତକ ଭିତରେ – ଶୁଭ ଶଙ୍ଖ, ମାଙ୍ଗଳିକ ଧ୍ୱନିରେ ନୈଶ୍ୟ ନିସ୍ତବ୍ଧତା ଖଣ୍ଡ ଖଣ୍ଡ ହୋଇଗଲା । ଆକସ୍ମାତ ଭାବେ ।

ତୁଇନ୍ – ମେରି ହୋଟେଲ୍ ।

× × × ×

ଆଭିଜାତ୍ୟ ପାନ୍ଥଶାଳା ।

ଲାଲଜୀ କ୍ଲାନ୍ତଭାବେ ବସି ଚା' ପାନ କରୁଛି । ପାନ୍ଥଶାଳାଟି ପ୍ରାୟ ଜନଶୂନ୍ୟ । କେବଳ ଗୋଟିଏ ଲୋକ ଗେରୁଆ ବସନ ପିନ୍ଧି ଟେବୁଲ ପାଖରେ ଖାଇବାକୁ ବସିଛି । ଦେହରେ ଗେରୁଆ ରଙ୍ଗର ହାତକଟା ବେନିୟାନ୍, ଗଳାରେ ତୁଳସୀର କଣ୍ଠି, ଲଲାଟ ଓ ନାସିକା ଉପରେ ତିଳକର ଚିହ୍ନ । ଲାଲଜୀ ଆଜିକୁ ଦୁଇ ତିନି ଦିନ ହେବ ଲକ୍ଷ୍ୟ କରୁଛି ପ୍ରତିଦିନ ଠିକ୍ ଏତିକିବେଳେ

ଲୋକଟି ଖାଇବାକୁ ବସେ । ବାରମ୍ବାର ଲାଲଜୀକୁ ଲକ୍ଷ୍ୟ କରି କଣ କହିବ କହିବ ବୋଲି କହିପାରେନା । ମନେ ମନେ ହସେ ଲାଲଜୀ । ଆଜି ମଧ୍ୟ ସେହି ଲୋକଟିର ତଦାବସ୍ଥା ଦେଖି ସେ କୌତୁକ ଅନୁଭବ କରୁଛି. ଲୋକଟି ହାତ ମୁହଁ ଧୋଇ ସମସ୍ତ ଜଡ଼ତା ଏଡ଼ାଇ ଧୀରେ ଧୀରେ ଆସି ଲାଲଜୀର ସାମ୍ନାରେ ବସିଲା । ଲାଲଜୀକୁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲା ଲୋକଟି । କୌଣସି ପ୍ରକାର ଭୂମିକା ନକରି ଲୋକଟି ଲାଲଜୀକୁ କହିଲା—ସାର୍ ବୋଧହୁଏ ସହରରେ ଥାଆନ୍ତି ?

ଲାଲଜୀ ସହାସ୍ୟ ବଦନରେ କହିଲା—ଆଜ୍ଞା ହଁ—ଆପଣଙ୍କୁ ତିନି ଚାରିଦିନ ହେବ ଏଇଠି ଦେଖୁଛି—କୌଣସି କାମରେ ଆସିଛନ୍ତି ବୋଧହୁଏ ?

—କାମ ଆଉ କଣ ! ଇଣ୍ଡିଆ ଇନସ୍ୟୁରେନ୍ସ କୋମ୍ପାନୀରେ ଟିକିଏ କାମ ଅଛି ।

ଲାଲଜୀ ପୂର୍ବପରି ହସି ହସି କହିଲା—ଲାଇଫ୍ ଇନ୍‌ସିଓର୍ କରିଛନ୍ତି ବୋଧହୁଏ ।

—ଆଜ୍ଞା ନା. ପିଲାପିଲି ନେଇ ଘର କରୁଛି—ଲାଇଫ୍ ଇନ୍‌ସିଓର୍ କରିବାକୁ ଟଙ୍କା ପାଇବି କେଉଁଠୁ ? ଜମିଦାରଙ୍କ ଅଫିସରେ କାମ କରେ ଆଉ ରାଧାକୃଷ୍ଣ ନାମ ଜପ କରେ ।

—ତେବେ ସେଠିକି ଯିବେ କାହିଁକି ? ସେଠିକି' ରାଧାକୃଷ୍ଣର ନାମ ଜପ ହୁଏନା ।

—ନା, ତା'ତ ନୁହେଁ । ଶୁଣନ୍ତୁ, ମୋର ନାମ ଗୋପୀକାନ୍ତ, ମୁଁ ଜମିଦାର ଜାନକୀନାଥ ବାବୁଙ୍କର ମେନେଜର । ଜମିଦାର ବାବୁଙ୍କର ଅଭ୍ୟାସ ଥିଲା ଯେ ଦିନରାତି ହାତୀ ଉପରେ ବସି ବନ୍ଧୁକ ଧରି ଜଙ୍ଗଲରେ ଶୀକାର କରିବା । କିନ୍ତୁ ଭଗବାନଙ୍କର

ସୁସ୍ଥ ଜୀବ ହତ୍ୟା, ଧର୍ମ ଏହା ସହିବ କପରି ? ମାସକ ତଳେ ସେନେ ହାତୀ ପିଠିରୁ ଖସି ପଡ଼ିଲେ । ବାସ୍ — ଖତମ । ମରିବାର ଦୁଇବର୍ଷ ଆଗରୁ ଜମିଦାର ବାବୁ, ତାଙ୍କର ମୃତ୍ୟୁ ପରେ ତାଙ୍କର ଝିଅ ଅପର୍ଣ୍ଣା ଟଙ୍କାଗୁଡ଼ିକ ପାଇବ ବୋଲି ସବୁ ବନ୍ଦୋବସ୍ତ କରିଯାଇଛନ୍ତି । ଟଙ୍କାର ପରିମାଣ କିଛି କମ୍ ନୁହେଁ — ପନ୍ଦର ହଜାର । ମୁଁ ସେହି ପଲିସି ଖଣ୍ଡିକ ନେଇ ଆସିଛି ଟଙ୍କା ଗୁଡ଼ିକ ଉଠାଇ ନେବା ପାଇଁ ।

ଲାଲଜୀର ଦୃଷ୍ଟି ତୀକ୍ଷ୍ଣ ହୋଇ ଉଠିଲା । ଉତ୍ତେଜନା ଦମନ କରି ସହଜ କଣ୍ଠରେ କହିଲା — କମ୍ପାନୀଟିର ନାମ କଣ କହିଲ ?

— ଇଣ୍ଡିଆ ଇନ୍‌ସ୍ୟୁରେନ୍‌ସ କୋମ୍ପାନୀ ।

ସ୍ମିତ ହସ ଫୁଟି ଉଠିଲା ଲାଲଜୀର ମୁହଁରେ । ଅତି ଅମାୟିକ ଭାବେ କହିଲା - ଆରେ, ଏ'ତ ଆମରି କମ୍ପାନୀ — ମୁଁ'ତ' ସେଠାକାର ଆସିଷ୍ଟାଣ୍ଟ ମେନେଜର ।

ରାଧେକୃଷ୍ଣ ! ରାଧେକୃଷ୍ଣ ! — ଅର୍ଦ୍ଧଦଗ୍ଧ ବିଡ଼ି ଖଣ୍ଡିକ ଖସି ପଡ଼ିଲା ଗୋପୀକାନ୍ତଙ୍କର ମୁହଁରୁ । ଲାଲଜୀର ଡାହାଣ ହାତଟିକୁ ଚିପି ଧରି ଅନୁନୟ ସ୍ୱରରେ କହିଲା — ମୁଁ ବିଦେଶୀ ଲୋକ, ମୋତେ ଟିକିଏ ସାହାଯ୍ୟ କରନ୍ତୁ, ସାର୍ ।

ଆଶ୍ୱାସନା ଦେଇ ଲାଲଜୀ କହିଲା ବ୍ୟସ୍ତ କାହିଁକି ହେଉଛନ୍ତି, ମୁଁ ସବୁ ବନ୍ଦୋବସ୍ତ କରି ଦେବି ।

— ତାହା ହେଲେ ଆଜି ଆପଣଙ୍କ ସାଙ୍ଗରେ ଅଫିସକୁ ଯିବି ?

— ଆପଣ ଆଉ କଷ୍ଟକରି କାହିଁକି ଯିବେ ? ପଲିସି ଖଣ୍ଡିକ ଦିଅନ୍ତୁ, ମୁଁ ସବୁ ଠିକ୍ କରି ଦେଉଛି । ଆପଣ ବରଂ ନନ୍ଦନରେ

ବସି "ରାଧେକୃଷ୍ଣ" ଜପ କରନ୍ତୁ । — ହଁ, ଜମିଦାର ବାବୁଙ୍କର ଡେଥ୍ ସାର୍ଟିଫିକେଟ୍ ଆଣିଛନ୍ତି ବୋଧହୁଏ ?

— ମୁଁ ଠିକ୍ ଜାଣେନା, ସବୁ କାଗଜ ଗୁଡ଼ିକ ନେଇ ଆସିଛି, ଆପଣ ଦେଖନ୍ତୁ ।

— ଗୋଟିଏ ଛୋଟ ସୁଟ୍‌କେଶ୍ ଭିତରୁ କେତେଗୁଡ଼ିଏ କାଗଜ ବାହାର କରି ଗୋପୀକାନ୍ତ ଲାଲଜୀ ହାତରେ ଦେଲା । ଲାଲଜୀ ଭଲଭାବେ କାଗଜ ଗୁଡ଼ିକୁ ପରୀକ୍ଷା କରି କିଛିସମୟ ପରେ କହିଲା — ସବୁ ଠିକ୍ ଅଛି । ଆପଣ ଯାଆନ୍ତୁ ନିଶ୍ଚିନ୍ତରେ ବସି ନାମ ଜପ କରିବେ, ମୁଁ କାଲି ୩ଟା ବେଳେ ଆସି ଆପଣଙ୍କୁ ଟଙ୍କା ଦେଇଯିବି ।

ଆଗ୍ରହସୂଚକ ଶବ୍ଦ କରି ଗୋପୀକାନ୍ତ ନିଶ୍ଚିନ୍ତ ହେଲା । ଲକ୍ଷ୍ୟ କରି ପାରିଲା ନାହିଁ ଲାଲଜୀର ଓଷ୍ଠାଧରରେ ବିଦ୍ରୁପ ମିଶା ବଙ୍କିମ ହସଟିକୁ ।

ଧୀରେ ଧୀରେ ଲାଲଜୀ ତାର ନଂ ୫ ନମ୍ବର କ୍ୟାବିନ୍‌କୁ ଉଠିଗଲା ।

ଲାଲବାଗର ଓ,ସି ମନୋଜ ବାବୁ ସ୍ପେଶାଲ ବ୍ରାଞ୍ଚର ସି, ଆଇ, ଡି, ଇନେସ୍‌ପେକ୍ଟରର ବିକାଶ ସହିତ କଥାବାର୍ତ୍ତା କରୁଥିଲେ । ଆଶ୍ଚର୍ଯ୍ୟ ! ସୁଦୀର୍ଘ ବ ୧୬ ବର୍ଷ ପୁଲିସ ଡିପାର୍ଟମେଣ୍ଟରେ କାର୍ଯ୍ୟ କରି କେତେ ଜଟିଳ କେସ୍ ସେ ସମାଧାନ କରିଛନ୍ତି, କିନ୍ତୁ ଏହି "୪୨୦" କେସ୍‌ଟି ଏତେ ନିଖୁଣଭାବେ କିଏ ବା କେଉଁ ମାନେ ଏତେ ସୁଚତୁରଭାବେ ସମ୍ପନ୍ନ କରିଛି ଯେ କୌଣସି ଛିଦ୍ର ନାହିଁ । ପ୍ରବେଶ କରିବାର ରହସ୍ୟ, ଭେଦ କରିବା ତ' ଦୂରର କଥା । ସାକ୍ଷାତ ରୁକ୍ମଣୀର କାର୍ ନମ୍ବର ନେଇ ପାରି ନାହିଁ; କିନ୍ତୁ ପରେ ଜଣାଗଲା ଦାରଓ୍ୱାନଟି ନମ୍ବର ଟିପି ରଖିଛି । ORC 3399 ।

ବିକାଶ ଅନୁସନ୍ଧାନ କରି ବୁଝିପାରିଲା, ପ୍ରକୃତ ରୁକ୍ମିଣୀର କାର ନମ୍ବର ORC 3399 ନୁହେଁ କିମ୍ବା ଗାଡ଼ିର ରଙ୍ଗ ଚକଲେଟ୍ ନୁହେଁ —ରୁକ୍ମିଣୀର ଗାଡ଼ିଟି "ମାସିଡ଼ିଜ୍" ଲାଲରଙ୍ଗ ନମ୍ବର । WBC 1001 । ଆହୁରି ମଧ୍ୟ ବିକାଶ ଜାଣିପାରିଛି, ଘଟଣାଦିନ ରୁକ୍ମିଣୀ କ୍ଲବ୍‌ରେ ଥିଲା । Handwriting expert ମାନେ ମଧ୍ୟ ପରୀକ୍ଷା କରି ଦେଖିଛନ୍ତି; ରାଜାରାମ ଚେକ୍ ଖଣ୍ଡିକରେ "ରୁକ୍ମିଣୀ ଦେବୀ"ବୋଲି ଯେଉଁ ଦସ୍ତଖତ୍ ଜରୁ ହୋଇଛି ତାହା ପ୍ରକୃତ ରୁକ୍ମିଣୀ ଦେବୀର ନୁହେଁ—ଜାଲ ।

ଅଫିସର—ଇନ୍‌ଚାର୍ଜ ମନୋଜ ବାବୁ କହିଲେ ମୁଁ ମନେକରେ, ଜାଲ୍ ରୁକ୍ମିଣୀକୁ ବାହାର କରିବା ଲାଗି ସମୟ ନଷ୍ଟ ନ କରି ଲାଲଜୀକୁ ଅନୁସରଣ କଲେ ସବୁ ରହସ୍ୟ ସହଜରେ ଧରାପଡ଼ନ୍ତା ।

ବିକାଶ କହିଲା—ହୁଏତ ଆପଣଙ୍କ କଥା ଠିକ, ମନୋଜ ବାବୁ ! ଲାଲଜୀ'ତ ଏଠାରେ ଅତି ସୁପରିଚିତ । ଏହି ଘଟଣାଟିରେ ସେ ମଧ୍ୟ ନିଜକୁ ଏପରି ଭାବେ ପ୍ରଚ୍ଛନ୍ନ କରି ରଖିଛି ଯେ ତା' ବିରୁଦ୍ଧରେ କୌଣସି ଅଭିଯୋଗ ଆଣିବା ସମ୍ପୂର୍ଣ୍ଣ ଅସମ୍ଭବ । ଲାଲଜୀ ହୁଏତ ସ୍ୱୀକାର କରିପାରେ ଯେ ସେ ସେଦିନ ରାଜା-ରାମର ଦୋକାନକୁ ଯାଇଥିଲା, ତେବେ ସୁଦ୍ଧା ଏପରି କୌଣସି ପ୍ରମାଣ ନାହିଁ ଯେ ସେ ଜିନିଷଗୁଡ଼ିକର ଦାମ ନଦେଇ ଠକେଇଛି ବୋଲି । ପଚିଶ ହଜାର ଟଙ୍କାର ରସିଦ ଦେଖାଇ ସେ କହି-ପାରେ ଯେ ନଗଦ ଟଙ୍କା ଦେଇ ଜିନିଷଗୁଡ଼ିକ କିଣିଛି । ଆଇନାନୁସାରେ ଆମେ ତାର କିଛି କରିପାରୁନା । ତେବେବି ଆମକୁ, ଲାଲଜୀ କିଏ, ତାର ପ୍ରକୃତ ପରିଚୟ କଣ, ତାର ଅତୀତ ଇତିହାସ ଏଗୁଡ଼ିକ ସଂଗ୍ରହ କରିବାକୁ ପଡ଼ିବ ।

——୩୩——

—ଲାଲଜୀର ଠିକଣା ମୁଁ ଜାଣେ ବିକାଶବାବୁ !

ବିକାଶ ଓ ମନୋଜବାବୁ ସାମନାକୁ ଚାହିଁ ଦେଖିଲେ ସମ୍ବାଦ ପତ୍ରର ରିପୋର୍ଟାର କୁମାରୀ ରେବା ସେମାନଙ୍କର ସମ୍ମୁଖରେ ।

—ତୁମେ କପରି ଲାଲଜୀର ଠିକଣା ଜାଣିଲ, ରେବା ଦେବୀ ?

ଚେୟାରଟି ଉପରେ ବସୁ ବସୁ ରେବା କହିଲା—ମୁଁ ରିପୋର୍ଟାର । ସବୁ କଥା ଆମ୍ଭେମାନେ ଖବର ରଖୁ ବିକାଶବାବୁ ! ଗତ କେସ୍‌ଟାରେ ମୁଁ ତ' ଆପଣଙ୍କୁ ଅନେକ ଉପାଦାନ ଯୋଗାଇଥିଲି । ସେ ସବୁ ପ୍ରକୃତ ଥିଲା କି ନାହିଁ କହିଲେ ?

—ହଁ, ହଁ, ତୁମେ ମୋତେ ଖୁବ୍ ସାହାଯ୍ୟ କରିଛ, ରେବା !···ଆଚ୍ଛା, ଲାଲଜୀ ବର୍ତ୍ତମାନ କେଉଁଠି ?

—କୁଇନ୍ ମେରୀ ହୋଟେଲ୍‌ରେ । ଆଗେ ଥିଲା ଗୋଟାଏ କଫି ହାଉସରେ ସ୍ଥାୟୀ ବୋର୍ଡ଼ାର ଭାବେ । ମାତ୍ର ଦୁଇସପ୍ତାହ ହେବ ସେ ସ୍ଥାନ ପରିବର୍ତ୍ତନ କରିଛି ।

—ଲାଲଜୀ ସାଙ୍ଗରେ ତୁମେ କଥାବାର୍ତ୍ତା କରିଛ ?

—ହଁ, କଥାବାର୍ତ୍ତା କଲି କିନ୍ତୁ କୌଣସି ସନ୍ଦେହ ଉଦ୍ରେକ ହେଲା ନାହିଁ ମୋର । ଲାଲଜୀ ରୁଚିବାନ୍, ଭଦ୍ର ଓ ବେଶ୍ ସୁରସିକ ବୋଲି ମୋର ମନେ ହେଲା । ବେଶ୍ ଭଦ୍ରଲୋକ ! ଲୋକଟିର ଆଉ କୌଣସି ଗୁଣ ଥାଉ ବା ନ ଥାଉ, ବ୍ୟକ୍ତିତ୍ୱ ଅଛି ।

—ଆଉ ଆଧୁନିକ ଯୁବତୀ ମାନଙ୍କର ଯେ ଅତି ଆକର୍ଷଣୀୟ ବ୍ୟକ୍ତି ଏହା ମଧ୍ୟ ତୁମର ମନେ ହୋଇଛି, ରେବା ଦେବୀ ।

ମନୋଜ ବାବୁ ହସିଉଠିଲେ ଜୋରରେ ।

ରେବାର ଅପୂର୍ବ ମୁହଁଟିରେ ଲଜ୍ଜାରାଗ ଫୁଟି ଉଠିଲା ।

—ଆଉ କିଛି ଦେଖିଛ, ରେବା ?—ବିକାଶ କହିଲା ।

—ଦେଖିଛି । ହୋଟେଲରୁ ବାହାରୁଛି, ସମ୍ଭ୍ରାନ୍ତ ଟାଇପର ଗୋଟିଏ ଯୁବତୀ ଶ୍ୱେତଶୁଭ୍ର ଶାଢ଼ୀ ପିନ୍ଧି ଘର ଆଡ଼କୁ ଗଲା ।

—ଦେଖିବାକୁ କେମିତ ?

—ଦେଖିପାରିଲି ନାହିଁ । ମୁହଁରେ କଳା ଓଢ଼ଣୀ । ସନ୍ଧ୍ୟା ହୋଇ ଆସୁଥାଏ, ହୋଟେଲର ଲାଇଟ୍ ଜଳି ନଥାଏ ସେତେବେଳେ ।

ଇଣ୍ଡିଆ ଇନସ୍ୟୁରେନସ କୋମ୍ପାନୀ ।

ଜେନେରାଲ ମେନେଜରଙ୍କ ଅଫିସ ଘରେ ଜଣେ ପ୍ରୌଢ଼ ଓ ଗୋଟିଏ ସୁବେଶା ରୂପମୟୀ ଆସୀନ ।

ମେନେଜର ମିଷ୍ଟର ଆୟାର୍ କହିଲେ – ଖବର କାଗଜରେ ପଢ଼ିଛି ଜାନକୀ ବାବୁଙ୍କର ମୃତ୍ୟୁ ସମ୍ବାଦ । ବଡ଼ ଦୁଃଖିତ ହେଲି । କହନ୍ତୁ, ଆପଣଙ୍କର କି ଉପକାରରେ ଆସିପାରେ ?

ପ୍ରୌଢ଼ ବ୍ୟକ୍ତିଟି କମ୍ଫର୍ଟାରଟିକୁ ଭଲଭାବେ ଗଳାରେ ଜଡ଼ାଇ, ରୁପାବନ୍ଧା ହାତ ବାଡ଼ିଟି ଉପରେ ଦୁଇ ହାତର ଭର ଦେଇ ଦୁଇଥର କାଶି ନେଇ କହିଲା – ଆଗେ ପରିଚୟ କରାଇଦିଏ । ଏ' ହେଉଛନ୍ତି ଜମିଦାର ଜାନକୀନାଥ ବାବୁଙ୍କର ଏକମାତ୍ର କନ୍ୟା ବିଧବା ଅପର୍ଣ୍ଣା ।

– ଆଉ ଆପଣ ?

କାଶକୁ କୌଣସି ପ୍ରକାରେ ଆୟତ୍ତକୁ ଆଣି ପ୍ରୌଢ଼ଟି କହିଲା – ମୋର ନାମ ଭୁଜଙ୍ଗଧର । ଜାନକୀବାବୁଙ୍କର

ଇଣ୍ଡଷ୍ଟ୍ରିରେ ଆଜକୁ ବ ୨ଗ ବର୍ଷ ହେବ ମେନେଜରୀ କରି ଆସୁଛ । ଜମିଦାର ବାବୁ ଆଜକୁ ତିନବର୍ଷ ତଳେ ଅପର୍ଣ୍ଣାକୁ ତାଙ୍କର ପଲିସିରେ nominee କରି ଯାଇଛନ୍ତି । ସେହି ଟଙ୍କା ଗୁଡ଼ିକ ନେବାପାଇଁ ମା’ — ଅପର୍ଣ୍ଣା ଆପଣଙ୍କର ଦ୍ୱାରସ୍ଥ ହୋଇଛି ।

— ଆପଣ ଜାନକୀ ବାବୁଙ୍କର ଡେଥ୍ ସାର୍ଟିଫିକେଟ୍ ଆଣିଛନ୍ତି ?

— ହଁ, ଆଣିଛି ।

କୋଟର ବୁକ ପକେଟରୁ ଭୁଜଙ୍ଗଧର ଲଫାଫା ସମେତ ସାର୍ଟିଫିକେଟଟି ବାହାର କରି ମିଷ୍ଟର ଆୟାରର ହାତକୁ ଦେଲା ।

— ପଲିସି ?

— ସେହି ଲଫାଫା ଭିତରେ ଅଛି, ଦେଖନ୍ତୁ ।

ମିଃ ଆୟାର୍ କାଗଜ ପତ୍ର ଗୁଡ଼ିକ ପରୀକ୍ଷା କରିବାକୁ ଲାଗିଲେ ।

ଭୁଜଙ୍ଗଧର ସାମ୍ନା ଆଡ଼କୁ ଝୁଙ୍କି ପଡ଼ି ଆୟାରକୁ କହିଲେ — ଆଗକାର କଥା ଶୁଣନ୍ତୁ ମିଃ ଆୟାର । ଅଳ୍ପ ବୟସରେ ବିଧବା ହେବାରୁ ଅପର୍ଣ୍ଣାର ଜୀବନଟା ନଷ୍ଟ ହୋଇ ଯାଇଛି । ଜମିଦାରବାବୁଙ୍କର କୋଇଁଟି ଥିଲା ରାଜପୁତ୍ର ପରି ସୁନ୍ଦର, ସେହିପରି ଗୁଣବାନ୍ ମଧ୍ୟ । ଛାଡ଼ନ୍ତୁ, ପୁରୁଣା କଥା ମନେ ପକେଇଲେ ମା’ର ଆଖିରୁ ବନ୍ୟା ପରି ଲୁହ ଗଡ଼ିଆସିବ ।

ପାଖ ଚେୟାରରେ ଉପବିଷ୍ଟା ଅପର୍ଣ୍ଣା ଅଶ୍ରୁଭାରକ୍ରାନ୍ତ ବିଷର୍ଣ୍ଣ ଚକ୍ଷୁ ଦୁଇଟିକୁ ଅନ୍ୟ ଆଡ଼େ ଫେରାଇ ନେଲା ।

ଗୋଟାଏ ନିଶ୍ୱାସ ଛାଡ଼ି ଭୁଜଙ୍ଗଧର ପୁନର୍ବାର କହିଲେ — ଜମିଦାର ସାହେବ ଖେୟାଲି ଲୋକ ଥିଲେ । ଜୀବନ ସାରା ଶୀକାର ଆଉ ଆମୋଦ ପ୍ରମୋଦରେ ବହୁ ଅର୍ଥ ବ୍ୟୟ କରି

ଶେଷ ଜୀବନରେ ବଡ଼ ଦୁଃଖ ପାଇଛନ୍ତି । ଝିଅର ଭବିଷ୍ୟତ ନେଇ କେବେହେଲେ ଚିନ୍ତା କରି ନାହାନ୍ତି । ସୌଭାଗ୍ୟକୁ ଏହି ପନ୍ଦର ହଜାର ଟଙ୍କାଟି ସେ ଅପର୍ଣ୍ଣା — ମା'ର ନାମରେ ଯାହାହେଉ କରି ଯାଇଛନ୍ତି । ଏତିକ କେବଳ ଅପର୍ଣ୍ଣାର ସମ୍ବଳ ।···କହୁ କହୁ କଣ୍ଠ ଜଡ଼ିତ ହୋଇ ଆସିଲା । ଦୁଇ ତିନଥର କାଶିନେଇ ପୁନର୍ବାର କହିଲା — ସେଇଥିପାଇଁ ଆପଣଙ୍କର ଶରଣାପନ୍ନ ହୋଇଛି ମିଃ ଆୟାର୍ ! ଆପଣ ଏକମାତ୍ର ଭରସା !···କଣ କହୁଛ ମା' ? —

ସମର୍ଥନ ଲାଗି ଭୁଜଙ୍ଗଧର ଅପର୍ଣ୍ଣା ଆଡ଼େ ବୁଲିଲା ।

ମ୍ଳାନ ଚକ୍ଷୁଦୁଇଟିର ଦୃଷ୍ଟି ଆୟାର୍ ଉପରେ ନକ୍ଷେପ କରି ଅପର୍ଣ୍ଣା ଧୀରେ ଧୀରେ କହିଲା — ମୋର ଏପରି ଅବସ୍ଥାରେ ଆପଣ କ ମୋତେ ସାହାଯ୍ୟ କରିବେ ନାହିଁ, ମିଃ ଆୟାର୍ ।

ସୁନ୍ଦରୀ ଯୁବତୀର ଦୃଷ୍ଟିବାଣ ବ୍ୟର୍ଥ ହେବାର ନୁହେଁ । ମାନ୍ଦ୍ରାଜୀ ଯୁବକର ମର୍ମସ୍ଥଳରେ ବାଜି ହେବାକୁ ବେଶି ସମୟ ଲାଗିଲା ନାହିଁ । ମିଃ ଆୟାର ନରମ ଗଳାରେ କହିଲା — ମୋର ଯଥାଶକ୍ତି ଆପଣଙ୍କୁ ସାହାଯ୍ୟ କରିବି । ଟଙ୍କାଗୁଡ଼ିକ ଯେପରି ଆପଣ ସୁବିଧାରେ ପାଇବେ ସେଥିପାଇଁ ମୁଁ ଆପ୍ରାଣ ଚେଷ୍ଟା କରିବି ।

— କେତେଦିନ ଭିତରେ ଆମେ ପାଇ ପାରୁ ମିଃ ଆୟାର୍ ? — ଭୁଜଙ୍ଗଧର କହିଲା ।

— ନିୟମାନୁସାରେ ମାସେ ସମୟ ଲାଗେ ।

ଭ୍ରମର କୃଷ୍ଣ ଆଖି ଦୁଇଟିରେ ସକରୁଣ ମିନତି ଫୁଟାଇ ମିଷ୍ଟର ଆୟାରଙ୍କ ଆଡ଼େ ବୁଲି ଅପର୍ଣ୍ଣା କହିଲା — ମାସେ ତେବି ! ତାହାହେଲେ' ମୋତେ ରାସ୍ତାରେ ବୁଲି ଭିକ୍ଷା ମାଗିବାକୁ ହେବ,

ମିଃ ଆୟାର୍ ! ବିବାହର ଦୁଇବର୍ଷ ଭିତରେ ସ୍ୱାମୀଙ୍କୁ ହରାଇଛି, ଶ୍ୱଶୁର ଘରକୁ ମଧ୍ୟ ଯିବାର ଅଧିକାର ନାହିଁ, ବାପଘର ଆଶ୍ରୟ ମଧ୍ୟ ନାହିଁ । ଟଙ୍କାଗୁଡ଼ିକ ଫେରିଲ ନ ପାଇଲେ ମୁଁ କଣ କରିବି ।

ଘନକୃଷ୍ଣ ଡୋଳା ଦୁଇଟିରୁ ଦୁଇଟି ତରଳ ମୁକ୍ତା ତଳେ ଆସି ପଡ଼ିଲା ।

ମିଃ ଆୟାରର ଗଳାର ସ୍ୱର ମଧ୍ୟ ଅପେକ୍ଷାକୃତ ନରମ ହୋଇ ଆସିଲା ।

କହିଲା—କଣ ଆଉ କରିବି କହନ୍ତୁ, ତୋମାମାନର ଗୃହର ମୁଁ—ତୋମାମାନର ଆଇନକୁ ତ' ମୁଁ ଭାଙ୍ଗି ଦେଇ ପାରେନା ।

ବିଜ୍ଞଭାବେ ମୁଣ୍ଡ ହଲାଇ ଭୁଜଙ୍ଗଧର କହିଲା—ସେ କଥା ଠିକ୍ । ତେବେ, ଯଦି ଏହି ବିଧବା ଝିଅଟିର ମୁହଁକୁ ଚାହିଁ ଫେରିଲ ଟିକିଏ ବନ୍ଦୋବସ୍ତ କରି ପାରନ୍ତେ—

କମ୍ପିତ ଓଷ୍ଠରେ ଅପର୍ଣ୍ଣା କହିଲା—ଆପଣଙ୍କ ନିକଟରେ ମୁଁ ଚିରଦିନ କୃତଜ୍ଞ ଥିବି ।

—ଆଚ୍ଛା ଦୁଇ ସପ୍ତାହ ଭିତରେ ଯେପରି ଆପଣ ଟଙ୍କା ଗୁଡ଼ିକ ପାଇବେ ମୁଁ ସେହି ଚେଷ୍ଟା କରିବି ।

ମିଃ ଆୟାରଙ୍କୁ ଅଶେଷ ଧନ୍ୟବାଦ ଦେଇ ହାତ ବାଡ଼ିଟି ଉପରେ ଭର ଦେଇ ଭୁଜଙ୍ଗଧର କାଶି କାଶି ଅପର୍ଣ୍ଣା ସହିତ ବାହାରି ଆସି ଗାଡ଼ିରେ ବସିଲା ।

ସେହି ରାତି ।

ଷ୍ଟୁଡ଼ି-ବେକାରଟି କ୍ଲବ ମେସ୍ ହୋଟେଲରୁ ବାହାରି ନଦୀର ଧାର ଦେଇ ସିଧା ଚାଲି ଆସିଲା ଗୋଟିଏ ଅଖ୍ୟାତ ସ୍ଥାନକୁ । ସ୍ଥାନଟି ଲୋକାଳୟ ହୀନ—ବଣ ଓ ଜଙ୍ଗଲାକୀର୍ଣ୍ଣ ହେତୁ ଯାତାୟାତର ରାସ୍ତା ନାହିଁ, ତେଣୁ କାହାରି ଦୃଷ୍ଟି ପଡ଼େ-

ନାହିଁ ଏହି ସ୍ଥାନଟି ଉପରେ । ବେ-ଆଇନୀ ଭାବେ ଏଠାରେ ଯେ ପ୍ରତି ରାତ୍ରରେ ହଜାର ହଜାର ଟଙ୍କାର କାରବାର ହେଉଛି କିଏ ତା'ର ହିସାବ ରଖେ ।

ଏଠାକାର ବାସିନ୍ଦାମାନଙ୍କୁ ଲାଲଜୀ ଚିହ୍ନେ—ଚିହ୍ନେ ଖୁବ୍ ଭଲକରି । ଫେରାରୀ ଆସାମୀ ରାମରତନର ଜୁଆ ଆଡ୍ଡା ବିଭିନ୍ନ ସହରର ନାମଜାଦା କ୍ରିମିନ୍ୟାଲ୍‌ମାନେ ଆସି ଭୋର ହେବାଯାଏ ଖେଳ ଲଗାନ୍ତି । ସକାଳ ହେଲେ ଦେଖାଯାଏ, କିଏ ଆନନ୍ଦରେ ଛାତି ଫୁଲାଇ ଲମ୍ବା ଲମ୍ବା ପାଦ ପକାଇ ଚାଲେ—ଅର୍ଥାତ୍ ସୌଭାଗ୍ୟ ଲକ୍ଷ୍ମୀ ଆଜି ତା'ର କରଗତ, କେହି କେହି ମୁହଁ ଶୁଖାଇ ଗ୍ରୀବାନତ କରି ଚାଲନ୍ତି ମନ୍ଥର ଗତିରେ—ଲକ୍ଷ୍ମୀହୀନା ଦଳ ।

ଲାଲଜୀର ଦିନେ ମଧ୍ୟ ଏ ଅବସ୍ଥା ହୋଇଥିଲା । ଦୁଇ ହଜାର ଟଙ୍କା ସେ ଦେଇଆସିଛି ସେଦିନ ରାତିରେ । ତଥାପି ସେ ଦୁଃଖିତ ନୁହେଁ, ଯେଉଁ ଗୁରିଖଣ୍ଡ ତାସ୍ ରାମରତନ ନଟେ ବାହାର କରି ଖେଳିବାକୁ ବସେ, ସେ ଲକ୍ଷ୍ୟ କରିଦେଖିଛି ସେହି ତାସ୍ ଗୁଡ଼ିକର ସାଙ୍କେତିକ ଚିହ୍ନ । ସେ ସଙ୍କେତ ନୁ-ଯାୟୀ ରାମରତନ ଜୟୀ ହୁଏ ପ୍ରତିଥର, ଖୁବ୍ କ୍ୱଚିତ ଜୟୀ ହୁଅନ୍ତି ଅନ୍ୟମାନେ ।

ପକେଟ୍ ଡାଇରୀଟି ବାହାର କରି ଲାଲଜୀ ଦେଖିଛି ଆଜି ତାର ଟଙ୍କାର ପ୍ରୟୋଜନ । ଯେ କୌଣସି ଉପାୟରେ ସୁଜାତା ପାଖରୁ ଟଙ୍କା ପଠାଇବାକୁ ହେବ । ସୁଜାତା ! ଗରୀବ ଘରର ବିଧବା ଯୁବତୀ ! ଅନାଥା—ଶ୍ରେଷ୍ଠ ଯକ୍ଷ୍ମାରୋଗୀ ଭାଇଟି ଛଡ଼ା ନିଜର ବୋଲି ଆଉ କେହି ନାହିଁ । ଭାଇଟିର ଚିକିତ୍ସା ଲାଗି ସର୍ବସ୍ୱ ସେ ବଳି ଦେଇଛି—ଦ୍ୱାରେ ଦ୍ୱାରେ ଭିକ୍ଷା

ମାଗିଛି, ଡାକ୍ତରମାନଙ୍କର ଗୋଡ଼ଧରି ଅନୁନୟ କରିଛି, କିନ୍ତୁ କେହି ଶୁଣି ନାହାନ୍ତି ତା'ର ଅନ୍ତରର ବେଦନା ।

ଲାଲଜୀ — ଲାଲଜୀ ସେ ଦିନ ଆସୁ ଆସୁ ସ୍ୱଚକ୍ଷୁରେ ଦେଖିଛି ଜଣେ ବଡ଼ ଲୋକଙ୍କୁ ଦେଖି ଦେଖିମଠର ପାଖକୁ ଆସି ସୁଜାତା କିଛି ସାହାଯ୍ୟ ଭିକ୍ଷା କଲା, କିନ୍ତୁ ପ୍ରତିଦାନରେ ସେ ପାଇଲା ବଡ଼ଲୋକଟିର ଆଦେଶରେ ଡ୍ରାଇଭର ପାଖ ଗଳାଧକ୍କା । ଲାଲଜୀ ସୁଜାତାକୁ ଅନୁସରଣ କରି ସୁଜାତାର ସେହି ଜୀର୍ଣ୍ଣ କୁଟୀରଟି ପାଖକୁ ଆସିଲା ଏବଂ ସବୁ ଶୁଣି କହିଲା — ଟଙ୍କା ପାଇଁ ତୁମେ ଚିନ୍ତା କରନା ଭଉଣୀ, ସପ୍ତାହକ ଭିତରେ ମୁଁ ତୁମ ପାଖକୁ ଟଙ୍କା ପଠାଇ ଦେବି । ଶାମୁକୁ ନେଇ ତୁମେ ଭଲ ସେନାଟୋରିୟମରେ ଭର୍ତ୍ତି କରିଦେବ ।

ଆଜି ସପ୍ତାହ ଶେଷ — ସୁତରାଂ ଆଜି ରାତି ଭିତରେ ସେ ଟଙ୍କା ନୁହେଁ । ସେଥିପାଇଁ ଲାଲଜୀର ଆଜି ନୈଶ ଅଭିଯାନ ଏହି ଅଖ୍ୟାତ ସ୍ଥାନକୁ ।

ସ୍ଥାନଟି ପାଖରୁ କିୟତ୍ ଦୂରରେ ଗୋଟିଏ ଅନ୍ଧାରିଆ ସ୍ଥାନରେ ଗାଡ଼ିଟିକୁ ପାର୍କ କରି ସରୁ ପେନ୍‌ସିଲ ଟର୍ଚ୍ଚ ସାହାଯ୍ୟରେ ଆଗେଇ ଚାଲିଲା ଲାଲଜୀ । ଯଥା ସ୍ଥାନରେ ପହଞ୍ଚି ଦେଖିଲା ସେହି ଭଗ୍ନ ଅଟ୍ଟାଳିକା ଭିତରେ ଆସର ବେଶ୍ ଜମି ଯାଇଛି । ରମରତନ୍ ଲାଲଜୀକୁ ଦେଖି ଉଠିଆସି କରମର୍ଦ୍ଦନ କରି କହିଲା — ଦୋସ୍ତର ଆଜି ହଠାତ୍ ମନେ ପଡ଼ିଲା !

ପ୍ରଶାନ୍ତ ହସ ହସି ଲାଲଜୀ କହିଲା — ଆଜି ହାତରେ କିଛି କାମ ନଥିଲା, ଦୁ-ହାତ ଖେଳିବା ପାଇଁ ଚାଲି ଆସିଛି ।

— ବସି ପଡ଼ ।

—ନା, ଏମାନଙ୍କ ସାଙ୍ଗରେ ନୁହେଁ । କେତେ ବା' ସେମାନେ ଆଣିଥିବେ ।

—ଆଉ କଣ ମୋ ସାଙ୍ଗରେ ?

—ହଁ ।

—ଆଚ୍ଛା ବେଶ୍ !

ସମସ୍ତେ ଟେବୁଲଟି ଘୁଡ଼ି ଦେଲେ । ସାମନା ସାମ୍ନା ବସିଲେ ଲାଲଜୀ ଓ ରାମରତନ । କେତେ ଯୋଡ଼ା ଉତ୍ସୁକ ଚକ୍ଷୁର ଦୃଷ୍ଟି ପ୍ରତିଫଳିତ ହେଲା ସେମାନଙ୍କ ଉପରେ ।

ରାମରତନ ପ୍ରସ୍ତୁତ ହୋଇ କହିଲା—କେତେ ?

—ହଜାରେ ।

—ମୁଁ ରାଜି ।···ତାସ୍ କିଏ ଫେଣ୍ଟିବ ?

—ତୁମେ ।

ଚାରି ଖଣ୍ଡ ମାତ୍ର ତାସ୍ । ଦୁଇ ବିଭିନ୍ନ ରଙ୍ଗର ବିଭିନ୍ନ ଧରଣର ଚାରୋଟି ଟିକ୍କା ।

—କଣ କୁହ ।—ରାମରତନ ପୁଚ୍ଛିଲା ଲାଲଜୀକୁ, ସହାସ୍ୟ ବଦନ ।

—ଲାଲ୍ ପାନ ।

ଲାଲଜୀର ଜୟ ।

ଦଳେ ପ୍ରଶଂସା କଲେ ଲାଲଜୀକୁ, ଅନ୍ୟଦଳ ରାମରତନର ପରାଜୟରେ ବିମର୍ଷ ହୋଇ ପଡ଼ିଲେ ।

—ଆଉ ଥରେ ଖେଳିବ ନା, ମୁଁ ଉଠିବି ରାମରତନ ?

—ରାମରତନ ଭୟ ପାଇବା ଲୋକ ନୁହେଁ ଲାଲଜୀ ।

—ଶୁଣି ଖୁସି ହେଲି ରାମରତନ । ଏଥର କେତେ ରଖୁଛ ?

ନଂ..........
ତା..........

— ହଜାରେ ।

— ବେଶ, ତାସ୍ ଫେଣ୍ଟ ।

ସମସ୍ତଙ୍କର ଦୃଷ୍ଟି ଟେବୁଲ ଉପରେ ।

— ଏଥର ।

— ଲାଲ୍ ପାନ ।

କାଟିଥିବା ତାସ୍‌ଟିକୁ ହାତରେ ଧରି ଲାଲଜୀ କହିଲା— ରାମରତନ, ଏଥର ମଧ୍ୟ ମୋର ଜିତ୍ !

— ଶୋ-ମି [show me]

ଲାଲଜୀ ହସି ହସି ତାସ୍‌ଟିକୁ ଓଲଟାଇ ଦେଲା । ଘେରି ରହିଥିବା ଦଳଟି ବିପୁଳ ଉତ୍ସାହରେ ଚିତ୍କାର କରି ଉଠିଲେ— ଜୟ ଲାଲଜୀଙ୍କର ଜୟ ।

ପ୍ରକୃତରେ ଲାଲଜୀର ଜୟ ।

ଚେଷ୍ଟ ବାକ୍‌ସଟି ଭିତରୁ ଆଉ ଏକ ହଜାର ଟଙ୍କା କାଢି ଲାଲଜୀ ହାତକୁ ବଢ଼ାଇ ଦେଲା ରାମରତନ । ହସି ହସି ନୋଟ ଗୁଡ଼ିକ ପକେଟ୍‌ରେ ଭର୍ତ୍ତି କରୁ କରୁ ଲାଲଜୀ କହିଲା— ଆଉ ଥରେ ଖେଳିବାକୁ ଚାହଁ ରାମରତନ ? ଭାଗ୍ୟ ପରୀକ୍ଷା ଆଉ ଥରେ କର ।

— ନା, ଆଜି ଆଉ ନୁହେଁ ।

— ତାହାହେଲେ ଆସେ, ଗୁଡ୍ ନାଇଟ୍ ।

ଲାଲଜୀ ଆଗକୁ ଗୋଡ଼ ବଢ଼ାଇଲା । ରାମରତନ ନିଜର ଅନୁଚରମାନଙ୍କୁ ଡାକି କଣ ଇଙ୍ଗିତ କଲା, ଲାଲଜୀ ସ୍ପଷ୍ଟ ବୁଝିନେଲା ସବୁ । ହଠାତ୍ ଫେରି ପଡ଼ି କହିଲା— ରାମରତନ, ମନେରଖ ମୋର ମୁଣ୍ଡର ପଛପଟେ ମଧ୍ୟ ଦୁଇଟା ଆଖି ଅଛି— ଅନ୍ଧକାରରେ ସେଇ ଆଖି ଦୁଇଟି ଅସ୍ୱାଭାବିକ ଭାବେ ଜଳେ । ଆଚ୍ଛା ଗୁଡ୍ ନାଇଟ୍-ଟୁ-ଅଲ୍ ।

ଧୀରେ ଧୀରେ ଲାଲଜୀ ବାହାରି ଆସିଲା – ସମରଞ୍ଜନର ହିଂସ୍ର ଚକ୍ଷୁ ଦୁଇଟି କୁଟିଳତାରେ ଭରିଗଲା ।

ଝୁଡ଼ି ବେଙ୍କାରଟି ସେତେବେଳେ ଉଲ୍‌କାବେଗରେ ଛୁଟିଛି ସୁଜାତାର ଜୀର୍ଣ୍ଣ କୁଟୀରଟି ଆଡ଼େ – ଏକ୍‌ସିଲେଟର୍‌ର ଉପରେ ଗୋଡ଼ର ଚାପ ଦେଇ ମୁହଁରେ ସିଗାରେଟ୍ ଧରିଛି ଲାଲଜୀ ।

× × × ×

କୁଇନ୍‌ମେରୀ ହୋଟେଲର ସାତନମ୍ବର କ୍ୟାବିନ୍‌ରେ ଆଜିକୁ ଛଅ ସାତଦିନ ହେବ ବ ୨୪।୨୫ ବର୍ଷର ଗୋଟିଏ ଯୁବତୀକୁ ଦେଖାଯାଇଛି । ଯୁବତୀଟିର ନାମ ରେବା ବ୍ଲାଉଜର ହାତଗୁଡ଼ିକ ମଣିବନ୍ଧ ପର୍ଯ୍ୟନ୍ତ, ମୁଣ୍ଡର ବାଳଗୁଡ଼ିକ ସୁବିନ୍ୟାସ୍ତ କବରୀ ରଚନା କରିଛି, ଆଖି ଉପରେ ପତଳା ଫ୍ରେମର ଚଷମା । ସାଧାରଣ ଚେହେରା । ଭିଡ଼ରେ ମିଶିଗଲେ ସହଜରେ ବାହାର କରି ହୁଏ ।

ସାଙ୍ଗରେ ବର୍ଷୀୟସୀ ଭଦ୍ରମହିଳା – ମେଦ ବହୁଳ ଶରୀର – ଯୁବତୀର ମା' ବୋଲି ପରିଚୟ ଦିଅନ୍ତି । ପ୍ରୌଢ଼ାଟିର ଏକମାତ୍ର ସନ୍ତାନ ଏହି ରେବା, ଚାଲିଚଳନ ଧନୀ ଗୃହସ୍ଥ ପରି ।

ରାତି ପ୍ରାୟ ଦୁଇଟା ହେବ । ପାଞ୍ଚନମ୍ବର କ୍ୟାବିନ୍‌ଟିର ଦରଜା ଉପରେ ଠକ୍ ଠକ୍ ଶବ୍ଦ । ଦ୍ୱାର ଖୋଲି ବାହାରକୁ ଆସିଲା ଲାଲଜୀ । ସମ୍ମୁଖରେ ରେବାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଚାହିଁଲା ତା ମୁହଁକୁ; ରେବାର ଆଖିରେ ମୁଖରେ ଯେପରି ବେଦନାର ଚିହ୍ନ ।

ଦିନକର କଥା ମନେପଡ଼ି ଯାଏ ଲାଲଜୀର ! ଆଶ୍ଚର୍ଯ୍ୟ ବୁଦ୍ଧିମତୀ ଏହି ରେବା । ଡାଇନିଂ ଟେବୁଲରେ ସେଦିନ ପ୍ରଥମେ ଦେଖାହୁଏ, କେଜାଣି କାହିଁକି ଲାଲଜୀ ଚକ୍ଷୁ ଦୁଇଟାକୁ ଫେରାଇ

ଅଣିପାରେନା, ଗଭୀର ଅନ୍ତର୍ଭେଦୀ ଦୃଷ୍ଟି ନେଇ ସେ ତନ୍ନ ତନ୍ନ କରି ଦେଖୁଥାଏ ରେବାକୁ । ଲଜ୍ଜାରେ ରେବା ମୁହଁ ଫେରାଇ ନେଇଥିଲା, କିନ୍ତୁ ଲାଲଜୀ ବନ୍ଧୁତ୍ୱ କରିବାକୁ ଛାଡ଼ିନାହିଁ । ଗୋଟିଏ ଦିଗନ୍ତବ୍ୟାପୀ ମାୟା ଯେପରି ଆସି ପଡ଼ିଛି ଏହି ତରୁଣୀଟି ଉପରେ ।

ଉଭୟେ ଡାଇନିଂ ଟେବୁଲକୁ ଉଠିଲେ । ନଜର ରୁମ୍‌ଟି ପାଖରେ ପହୁଞ୍ଚି ଲାଲଜୀ କହିଲା — ଏଇଟି ମୋର କ୍ୟାବିନ୍ — ନମ୍ବର ଫାଇଭ ।

ହସି ହସି ରେବା ମୁଣ୍ଡ ହଲାଇଥିଲା ।

ଲାଲଜୀ ମଧ୍ୟ ହସିଥିଲା ।

— ଘରର ଭିତରଟା ଦେଖିବେ ନାହିଁ ରେବା ଦେବୀ ।

— ଘରର ଭିତରଟା ଦେଖି । ଆଗରୁ ମନୁଷ୍ୟଟିର ଭିତର ଆଗେ ଦେଖିବାକୁ ହୁଏ । ନୁହେଁ କି ?

ଚମତ୍କାର କଥା କହିପାରେ ଏହି ତରୁଣୀଟି ।

ଏତେ ରାତିରେ ରେବାକୁ ଦେଖି ଲାଲଜୀ ଯେ କେବଳ ବିମୁଗ୍ଧ ହୋଇ ପଡ଼ିଥିଲା ତାହା ନୁହେଁ, ଗୋଟାଏ ସମବେଦନାର ଉଚ୍ଛ୍ୱାସ ମଧ୍ୟ ଭରିଉଠିଥିଲା ବୁକୁଟିରେ ତା'ର ।

— କଣ ହୋଇଛି, ରେବା ଦେବୀ — ହଠାତ୍ ଏତେ ରାତିରେ ?

— ମା' ଅଜ୍ଞାନ ହୋଇ ପଡ଼ିଛନ୍ତି । ହାତ ଗୋଡ଼ ସବୁ ଥଣ୍ଡା — କଣ କରିବି କିଛି ଠିକ୍ କରି ପାରୁ ନାହିଁ ।

— ଡାକ୍ତରଙ୍କୁ ଖବର ଦେଇଛନ୍ତି ?

— ଫୋନ୍ କରିଛି । ଘଣ୍ଟାଏ ପରେ ସେ ଆସିବେ ବୋଲି କହିଲେ । ମୁଁ ଏକା, ଆପଣ ଦୟାକରି ଟିକିଏ ଆସିବେ ?

— ଦୟା ନକରି ଯାଉଛି, ଚାଲନ୍ତୁ ।

ଉଭୟେ ଯେତେବେଳେ ସାତନମ୍ବର କ୍ୟାବିନ୍‌ରେ ଆସି ପହଞ୍ଚିଲେ, ପ୍ରୌଢ଼ା ସେତେବେଳେ ମୂର୍ଚ୍ଛିତା ( ? ) — ମେଦବହୁଳ ଶରୀରଟି ମୈନାକ ପାହାଡ଼ ପରି ବିଛଣାରେ ପଡ଼ିଛି ।

ରେବା କହିଲା — ଆପଣ ନାଡ଼ୀ ଦେଖି ଜାଣନ୍ତି ? ଆଗେ ନାଡ଼ୀଟା ଦେଖନ୍ତୁ ତ !

ଲାଲଜୀ ନାଡ଼ୀ ଦେଖି କହିଲା — ଭୟ କରିବା ଭଳି କିଛି ତ' ଦେଖୁନାହିଁ । ସ୍ମେଲିଂ ସଲ୍ଟ ଅଛି ?

ସ୍ମେଲିଂ ସଲ୍ଟ ଶିଶିଟିକୁ ଆଗେଇ ଦେଇ ରେବା କହିଲା — ମୁଁ ଦେଖିଛି, କିନ୍ତୁ କୌଣସି ଫଳ ପାଇନାହିଁ । ଆପଣ ଆଉ ଥରେ ଚେଷ୍ଟା କରି ଦେଖନ୍ତୁ, ମୁଁ ବବର୍ଚ୍ଚିଖାନାରୁ ଟିକିଏ ବରଫ ନେଇଆସେ । ମୁଁ ନ ଆସିବାଯାଏ ଆପଣ ରୋଗୀକୁ ଛାଡ଼ି ଯିବେ ନାହିଁ ।

ରେବା ଯିବାପରେ ଲାଲଜୀ ସ୍ମେଲିଂ ସଲ୍ଟର ଶିଶିଟିକୁ ନେଇ ବୃଦ୍ଧାର ନାକ ପାଖରେ ଦେଖାଇଲା । ଗୋଟାଏ ବିରାଟ ଛିଙ୍କ ବାହାରି ଆସିଲା ବୃଦ୍ଧାର ନାକ ଭିତରୁ; ଚମକି ପଡ଼ିଲା ଲାଲଜୀ । କିଛି ସମୟ ପରେ ବୃଦ୍ଧାର ଜ୍ଞାନ ଫେରି ଆସିବା ପରି ମନେହେଲା । ଶୂନ୍ୟ ଦୃଷ୍ଟିରେ ଚାହିଁ କାତର ସ୍ୱରରେ ବୃଦ୍ଧା କହିଲା — ମୁଁ କେଉଁଠି ଅଛି ।

ଏତେରାତିରେ ଏହିସବୁ ଝମେଲା ଯୋଗୁଁ ଲାଲଜୀ ବିରକ୍ତ ହୋଇ ପଡ଼ିଥିଲା । ବୃଦ୍ଧାଙ୍କର ପ୍ରଶ୍ନରେ ସେ ମନେ ମନେ ଉଚ୍ଚାରଣ କଲା — ଯମ ଘରେ । କିନ୍ତୁ କହିଲା — ଆପଣଙ୍କ ଘରେ ।

କ୍ଷୀଣ ସ୍ୱରରେ ବୃଦ୍ଧା ଡାକିଲା — ରେବା ! ରେବା !

— ରେବା ବରଫ ଆଣିବାକୁ ଯାଇଛି, ସାଙ୍ଗେ ସାଙ୍ଗେ ଫେରିବ ।

ରେବା ପ୍ରବେଶ କଲା : ବରଫ ପାଇଲି ନାହିଁ, ଶେଷ ହୋଇଯାଇଛି । ଆଚ୍ଛା, ଆପଣ ଯାଆନ୍ତୁ, ଡାକ୍ତର ବୋଧହୁଏ ବର୍ତ୍ତମାନ ଆସିବେ । ଗତ ଅଧରେ ଆପଣଙ୍କ କଷ୍ଟ ଦେଲି ବୋଲି ମନରେ କିଛି ଭାବିବେ ନାହିଁ ।

* * * ନିଜ ଘରେ ଲାଲଜୀ ଆସି ଠିଆହେଲା । ଅସ୍ପଷ୍ଟ ସୁଖ ସ୍ମୃତିପରି ମଧୁର ଗୋଟାଏ ସୁଗନ୍ଧ ସମସ୍ତ ଚେତନାକୁ ତାର ରିମ୍‌ଝିମ୍ କରି ଦେଉଛି ଯେପରି । ଫରାସୀ ଲେଭେଣ୍ଡାରର ଗନ୍ଧ ।

ରେବା ସହିତ ଦେଖାହେଲେ ଏହି ଗନ୍ଧଟି ପାଏ ଲାଲଜୀ ।

ଲାଲବାଗ ।

ଓ,ସି ମନୋଜବାବୁ, ସ୍ପେଶାଲ ବ୍ରାଞ୍ଚର ଇନେସ୍‌ପେକ୍‌ଟର ବିକାଶ ଓ ସମ୍ବାଦପତ୍ର ରିପୋର୍ଟର ରେବା ଓ.ସିଙ୍କର ଖାସ କାମରାରେ ଏହି ତିନିଜଣ ।

—ଅନେକ ଖୋଜିଲି । ଏହି ଶିଶିଟି ଛଡ଼ା ଆଉ କିଛି ପାଇଲି ନାହିଁ । ବିକାଶବାବୁ !

ବିକାଶ ଶିଶିଟିରେ ଥିବା ତରଳ ପଦାର୍ଥଟିକୁ ପରୀକ୍ଷା କରି କହିଲା — ଲାଲଜୀ ଅଭିନେତା, ଏମେଚର ନୁହେଁ — ପେଶାଦାର । ଏହି ତରଳ ପଦାର୍ଥଟି ହେଉଛି ସ୍ପିରିଟ୍‌ଗମ୍, ଆଉ ଶିଶିଟିରୁ ପ୍ରାୟ ଅଧେ ହେବ ଖର୍ଚ୍ଚ ହୋଇଯାଇଛି । ନିଶ୍ଚୟ ଲାଲଜୀ ଛଦ୍ମବେଶରେ ବାହାରକୁ ଯାଏ । ଆଚ୍ଛା, ରେବା ଦେବୀ— ଲାଲଜୀ ପାଖକୁ ଆଉ କାହାରିକୁ ଆସିବାର ଦେଖିଛ ?

—ସେହି ସୁବେଶା ତରୁଣୀଟି ମଝିରେ ମଝିରେ ଆସେ ମୁହଁ ଉପରେ ତା'ର କଳା ଓଢ଼ଣୀ ଘେରା ।

କିଏ ସେହି ରହସ୍ୟ ମୟୀ ?

ବିକାଶ ମନେ ମନେ ହିସାବ କରିବାକୁ ଲାଗିଲା । ରାଜାରାମ ଦୋକାନର ଲାଲ ରୁକ୍ମିଣୀ ନହେଁ ତ ? ସେତ ଅପରୂପ ସୁନ୍ଦରୀ ଥିଲା, ସୁବେଶା ତନ୍ୱୀ ଆଧୁନିକ ! ଲାଲଜୀକୁ ତ ସେ ନିଶ୍ଚୟ ଜାଣେ । ନିଶ୍ଚୟ ସେହି ଲାଲ ରୁକ୍ମିଣୀ । ଏହିଠାରେ ରହସ୍ୟର ଯାବତୀୟ ଉପକରଣ ବିଦ୍ୟମାନ — ଏହି ସୂକ୍ଷ୍ମ କଳା ରଙ୍ଗର ନେଟ୍ ଓଢ଼ଣା ତଳେ ।

—ରେବାଦେବୀ, ଏଥର ଯଦି କେବେ ସେ ଆସେ, ଫେରିବାବେଳେ ତୁମେ ତାକୁ ଅନୁସରଣ କରି ତାର ଠିକଣା ସଂଗ୍ରହ କରିବ ।

—କିନ୍ତୁ ତାହା କଣ ସମ୍ଭବ । ଲାଲଜୀ ଆଖିରେ ମୁଁ ହୁଏତ ଧରା ପଡ଼ି ଯାଇପାରେ ।

—ନା, ଧରା ପଡ଼ିବ ନାହିଁ । ତୁମର ମା' ( ? ) ମୂର୍ଚ୍ଛା ରୋଗୀ, ଡାକ୍ତର ଡାକିବା ଛଳନା କରି ସେହି ରହସ୍ୟମୟୀକୁ ଫଲୋ କରିବ ।

ଷ୍ଟେଟ ବ୍ୟାଙ୍କର ପିଠା ଘଣ୍ଟାରେ ୧୧ ଟା ବାଜିଲା ।

ଇଣ୍ଡିଆ ଇନସୁରେନସ୍ କୋମ୍ପାନୀର ଜେନେରାଲ ମେନେଜର ମିଃ ଆୟାରଙ୍କ ଚେମ୍ବାରରେ ମି. ଆୟାର ଓ ସାମନା ଦୁଇଟି ସୁଦୃଶ୍ୟ ଚେୟାରରେ ବସିଛନ୍ତି ବୃଦ୍ଧ ଭୁଜଙ୍ଗଧର ଓ ରୂପସୀ ଅପର୍ଣ୍ଣା —

ମିଃ ଆୟାର ହସି ହସି କହିଲା—ଆପଣ ଆଜି ପନ୍ଦର ହଜାର ଟଙ୍କାର ଚେକ୍ ଖଣ୍ଡିକ ପାଇବେ ଅପର୍ଣ୍ଣା ଦେବୀ ! ବିଳମ୍ବରେ ପାଇଲେ ବୋଲି ମୁଁ ଦୁଃଖିତ, କିନ୍ତୁ ଆହୁରି ଆଗରୁ ପେମେଣ୍ଟ କରିବାର ସମ୍ଭବ ନୁହେଁ ବୋଲି ମୁଁ ନିରୁପାୟ ଥିଲି ।

ସ୍ନିଗ୍ଧ ସକରୁଣ ଆଖି ଦୁଇଟିରେ ଚାହିଁ ଅପର୍ଣ୍ଣା କୃତଜ୍ଞତା ଜଣାଇଲା । ଭୁଜଙ୍ଗଧର ବାରେ ଦୁଇବାର କାଶି ନେଇ କଣ୍ଠଟାରଟିକୁ ଗଳାରେ ଭଲକରି ଜଡ଼ାଇ ନେଇ ପଚାରିଲା—ଚେକ୍ ଖଣ୍ଡିକ କଣ ଲେଖା ହୋଇ ସାରିଛି, ମିଃ ଆୟାର୍ ?

—ହଁ ଲେଖା ସରିଛି ।

ଟେବୁଲର ଡ୍ରୟାର ଭିତରୁ ମିଃ ଆୟାର ଚେକ୍ ଓ ରସିଦର ଫର୍ମଟିକୁ ବାହାର କରି କହିଲା—ଏହି ରସିଦଟିରେ ଅପର୍ଣ୍ଣା ଦେବୀଙ୍କୁ ଦସ୍ତଖତ୍ କରିବାକୁ ହେବ ।

—ନିଶ୍ଚୟ,—ନିଶ୍ଚୟ···ବ୍ୟସ୍ତ ହୋଇ ଭୁଜଙ୍ଗ ଧର ପୁନର୍ବାର ଦୁଇତିନଥର କାଶି ନେଲା ।

—ଆଉ ସାକ୍ଷୀ ହିସାବରେ ଆପଣ ମଧ୍ୟ ଦସ୍ତଖତ୍ ଦେବେ, ଭୁଜଙ୍ଗବାବୁ ।

ଯଥାରୀତି ଲେଖା ଲେଖି ପରେ ଚେକ୍ ଖଣ୍ଡିକ ଅପର୍ଣ୍ଣାର ହାତକୁ ବଢ଼ାଇ ଦେଇ ଦେଇ ମିଃ ଆୟାର୍ କହିଲା ଇଣ୍ଡିଆ ଇନ୍‌ସ୍ୟୁରେନ୍‌ସ କୋମ୍ପାନୀ ତରଫରୁ ଅତ୍ୟନ୍ତ ଆନନ୍ଦ ସହିତ ମୁଁ ଆପଣଙ୍କ ହାତରେ ପନ୍ଦର ହଜାର ଟଙ୍କାର ଚେକ୍ ଖଣ୍ଡିକ ଦେଉଛି ଅପର୍ଣ୍ଣା ଦେବୀ ।

ପୁଷ୍କରିଣୀର ଜଳ ପବନ ସ୍ପର୍ଶ ବାଜି ଯେପରି ଟଳଟଳ ହୁଏ ଅପର୍ଣ୍ଣାର ଚକ୍ଷୁ ଦୁଇଟି ସେହିପରି ଚହଲି ଗଲା ମୁହୂର୍ତ୍ତିକ ଭିତରେ । ଚେକ୍ ଖଣ୍ଡିକ ସଯତ୍ନରେ ପକେଟ୍‌ରେ ରଖି

ଭୁଜଙ୍ଗଧର କିଛି ସମୟ ପର୍ଯ୍ୟନ୍ତ କାଶିବାକୁ ଲାଗିଲା । ତା’ପରେ କହିଲା—ଆପଣ ଯେଉଁ ଉପକାର ଆଜି କଲେ ତାହା ଚିରଦିନ ମନେଥିବ ମିଃ ଆୟାର୍ !

ସସ୍ମିତେ ମିଃ ଆୟାର କହିଲେ—ଉପକାର ନୁହେଁ, କର୍ତ୍ତବ୍ୟ ।

ହସି ହସି ଭୁଜଙ୍ଗଧର ଉଠିଲେ । ଧୀର ଅଚଞ୍ଚଳ ଭଙ୍ଗିରେ ଅପର୍ଣ୍ଣା ମଧ୍ୟ ଉଠିଲା । ତା’ପରେ ଶୁଭ୍ର ସୁଗୋଲ ଦକ୍ଷିଣ ହସ୍ତଟିକୁ ଆୟାରଙ୍କ ଆଡ଼କୁ ବଢ଼ାଇ ଦେଇ କମ୍ପିତ ଗଳାରେ କହିଲା—କଣ କହି ଯେ ଆପଣଙ୍କୁ ଧନ୍ୟବାଦ ଜଣାଇବି···

ସେହି ଶଙ୍ଖଶୁଭ୍ର ମସୃଣ ହାତଟିକୁ ନିଜର ହାତମୁଠା ଭିତରେ ଧରି ତରୁଣ ମାନ୍ଦ୍ରାଜୀ ମେନେଜର ମୁହୂର୍ତ୍ତକ ପାଇଁ ଯେପରି ନିଜକୁ ହରାଇ ପକାଇଲା ।

ଦ୍ୱାର ପାଖକୁ ଆସି ଭୁଜଙ୍ଗଧର କହିଲା—ନମସ୍କାର ମିଃ ଆୟାର୍ !

ମିଃ ଆୟାର୍ ଅପର୍ଣ୍ଣାର ହାତଟିକୁ ଛାଡ଼ି ଦେଲେ । କ୍ରମେ ଉଭୟଙ୍କର ପଦଶବ୍ଦ ମିଳାଇଗଲା । ମେନେଜର ସିଗାରେଟ୍‌ରେ ଅଗ୍ନି ସଂଯୋଗ କଲା—ଶଙ୍ଖଶୁଭ୍ର ସେହି ମସୃଣ ହାତଟିର ସ୍ପର୍ଶ ନିଜର କୃଷ୍ଣବର୍ଣ୍ଣ ହାତମୁଠାଟି ଭିତରେ ଏପର୍ଯ୍ୟନ୍ତ ଅନୁଭବ କରୁଛି ସେ ।

ପିଅନ ଆସି ଟେବୁଲ ଉପରେ ଖଣ୍ଡିଏ ସ୍ଲିପ୍ ରଖି ଗଲା । ସ୍ଲିପଟିକୁ ନ ଦେଖି ଅନ୍ୟମନସ୍କ ଭାବେ ଆଗନ୍ତୁକଙ୍କୁ ଡାକି ଦେବାକୁ ଆଦେଶ ଦେଲା ମିଃ ଆୟାର୍ ।

ଏବଂ ସେହି ମୁହୂର୍ତ୍ତରେ ଆସି ପହଞ୍ଚିଲେ ଦୁଇଟି ପ୍ରାଣୀ । ଲଂକ୍ଲଥ୍‌ର ପଞ୍ଜାବି ଉପରେ ଏଣ୍ଡିର ଚଦର, ଶ୍ମଶ୍ରୁଗୁମ୍ଫହୀନ ଶୀର୍ଣ୍ଣ ଜଣେ ଭଦ୍ରଲୋକ, ଆଉ ବିଧବା ବେଶୀ ଜଣେ ଭଦ୍ର ମହିଳା ।

ମିଃ ଆୟାର୍ କହିଲା—ଇୟେସ୍, କଣ କହନ୍ତୁ ।

ଆଗନ୍ତୁକ ଭଦ୍ରଲୋକଟି କହିଲେ—ମୁଁ ଆସାମର ଜମିଦାର ମୃତ ଜାନକୀନାଥବାବୁଙ୍କର ଦେଓ୍ୟାନ ଭୁଜଙ୍ଗଧର, ଆଉ ଏ' ହେଉଛନ୍ତି ତାଙ୍କର ଏକମାତ୍ର କନ୍ୟା ଅପର୍ଣ୍ଣା ।

ମିଃ ଆୟାର୍ ତୀର ପରି ସଳଖ ହୋଇ ବସି କହିଲେ—what !

ଭଦ୍ରଲୋକଟି କହିଲା—ଆମ୍ଭେମାନେ ଆସିଛୁ ମୃତ ଜାନକୀନାଥବାବୁ ଅପର୍ଣ୍ଣା ନାମରେ ଯେଉଁ ପନ୍ଦରହଜାର ଟଙ୍କାର ଇନସ୍ୟୁରେନସ୍‌ଟି କରି ଯାଇଛନ୍ତି, ସେହି ଟଙ୍କାଟି ଫେରସ୍ତ ନେବା ଲାଗି ।

ବିମୂଢ଼ ବିସ୍ମୟରେ ମିଃ ଆୟାର କହିଲେ—ଦୁନିଆରେ ଆଉ କେତେଜଣ ଭୁଜଙ୍ଗଧର ଓ କେତେଜଣ ଅପର୍ଣ୍ଣା ଅଛନ୍ତି କହି ପାରିବେ ?

—ଆପଣଙ୍କର ଏ କଥାର ଅର୍ଥ ?

—ଏହି ମୁହୂର୍ତ୍ତରେ ଜଣେ ଭୁଜଙ୍ଗଧର ଓ ଜଣେ ଅପର୍ଣ୍ଣା ଆସି ଜାନକୀନାଥବାବୁଙ୍କର ଇନ୍‌ସ୍ୟୁରେନସ ବାବଦ୍ ୧୫ ହଜାର ଟଙ୍କାର ଚେକ୍‌ଟି ନେଇ ଯାଇଛନ୍ତି ।

× × ×

କୁଇନ୍‌ମେରୀ ହୋଟେଲର ସାତ ନମ୍ବର କ୍ୟାବିନ୍‌ରୁ ରେବା ଚିତ୍କାର କରୁଥାଏ—ବୟ୍, ବୟ୍, ଜଲ୍‌ଦି ବରଫ ଲାଓ—ମା' ହାମାରୀ ବେହୋସ୍ ହୋ' ଗିୟା !........

ବନ୍ଧୁ କୁ ବରଫ ପାଇଁ ପଠାଇ ରେବା ଲଲଜୀର କ୍ୟାବିନ୍ ପାଖକୁ ଆସି ଦେଖିଲା ଦ୍ୱାରଟି କଅଁତ୍ ଉନ୍ମୁକ୍ତ । ବ ଦ୍ୱାରେ ଠିଆ ହୋଇ ସେ କହିଲା — ମିଷ୍ଟର, ମଷ୍ଟର, ଟିକଏ ତଅଁଳ ଆସିବେ । ମା ମୂର୍ଚ୍ଛା ଯାଇଛନ୍ତି ଟିକଏ ତଅଁଳ ଆସନ୍ତୁ ।

କିନ୍ତୁ ପାଞ୍ଚ ମିନଟ୍ ପର୍ଯ୍ୟନ୍ତ କୌଣସି ଉତ୍ତର ନପାଇ ବାଧ ହୋଇ ରେବା ଦ୍ୱାରଟିକୁ ଖୋଲିଦେଲା । ଘରଟି ଭିତରେ ଲଲଜୀ ନାହିଁ, କିନ୍ତୁ ଲଲଜୀର ବେଡ୍ ଉପରେ ବସି ସୌମ୍ୟ-ଦର୍ଶନ ଜଣେ ପ୍ରୌଢ଼, ମୁଣ୍ଡର ବାଳଗୁଡ଼ିକ କୃଷ୍ଣ--ଶୁଭ୍ର ମିଶ୍ରିତ । ଆଖିରେ ଚଷମା ଓ ଏହି ପ୍ରବଳ ଗ୍ରୀଷ୍ମରେ ସୁଦ୍ଧା ଗଳାରେ କମ୍ପର୍ଟର ଜଡ଼ାଇ ନିର୍ବିକାରଭାବେ ପାନ ସହିତ ଜର୍ଦ୍ଦା ମିଶାଇ ଚର୍ବଣୋଦ୍ୟତ ।

ଅପ୍ରସ୍ତୁତ ହୋଇ ରେବା ପଚାରିଲା — ଲଲଜୀ ?

ଭଦ୍ରଲୋକଟି ଦୁଇ ତିନଥର କାଶିନେଇ କହିଲା — ଲଲଜୀ ବାହାରକୁ ଯାଇଛି, ମୁଁ ତା'ର ବାପାଙ୍କର ବଡ଼ଭାଇ !

ରେବା ଫେରିଆସି ନିଜର କ୍ୟାବିନର ଦ୍ୱାର ପାଖରେ ପହଞ୍ଚିଛି, ଶବ୍ଦ ଶୁଣି ସେ ପଛକୁ ଚାହିଁ ଦେଖେ ପନ୍ତଲୁନ୍ ଓ ପଞ୍ଜାବି ପିନ୍ଧି କିଏ ଜଣେ ସିଡ଼ିରୁ ଓହ୍ଲାଉଛି, ଦେଖିବାକୁ ଅବିକଳ ଲଲଜୀପରି ।

ତେବେ ଯେ ସେହି ପ୍ରୌଢ଼ ଲୋକଟି କହିଲେ — ଲଲଜୀ ନାହିଁ ?

କ୍ୟାବିନ ଭିତରେ ନ ପଶି ରେବା ପୁନର୍ବାର ଦୌଡ଼ିଗଲା ଲଲଜୀର କ୍ୟାବିନକୁ । ଦ୍ୱାର ଠେଲି ଭିତରକୁ ଚାହିଁ ଦେଖିଲା, ଘର ଭିତରେ କେହି ନାହିଁ, କେବଳ ବୃଦ୍ଧଙ୍କର ରୁପାବନ୍ଧା ବାଡ଼ିଟି ଘରର ଗୋଟିଏ କୋଣରେ ପଡ଼ିଛି ।

କଫି ହାଉସ୍ ଲେକାରଣ୍ୟ ।

ସୁସଜ୍ଜିତ ଷ୍ଟେଜ୍ । ଲାଲ ଭେଲ୍‌ଭେଟ୍‌ର ସ୍କ୍ରିନ୍ ଉପରେ ବୈଦ୍ୟୁତାଲୋକ ଝଲସି ପଡ଼ିଲା ।

ଜୋହରା ବାଈର ନୃତ୍ୟ ।

କେତେଟା ଦିନ ଭିତରେ ଜୋହରା ବାଈ ନାଗରିକମାନଙ୍କ ମନପ୍ରାଣ ଆକର୍ଷଣ କରି ନେଇଛି । ସହରର ସମ୍ଭ୍ରାନ୍ତ ନରନାରୀ ଠାରୁ ଆରମ୍ଭ କରି ଅତି ଦରିଦ୍ର ମଧ୍ୟ ଜୋହରା ବାଈର ନୃତ୍ୟ ଦେଖିବା ପାଇଁ କ୍ୟୁ--ରେ ଠିଆ ହୋଇ ଟିକେଟ୍ କରନ୍ତି । ଜୋହରାର ପ୍ରକୃତ ପରିଚୟ କେହି ଜାଣନ୍ତି ନାହିଁ, ଜାଣନ୍ତି କେବଳ ଜୋହରା ଶାପଭ୍ରଷ୍ଟା ଅପସରୀ ।

ସ୍କ୍ରିନ୍ ଉଠିବା ସଙ୍ଗେ ସଙ୍ଗେ ଅଡ଼ିଟୋରିୟମ୍‌ର ଗୋଳମାଳ ବନ୍ଦ ହୋଇଗଲା । ତୀବ୍ର ଉତ୍କଣ୍ଠାରେ ଦର୍ଶକମାନେ ଜୋହରାର ଆବିର୍ଭାବକୁ ଚାହିଁ ରହିଛନ୍ତି । ଭିତରେ ଶୁଣାଯାଉଥାଏ ନୂପୁରର ରୁମ୍ ଝୁମ୍, ଝୁମା ଝୁମ୍ ଶବ୍ଦ । ଜୋହରାର ପଦଙ୍କକଙ୍କଣର ଛନ୍ଦାୟିତ ଗତି । ବଟିନ୍ଦ୍ର ମନମୁଗ୍ଧ-କର ଲୀଳାୟିତ ଭଙ୍ଗୀରେ ହାତଦୁଇଟିକୁ ଏକତ୍ର କରି ଜୋହରା ଆସିଲା ଷ୍ଟେଜ୍ ଉପରକୁ, ପ୍ରଣାମ କଲା ଭକ୍ତ ବୃନ୍ଦଙ୍କୁ । କେତେଟା ଦିନ ଭିତରେ ଜୋହରା ମଧ୍ଯ ଚିହ୍ନି ନେଇଛି ତାର ଗୁଣମୁଗ୍ଧ ଭକ୍ତଗଣଙ୍କୁ—ଆଜି ମଧ୍ଯ ଚିହ୍ନିଲା । କିନ୍ତୁ ଚିହ୍ନିପାରେନା ସମ୍ମୁଖରେ ମୂଲ୍ୟବାନ ବେଶଭୂଷାରେ ସଜ୍ଜିତ ସୁଦର୍ଶନ ଯୁବକଟିକୁ । ଭଲକରି ଚିହ୍ନିବା ଉଦ୍ଦେଶ୍ୟରେ ସେ ମୁଦ୍ରା ଭଙ୍ଗିମା ଅବସ୍ଥାରେ ଘନ ଘନ ତୀର୍ଯ୍ୟକ ଦୃଷ୍ଟି ହାଣି ଦେଖିଲା ନବାଗତ ଦର୍ଶକକୁ—ତା'ପରେ ସମ୍ମୋହନ ବିଦ୍ୟା ପ୍ରଭାବରେ

ମୁଗ୍ଧ କଲା ସମସ୍ତଙ୍କୁ । ବିପୁଳ କରତାଳି ଧ୍ୱନିରେ ମୁଖରିତ ହେଲା ଅଡ଼ିଟୋରିୟମ୍ ।

ଗ୍ରୀନ୍ ରୁମ୍‌ରେ ପହୁଞ୍ଚି ଜୋହରା ପୋଷାକ ବଦଳାଉଛି, ବୟ୍ ଆସି ଖଣ୍ଡିଏ ଚ୍ଛୋଟ କାଗଜ ଦେଲା । "ନଜ୍‌ରୁଲ୍—ଦର୍ଶନପ୍ରାର୍ଥୀ ।"...ଜୋହରା ଆଦେଶ ଦେଲା ବୟ୍‌କୁ ସାହେବଙ୍କୁ ଡାକିଦେବା ପାଇଁ ।

ଦ୍ୱାର ଠେଲି ଧୀରେ ଧୀରେ ପ୍ରବେଶ କଲା ନଜରୁଲ୍—ହାତରେ ବଡ଼ ଗୋଟିଏ ପୁଷ୍ପଗୁଚ୍ଛ । ଜୋହରା ଚିହ୍ନିପାରିଲା ଆଗନ୍ତୁକକୁ । ନବାଗତ ଦର୍ଶକ, ଯାହାକୁ ସେ ନୃତ୍ୟ ସମୟରେ ଦେଖିଛି । ଅଭିବାଦନ କରି ନଜରୁଲ୍ ପୁଷ୍ପଗୁଚ୍ଛଟିକୁ ଜୋହରା ହାତକୁ ବଢ଼ାଇ ଦେଉ ଦେଉ କହିଲା—ତୁମର ନାଚ ଦେଖି ମୁଁ ମୁଗ୍ଧ ହୋଇଛି, ମିସ୍ ।

ପୁଷ୍ପଗୁଚ୍ଛଟିକୁ ହାତରେ ନେଇ ଜୋହରା କେବଳ ମାତ୍ର କହିଲା—ଧନ୍ୟବାଦ । —ଧନ୍ୟବାଦ ତୁମେ ପାଇବା ଉଚିତ୍ ମେଡାମ୍, ଯେ ହେତୁ ତୁମେ ମୋର ଉପହାର ଗ୍ରହଣ କରିଛ ।

—ଆପଣଙ୍କର ପରିଚୟ କିନ୍ତୁ...

ବାଧା ଦେଇ ନଜରୁଲ୍ କହିଲା—ମୋର ପରିଚୟ ତୁମପରି ସେପରି କିଛି ନୁହେଁ । ନାଚଗୀତ ମୁଁ ଖୁବ୍ ଭଲପାଏ । ମୋର କେହି ନାହିଁ । ଏଠାକାର ଗୋଟିଏ ମିଉଜିକ୍ ସ୍କୁଲରେ ପିଆନୋ ବଜାଏ । ତୁମେ ବାଲ୍‌ଡୀ ନାଚ ଜାଣ ?

—ଜାଣେ, ସାମାନ୍ୟ ।

—ମୁଁ ମଧ୍ୟ ସାମାନ୍ୟ ଜାଣେ । ନାଚର ଗୋଟିଏ ଟ୍ରେନିଂ ପାଇଁ କିଛିଦିନ କରିଥିଲି...ତୁମ ସାଙ୍ଗରେ ଥରେ ନାଚିବି ବୋଲି ଭାବୁଛି ।

— ମୋର କନ୍ତୁ ବେଳ ନାହିଁ ।

— ଏକଣ କହୁଛ, ମେଡ଼ାମ୍ । ଜୀବନରେ ଆନନ୍ଦ କରିବାର ସମୟ ତୁମର ନାହିଁ ! ତୁମେ କଣ ବିବାହିତା ?

— ନା ।

— ନାଚ ଛଡ଼ା ଆଉ କଛି କର ?

— ନା, ଠିକ୍ ତା' ନୁହେଁ — ତେବେ —

ନଜରୁଲ୍ ଆବେଗଭରା, କହିଲା — ତୁମେ ଆର୍ଟିଷ୍ଟ, ଜୀବନକୁ ପୂର୍ଣ୍ଣଭାବେ ଉପଭୋଗ କର । ଯୌବନ ହେଉଛି ଗୋଟିଏ ରାତିର ଉତ୍ସବ । ବର୍ତ୍ତମାନ ଅଛି, ବର୍ତ୍ତମାନ ନାହିଁ । ସମୟ ଥାଉ ଥାଉ ଯାହା ଇଚ୍ଛା କରିଯାଅ — eat drink and be merry !... ନଜରୁଲ୍ ବାହାରିଲା...Good night — ଆଉ ଦିନେ ତୁମର ନାଚ ଦେଖିବାକୁ ଆସିବି ।

ନଜରୁଲ୍ ଚାଲିଗଲା । ଜୋହରା ଭାବିବାକୁ ଲାଗିଲା, ନଜରୁଲ୍ ଯାହା ସବୁ କହିଗଲା ସେ ସବୁ କଣ ଠିକ୍ ? ଯୌବନ ହେଉଛି ଗୋଟିଏ ରାତିର ଉତ୍ସବ । — ଜୋହରା ଜାଣେ, ବସନ୍ତ ଚାଲିଗଲେ ଶୁଷ୍କ ଫୁଲ ଗୁଡ଼ିକ ଝରିପଡ଼େ ।

ସେହି ରାତି ।

ମାଷ୍ଟର ବୁଇକ୍ ଗାଡ଼ି ଖଣ୍ଡିକ ଡାକ୍ତର ଇସ୍ମାମୀ ସାହେବର ଦ୍ୱାର ମୁହଁରେ ବ୍ରେକ୍ କଷିଲା । ଇସ୍ମାମୀ ସାହେବ — ଡାକ୍ତର ବୋଲି ପରିଚିତ । ସେଦିନ ରାତରେ ଲାଲଜୀ ରାଜାରାମ ଦୋକାନର ଗହଣା ଗୁଡ଼ିକ ଯାହାଙ୍କୁ ଦେଇ କୋଡ଼ିଏ ହଜାର ଟଙ୍କା ଆଣିଥିଲା ।

ସଙ୍କେତ ଶୁଣି ଇରାନୀ ସାହେବ ଦ୍ୱାର ଖୋଲିଲା। ଭିତରକୁ ଯାଇ ଲାଲଜୀ ଦେଖିଲା ଘରଟିର ପୂର୍ବାବସ୍ଥା ନାହିଁ। ଔଷଧ ଭର୍ତ୍ତି ଆଲମାରୀ ଗୁଡ଼ିକ ଶୂନ୍ୟଗର୍ଭ। ଗୋଟାଏ ବିଶୃଙ୍ଖଳାର ଆଭାସ ସୂଚିତ ହୁଏ। ଲାଲଜୀ ଅସ୍ୱସ୍ତି ବୋଧ କରୁଥାଏ।

—କୁଆଡ଼େ ଆସିଲ, ଲାଲ୍ ?

ଇରାନୀ ସାହେବର ପ୍ରଶ୍ନରେ ଲାଲଜୀର ଚେତନା ଯେପରି ଫେରିଆସିଲା। କହିଲା—ସବୁଦିନେ ଯେଉଁ ଉଦ୍ଦେଶ୍ୟରେ ଆସେ, ଆଜି ମଧ୍ୟ ସେହି ଉଦ୍ଦେଶ୍ୟ। ଖଣ୍ଡିଏ ଚେକ୍ ଆଣିଛି, ଇଣ୍ଡିଆ ଇନ୍‌ସ୍ୟୁରେନ୍‌ସ କୋମ୍ପାନୀର।

—ମୋ ହାତରେ ଆଉ କିଛି ନାହିଁ, ଲାଲଜୀ।

—ସେ ସବୁ ବାଜେ କଥା ରଖ ସାହେବ। ପନ୍ଦର ହଜାର ଟଙ୍କାର ଚେକ କ୍ୟାସ୍ କରିବା ଲାଗି କେତେ କମିଶନ ତୁମେ ଚାହୁଁ ସେ କଥା କୁହ।

ଲୌହ ସିନ୍ଦୁକଟିକୁ ଖୋଲି ଇରାନୀ ସାହେବ କହିଲା—ମୁଁ ଠିକ୍ କହୁଛି କି ନାହିଁ ଦେଖ, ଲାଲ୍ !

ଲାଲଜୀ ଦେଖିଲା—ଶୂନ୍ୟଗର୍ଭ ଲୌହ ପେଟିକା।

—ଏସବୁ କଣ ! ପୁଲିଶ ଜାଣିପାରିଲା ବୋଧହୁଏ ?

—ନା, ସବୁ ଅନ୍ଧ- ହାସପାତାଳରେ ଦେଇ ଦେଇଛି। ଡାକ୍ତରୀ ବହିଗୁଡ଼ିକ ମଧ୍ୟ।

ଲାଲଜୀ ବିଶ୍ୱାସ କରିପାରେନା। ସାଇଲକ୍ ଇହୁଦୀ ପରି ଲୋଭୀ, ଅର୍ଥ ପିଶାଚ, ବେପାରୀ କାରବାରୀ ସାହେବ ଯଥାସର୍ବସ୍ୱ ଦାନ କରିବ ଅନ୍ଧ-ହାସପାତାଳକୁ !

—କିନ୍ତୁ କାହିଁକି ସବୁ ଦେଲ, ଇରାନୀ ସାହେବ !

—ଶୁଣ ଲଲ୍, ସେ ଆଜକୁ ପଇଁତ୍ରିଶ ବର୍ଷ ତଳର କଥା । ସେତେବେଳେ ମୋତେ ପଚିଶବର୍ଷ । ସେହି ବର୍ଷ ଡାକ୍ତରୀ ପାଶ୍ କରିଥାଏ । ମନରେ କେତେ ଆଶା, ଆଖିରେ କେତେ ନୂତନ ସ୍ବପ୍ନ ସେତେବେଳେ । ପ୍ରାକ୍‌ଟିସ୍ ଆରମ୍ଭ କଲି । ଦିନେ ଗୋଟିଏ ରୋଗୀ ଦେଖିବାକୁ ଯାଇଥିଲି । ପରିଚୟ ହେଲା ଗୋଟିଏ ତରୁଣୀ ସହିତ । ଫୁଲପରି ନରମ, ଶିଶିର ପରି ପବିତ୍ର ସେହି ତରୁଣୀ ! ନାଁ-ଟି ତାର ରୁମା । ଦିନେ ମଧ୍ୟ ବାହାହୋଇ ଘରକୁ ଆଣିଲି ତାକୁ । ଯାହା କିଛି ଉପାର୍ଜନ କରୁଥିଲି ଦୁହେଁ ଭଲଭାବେ ସେଥିରେ ଚଳିଯାଉଥିଲୁ । ଅର୍ଥଲୋଭ କ୍ରମେ୨ ବଢ଼ିଲା ମୋର, ମନୁଷ୍ୟ ହୋଇ ଯାହା କରଣୀୟ ନୁହେଁ ତାହାହିଁ କଲି ଏଥର । କଳଙ୍କିନୀ କୁମାରୀ ଓ ଭ୍ରଷ୍ଟା ବିଧବାମାନେ ଆସି ଅର୍ଥଲୋଭ ଦେଖାଇ ଭ୍ରୁଣହତ୍ୟା ଲାଗି ମୋତେ ଉତ୍ସାହିତ କଲେ । ଅଜସ୍ର ଅର୍ଥ ମଧ୍ୟ ପାଇଲି ସେମାନଙ୍କ ପାଖରୁ । ଅର୍ଥ ବିନିମୟରେ କେତେ ନିଷ୍ପାପ ଶିଶୁକୁ ପୃଥିବୀର ଆଲୋକ ଦେଖିବାକୁ ଦେଇ ନାହିଁ— କେତେ ଅନାଗତ ଜୀବନକୁ ଗୋପନରେ ନଷ୍ଟ କରିଛି । ସାତ ବର୍ଷ ଭିତରେ ଆଲ୍ଲାଉଦ୍ଦିନର ପ୍ରଦୀପ ସ୍ପର୍ଶରେ ମୋର ଭାଗ୍ୟର ପରିବର୍ତ୍ତନ ଘଟିଲା । କିନ୍ତୁ ଏତେ ଅର୍ଥ କରି ସୁଦ୍ଧା ମୁଁ ରୁମାକୁ ସୁଖୀ କରି ପାରିଲି ନାହିଁ । ଏହି ସାତ ବର୍ଷ ଭିତରେ ରୁମାର ଦୁଇଟି ସନ୍ତାନ ହୋଇଥିଲା, ସେମାନେ ମଧ୍ୟ ପୃଥିବୀର ଆଲୋକ ଦେଖିପାରିଲେ ନାହିଁ । ଏସବୁ ମୋର ପାପର ଫଳ ।

ଟିକିଏ ଦମ୍ ନେଇ ଇସ୍‌ମାସ ସାହେବ କହିଲା,—ଏସବୁ କଥା ରୁମା ଜାଣେନା, କିନ୍ତୁ ଯେଉଁଦିନ ଜାଣି ପାରିଲା, ମୋ ପ୍ରତି ଅପରିସୀମ ଘୃଣାରେ ଦିନେ ରାତିରେ ସେ ମୋତେ ଛାଡ଼ି ଘରୁ

ବାହାରିଗଲା । ଅଥର ମୋହ, ବିଳାସିତାର ଆକର୍ଷଣ, ମୋର ପ୍ରେମ ସବୁ ତୁଚ୍ଛ କରି ସେ ଚାଲିଗଲା ଏକବସ୍ତ୍ରା ହୋଇ । ଭାବିଲି, ତାକୁ ଫେରାଇ ଆଣିବା—ଏହି ଜଘନ୍ୟ କାର୍ଯ୍ୟରେ ଆଉ ହାତ ଦେବି ନାହିଁ । କିନ୍ତୁ ଗୋଟାଏ ପ୍ରଚଣ୍ଡ ଅଭିମାନ ମୋତେ ବାଧାଦେଲା ତାକୁ ଫେରାଇ ଆଣିବା ଲାଗି । ସାତବର୍ଷର ସ୍ନେହ ବନ୍ଧନ ଛିନ୍ନ କରି ସେ ଯଦି ଯାଇପାରେ, ଯାଉ । ତା'ପରେ ଦିନ ଗଲା, ବର୍ଷ ଗଲା, ଯୌବନ ଗଲା,—ଆସିଲା ବାର୍ଦ୍ଧକ୍ୟ, ତେବେ ସୁଦ୍ଧା ମୁଁ ପାପର ପିଚ୍ଛିଳ ପଥରୁ ଫେରିଲି ନାହିଁ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ମୁଁ ମୋର ଗୋପନ ବ୍ୟବସାୟ ଛାଡ଼ି ଷ୍ଟେସନାରୀମାଲର କାରବାର କଲି—ରୁମାକୁ ଭୁଲିଗଲି କ୍ରମେ କ୍ରମେ ।

ବତିଶ ବର୍ଷ ପରେ, ଆଜିକୁ ସାତଦିନ ତଳେ ଫଳ କିଣିବା ପାଇଁ ମାର୍କେଟକୁ ଯାଇଥିଲି । ଫଳ କିଣୁଛି କିଏ ଜଣେ କାତର ସ୍ୱରରେ କହିଲା —ବାବୁ ଗୋଟିଏ ପଇସା ଦିଅ । ପକେଟରୁ ଅଣିଟିଏ ବାହାର କରି ଦେବାକୁ ଯାଉଛି, ହାତଟି ମୋର ଅବଶ ହୋଇଗଲା ହଠାତ । ଭିକ୍ଷା ଯିଏ ଚାହୁଁଛି ସେ ଆଉ ଅନ୍ୟ କେହି ନୁହେଁ, ରୁମା । ବତିଶ ବର୍ଷ ପରେ ସୁଦ୍ଧା ମୁଁ ଚିହ୍ନିବାରେ ଭୁଲ କରିନାହିଁ । ସେହି ପବିତ୍ର ରୂପମୟୀ ରୁମା ଅନାହାରରେ କୁଞ୍ଚିତ ଓ ଶ୍ରୀହୀନ ହୋଇଯାଇଛି । ମୋତେ ସେ ଚାହିଁଥାଏ, କିନ୍ତୁ ମୁଖର ଭାବରୁ ବୁଝିଲି ସେ ମୋତେ ଚିହ୍ନି ପାରିନାହିଁ, କିମ୍ବା ଚିହ୍ନି ଚିହ୍ନା ଦେଉନାହିଁ । ଅଣିଟିକୁ ବଢ଼ାଇ ଦେଇ କହିଲି—ନିଅ । କିନ୍ତୁ ସେ ଅନ୍ୟଦିଗକୁ ହାତ ବଢ଼ାଇଲା । ଭଲ କରି ଦେଖି ବୁଝିପାରିଲି, ତାର ସେହି ଆଖି ଦୁଇଟି—ପ୍ରଭାତ ସୂର୍ଯ୍ୟ ଉଠିବା ଆଗରୁ ଆକାଶର ରଙ୍ଗ ପରି ନୀଳାଭ-ସୁନ୍ଦର ଆଖି ଦୁଇଟି ସମ୍ପୂର୍ଣ୍ଣ ଅନ୍ଧ...

ଲାଲଜୀ ଅସ୍ଫୁଟ ଶବ୍ଦ କରି କହିଲା — ରୁମା ଅନ୍ଧ ?

—ଏସବୁ ମୋର ପାପର ଫଳ, ଲାଲ ! Crime does not pay; my boy ! ପାପର ଦେଣା! ପରିଶୋଧ କରିବାକୁ ହୁଏ··· ରୁମାକୁ ପରିଚୟ ଦେଇ ନାହିଁ । ତାକୁ ସାଙ୍ଗରେ ନେଇ ଅନ୍ଧ—ହାସପାତାଳରେ ରଖି ଆସିଲି, ଆଉ ତା'ପରଦିନ ମୋର ସଞ୍ଚିତସବୁ ଅର୍ଥ ହାସପାତାଳରେ ଦେଇ ଆସିଲି, କେଜାଣି ଅବା ସୁଚିକିତ୍ସା ଦ୍ୱାରା ରୁମାର ଦୃଷ୍ଟିଶକ୍ତି ପୁନର୍ବାର ଫେରି ଆସିପାରେ ।

ଲଲଜୀ ଧୀରେ ଧୀରେ ବାହାରକୁ ଚାଲିଆସିଲା ।

ପାଞ୍ଚ ନମ୍ବର କ୍ୟାବିନ ।

ସୌଖୀନ ଭଦ୍ରଲୋକଟି କୁଇନ୍—ମେରୀ ହୋଟେଲର ପାଞ୍ଚ ନମ୍ବର କ୍ୟାବିନ୍ ପାଖରେ ଆସି ଛିଡ଼ା ହୋଇ କାହାକୁ ଯେପରି ଖୋଜୁଛନ୍ତି । ସାତଟା ବାଜିଛି । ଠିକ୍ ସାତଟା ବେଳେ ତାଙ୍କୁ ଆସିବାକୁ କୁହା ହୋଇଥିଲା—କିନ୍ତୁ କେହି ଦେଖାଯାଉ ନାହାନ୍ତି କାହିଁକି ?

କ୍ୟାବିନର ଦ୍ୱାରଟି ଖୋଲିଗଲା । ଅପରୂପ ରୂପମୟୀ ଲଳନାଟି କବାଟଟି ଉପରେ ହାତ ଦେଇ ବୀଣାନିନ୍ଦିତ ସ୍ୱରରେ କହିଲା— କିଏ ? କୁଞ୍ଜ ବାବୁ, ନା ?

—ହିଁ, ହିଁ—ଆପଣ ?

—ଭିତରକୁ ଆସନ୍ତୁ, କହୁଛି ।

ଲୁଗାର କୁଞ୍ଚିଟିକୁ ସଯତ୍ନରେ ବାଁ ହାତରେ ଧରି କୁଞ୍ଜବାବୁ ଘର ଭିତରକୁ ଗଲେ । କବାଟଟିକୁ ବନ୍ଦ କରିଦେଇ ସେହି

ସୁନ୍ଦରୀଟି ଅପରୂପ ଭଙ୍ଗୀରେ ହାତ ଦୁଇଟିକୁ ଯୋଡ଼ି କହିଲା—ନମସ୍କାର ! ବସନ୍ତୁ !

—ନମସ୍କାର !···କୁଞ୍ଜବାବୁ ବସିଲେ ।—ଲାଲମୋହନ ବାବୁ କୁଆଡ଼େ ଗଲେ ?

କୁନ୍ଦଦନ୍ତ ସାହାଯ୍ୟରେ ତଳ ଓଠଟିକୁ ଚିପି ସେହି ତରୁଣୀଟି କହିଲା—ଓ, ଆପଣଙ୍କୁ କହିବାକୁ ଭୁଲି ଯାଇଛି । ଆଜି ଦି'ପହରେ ଜରୁରୀ ଟେଲିଗ୍ରାମ୍ ପାଇ ସନ୍ଧ୍ୟା ପୂର୍ବରୁ ସେ କାନପୁର ଚାଲିଗଲେ । ଫ୍ୟାକ୍ଟ୍ରୀରେ କ'ଣ ଗୋଟାଏ ଗୋଳମାଳ ଲାଗିଛି । ଆଚ୍ଛା, କୁଞ୍ଜବାବୁ, ତାଙ୍କ ସାଙ୍ଗରେ ଆପଣଙ୍କର ପରିଚୟ କପରି ହେଲା ।

ହସି ହସି କୁଞ୍ଜବାବୁ କହିଲେ—ସେ ସବୁତ' ଅନେକ ଦିନ ତଳର କଥା । ଟ୍ରେନ୍‌ରେ ଦୁହିଁଙ୍କର ଦେଖା ହେଲା । ସେକେଣ୍ଡ୍ କ୍ଲାସରେ ସେଦିନ ଆଉ କେହି ନ ଥିଲେ, କେବଳ ସେ ଓ ମୁଁ । କଥାବାର୍ତ୍ତା ପଡ଼ୁ ପଡ଼ୁ ସେ କହିଲେ ଯେ କାନପୁରରେ ତାଙ୍କର ଗୋଟିଏ ଷ୍ଟିଲ୍ ଫ୍ୟାକ୍ଟ୍ରୀ ଅଛି । ବର୍ଷକୁ ଦୁଇଲକ୍ଷ ଟଙ୍କା ନେଟ୍ ଇନ୍‌କମ୍ ।

ତରୁଣୀଟି ମଧ୍ୟ ହସି ହସି କହିଲା—ତା' ସେ ମିଛ କହି ନାହାନ୍ତି ! ଆପଣଙ୍କରତ' ନେଟ୍ ଇନ୍‌କମ୍ ପାଞ୍ଚଲକ୍ଷରୁ କମ୍ ନୁହେଁ । ମୁଁ ତାଙ୍କ ପାଖରୁ ସବୁ ଶୁଣିଛି । ଆପଣଙ୍କର ଲୁଗା ମିଲ୍‌ତ' ଭାରତରେ ସବୁଠାରୁ ବଡ଼ ।

କୁଞ୍ଜବାବୁ ନିଜକୁ ବଡ଼ ଗର୍ବ ଅନୁଭବ କଲେ । ଆଖି ଦୁଇଟି ଆହୁରି ଉଜ୍ଜ୍ୱଳ ଦେଖାଗଲା ।

ତରୁଣୀଟି କହିଲା—ହଠାତ୍ ଏପରି ଅସୁବିଧାରେ ପଡ଼ି ଚାଲିଗଲେ ବୋଲି ସେ ବଡ଼ ଦୁଃଖିତ, କୁଞ୍ଜବାବୁ ! ମୋତେ

କହିଗଲେ, "ରଞ୍ଜନା, ତୁମେ କୁଞ୍ଜବାବୁଙ୍କୁ କହିବ ସେ ଯେପରି ମନରେ ଦୁଃଖ ନକରନ୍ତୁ । ତାଙ୍କର ଖିଆ ପିଆ ଠିକ୍‌ଏ ଭଲ କରି ଦେଖିବ ।"

—କିନ୍ତୁ ଆଜି ଆପଣମାନଙ୍କରତ ମଦ୍‌ଦୁକାମିମା, ସେ ଗଲେ କପରି ? ଅନ୍ତତଃ ଆଉ ଦୁଇଟା ଦିନ ଡେରି କରି ଯାଇଥିଲେ···

—ଆଜି ନ ହେଲାତ ଆଉ ଗୋଟିଏ ଭଲଦିନ ଦେଖି ବାହାଘର ସ୍ଥିର କରାଯିବ । କିନ୍ତୁ ଫ୍ୟାକ୍‌ଟ୍ରୀର ଗୋଳମାଳ ନ ତୁଟାଇଲେ ପରିସ୍ଥିତି କ୍ରମେ ସାଂଘାତିକ ହେବ ନାହିଁକି ?

ଆପଣତ ବେଶ୍ ବୁଦ୍ଧିମତୀ । ଲାଲମୋହନବାବୁ ଠିକ୍ ପସନ୍ଦ କରିଛନ୍ତି ।

ନିଟୋଳ ଗାଲ ଦୁଇଟିରେ ରକ୍ତମାଭ ଖେଳିଗଲା । ହସି ହସି କହିଲା—ଜଳଖିଆ ଆଣିବାକୁ କୁହେ ?

—ଏତେ ବେଳ । ସାତଟାତ' ବାଜିଛି—

—ତେବେ ଚା ? କୋଲ୍‌ଡ଼ ଡ୍ରିଙ୍କ୍ ?

—ନା, ନା, ସେ ସବୁ ଦରକାର ନାହିଁ । ଲାଲମୋହନ ବାବୁ କେବେ ଆସିବେ ?

ଫୁଲଦାନୀରେ ରଜନୀଗନ୍ଧା ଗୁଡ଼ିକ ସଜାଉ, ରଞ୍ଜନା କହିଲା—କହି ଯାଇଛନ୍ତି ଦୁଇତିନ ଦିନ ପରେ ଆସିବେ ।

କିଛିକ୍ଷଣ ସ୍ତବ୍‌ଧ ।

ଫୁଲଦାନୀ ଉପରେ ଥିବା ପୁଷ୍ପସ୍ତବକ ଗୁଡ଼ିକ ନିକଟରେ ରଞ୍ଜନା ଗୋଟିଏ ବଡ଼ ଫୁଲ ପରି ଦେଖାଯାଉଥାଏ ।

ଲାଲରଙ୍ଗର ବନାରସୀ ଶାଢ଼ୀ ଖଣ୍ଡିକ ରଞ୍ଜନାର ସୁଠାମ ଦେହରେ ନିଆ ପରି ଜଳୁଛି । କୁଞ୍ଜବାବୁ ସେହିଆଡ଼େ ଚାହିଁ

ସିଗାରେଟ୍‌ର ଧୂଆଁ ରିଂ କରୁଛନ୍ତି ପରିତୃପ୍ତ ଭାବେ । ହଠାତ୍ କହି ଉଠିଲେ—ଆପଣ ବୁହିଁଙ୍କୁ କିନ୍ତୁ ବେଶ୍ ଦେଖାଯାଏ ।

ବଙ୍କିମ କଟାକ୍ଷରେ ରଞ୍ଜନା ଗୃହିଁଲ କୁଞ୍ଜବାବୁଙ୍କ ଆଡ଼େ । ମୃଦୁ ହସି କହିଲା -ଆପଣ ବୁହେଁତ’ ମନ୍ଦ ନୁହନ୍ତି । ଶୁଣିଛି, ଆପଣଙ୍କର ସ୍ତ୍ରୀ ଦେଖିବାକୁ ଖୁବ୍ ସୁନ୍ଦରୀ ।

କପରି ଠିକଏ ତାଚ୍ଛଲ୍ୟ ଭାବେ କୁଞ୍ଜବାବୁ କହିଲେ—ଆପଣଙ୍କ ପରି ନୁହେଁ ।

ଭ୍ରମର କୃଷ୍ଣ ଚକ୍ଷୁ ଦୁଇଟି କୌତୁକରେ ଝଲମଲ୍ ହୋଇ ଉଠିଲେ ।

—ମୁଁ କଣ ଦେଖିବାକୁ ଖୁବ୍ ସୁନ୍ଦରୀ ?

ଗଳାରେ ଅସ୍ୱାଭାବିକ ଜୋର ଦେଇ କୁଞ୍ଜବାବୁ କହିଲେ —ଅଲବତ୍ ।

—ସତେ ?

କହୁ କହୁ ରଞ୍ଜନା କୁଞ୍ଜବାବୁଙ୍କର ଖୋଫା ପାଖକୁ ଆସିଲା । ମୁହଁରେ ସେହି ମୃଦୁ ହସ । ଏ’ ସେହି ହସ, ଯେଉଁ ହସର ଶିଖାଗ୍ନିରେ ଧ୍ୱଂସ ହୋଇଥିଲା ଟ୍ରୟ ନଗର—ଛାରଖାର ହୋଇଥିଲା ସ୍ୱର୍ଣ୍ଣଲଙ୍କା ।

ରଞ୍ଜନା ପୁନର୍ବାର କହିଲା—କହନ୍ତୁ ନା, ସତେ କଣ ମୁଁ ସୁନ୍ଦରୀ ?

କୁଞ୍ଜବାବୁ ବୋକାଙ୍କ ପରି ଗୃହିଁ କେବଳ ହସିବାକୁ ଲାଗିଲେ ।

ରଞ୍ଜନା ଗବାକ୍ଷ ପାଖକୁ ଆସି ପର୍ଦ୍ଦାଟିକୁ ଆଡ଼େଇ ଦେଇ ବାହାର ଆଡ଼େ ଗୃହିଁ କହିଲା—ଆଜି ଖୁବ୍ ଗରମ ପଡ଼ିଛି, ନୁହେଁ ?

—ହୁଁ, ଅସହ୍ୟ !—କୁଞ୍ଜବାବୁ କହିଲେ ।

ସିଲ୍କର ରୁମାଲଟି ବାହାର କରି କୁଞ୍ଜବାବୁ ମୁହଁ ଓ ବେକ ତଳ ପୋଛିବାକୁ ଲାଗିଲେ । ପଙ୍ଖାର ରେଗୁଲେଟରଟିକୁ ଟିକିଏ ଘୁରାଇ ଦେଇ ରଞ୍ଜନା କହିଲା—ଆପଣ ଠିଆ ହେଲେ କାହିଁକି, ବସନ୍ତୁ ।

—ମାନେ, ଆପଣ ଠିଆ ହୋଇଛନ୍ତି—

ମୁଣ୍ଡର ଓଢ଼ଣାଟିକୁ କାଢ଼ି ଦେଇ ରଞ୍ଜନା ଅଳସଭଙ୍ଗୀରେ କୁଞ୍ଜବାବୁଙ୍କ ପାଖରେ ଆସି ବସିଲା । ତାପରେ ଶୋଫାର ବାଡ଼ ଉପରେ ମୁଣ୍ଡଟିକୁ ରଖି କହିଲା—ଓଃ, ମୁଣ୍ଡବ୍ୟଥାଟା ଏତେ-ବେଳଯାଏ ଛାଡ଼ିଲା ନାହିଁ ।

କୌଣସି ଜବାବ୍ ମିଳିଲା ନାହିଁ । ମନ୍ଥର ଆଳସ୍ୟେ ମୁଦ୍ରିତ ନୟନା ରଞ୍ଜନା ଶୋଫାଟି ଉପରେ ଶୋଇପଡ଼ିଲା ।

କଣ ଗୋଟାଏ କହିବାକୁ ଯାଇ କୁଞ୍ଜବାବୁ ଢୋକ ଗିଳିଲେ ।

ଲାଲରଙ୍ଗର ଶାଢ଼ୀ ଖଣ୍ଡିକ ରଞ୍ଜନାର ଦେହ ବଙ୍କିମ ବେଷ୍ଟନ କରି ଅଗ୍ନିଶିଖାପରି ମୁଗ୍ଧ ପତଙ୍ଗର ମରଣ ଶଯ୍ୟା ପାରିଛି । ରଞ୍ଜନାର କେଶଦାମରେ ସୁରଭି, ବେଶବାସରେ ସୁରଭି, ନିଶ୍ୱାସରେ ସୁରଭି ।

କୁଞ୍ଜବାବୁ ଆଉଥରେ ସିଲ୍କ ରୁମାଲରେ ଲଲାଟ ଓ ଗ୍ରୀବାର ସ୍ୱେଦବାରି ପୋଛିନେଲେ । ତା'ପରେ ଟିକିଏ କାଶି ନରମ ସ୍ୱରରେ କହିଲେ—ମୁଣ୍ଡ ବ୍ୟଥାଟା କଣ ଛାଡ଼ିଲା ।

ସରୁ ଆଙ୍ଗୁଳି କେତୋଟି ନିଜର ଲଲାଟରେ ବୁଲାଉ ବୁଲାଉ ରଞ୍ଜନା କହିଲା—ଉଁ-ହୁଁ...

ଥରେ ଦୁଇଥର କାଶି ନେଇ କୁଞ୍ଜବାବୁ ଗଳାଟାକୁ ପରିଷ୍କାର କରିନେଲେ ।

—ଯଦି କିଛି ମନେ ନ କରନ୍ତି, ମୁଁ ହୁଏତ ମୁଣ୍ଡଟାକୁ...

ରଞ୍ଜନା କ୍ଷୀଣ ଆପତ୍ତି ଜଣାଇଲା—ନା, ନା, କାହିଁକି ମୋପାଇଁ କଷ୍ଟ ପାଇବେ ! ଉଃ...ଉଃ...

ଗୋଟାଏ ଅସ୍ଫୁଟ କାତରୋକ୍ତି କଲା ରଞ୍ଜନା ।

ତତୋଧିକ କାତର ହୋଇ ସରଳ ପ୍ରକୃତି କୁଞ୍ଜବାବୁ କହିଲେ—ବଡ଼ ଯନ୍ତ୍ରଣା ହେଉଛି, ନା ? ବର୍ତ୍ତମାନ ଭଲ ହୋଇଯିବ ଯେ ।

ତା' ପରେ—

ଠିକଠିକ ଜାଣିଲେ ଯେ ତନ୍ଦ୍ରାଘୋରରେ ରଞ୍ଜନାର ମୁଣ୍ଡଟି କୁଞ୍ଜବାବୁଙ୍କର ଛାତିଉପରେ ଢଳି ପଡ଼ିଛି, ଶୁଭ୍ର ନଡୋଲ ଖଣ୍ଡିଏ ହାତକି ନିଜୀବ ଶ୍ୱେତ-ଗୋଖର ପରି ତାଙ୍କର କୋଳ ଉପରେ ଆସି ପଡ଼ିଛି ତାହା ସେ ଲକ୍ଷ୍ୟ କରିନାହାନ୍ତି ।

ହଠାତ୍ ଝିଲିକାଏ ବିଦ୍ୟୁତର ଆଲୋକ ଆଉ କ୍ଲିକ୍ କରି ଗୋଟାଏ ଶବ୍ଦରେ ସେ ଚମକି ଉଠିଲେ । ଶ୍ୱେତ-ଗୋଖର ବୋଧହୁଏ ଦଂଶନ କରିଛି । ଆଉ ସଙ୍ଗେ ସଙ୍ଗେ ଛିନ୍ନ ଧନୁକପରି ରଞ୍ଜନା ମଧ୍ୟ ତାଙ୍କ ପାଖରୁ ଅଲଗା ହୋଇଗଲା ।

ଦ୍ୱାର ପାଖରେ ଠିଆହୋଇଛି ସ୍ୱୟଂ ଲଲମୋହନ—ହାତରେ ଫ୍ଲାଶ୍ ଲାଇଟ୍ ସଂଯୁକ୍ତ ଗୋଟିଏ କ୍ୟାମେରା ।

—ବାଃ, ଦୃଶ୍ୟଟି ପ୍ରକୃତରେ ଅପୂର୍ବ କୁଞ୍ଜବାବୁ, ସେଥି-ପାଇଁ ଫଟୋ ଉଠାଇ ନେଲି ।

କୁଞ୍ଜବାବୁ ଯେପରି ପକ୍ଷାଘାତରେ ପଙ୍ଗୁ ହୋଇଯାଇଛନ୍ତି ।

ବିଦ୍ରୂପଭରା ହସ ହସି ଲାଲମୋହନ ପୁନର୍ବାର କହିଲା —ଆପଣଙ୍କର ସ୍ୱର୍ଗ ସୁଖରେ ବ୍ୟାଘାତ ଆଣିଥିବା ହେତୁ ପ୍ରକୃତରେ ମୁଁ ଦୁଃଖିତ । ଟ୍ରେନ୍ ଫେଲ୍ କଲି ବୋଲି ମୋତେ ଫେରିଆସିବାକୁ ହେଲା, ତା' ନ ହୋଇଥିଲେ କନ୍ତୁ ଭାବୁଛି, ଆଜିର ବିବାହର ତାରିଖଟା ମୋର, ନା ଆପଣଙ୍କର ?

ଉଚ୍ଛ୍ୱସିତ ଭାବେ କାନ୍ଦ କାନ୍ଦ ରଞ୍ଜନା ଲାଲମୋହନର ଛାତି ଉପରେ ମୁଣ୍ଡଟି ରଖି କହିଲା—ମୁଣ୍ଡର ଯନ୍ତ୍ରଣାରେ ବ୍ୟସ୍ତ ହୋଇ ମୁଁ ଟିକଏ ଶୋଇପଡ଼ିଥିଲି ସେହି ସୁଯୋଗରେ ଏହି ଲୋକଟା ମୋତେ—ଉଃ, କେଡ଼େ ଅଭଦ୍ର, ଇତର ଏହି ଲୋକଟା ।

ରଞ୍ଜନା କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ।

କୁଞ୍ଜବାବୁ କଣ କହିବାକୁ ଯାଉଥିଲେ କନ୍ତୁ ଗଳାରେ ସ୍ୱର ଫୁଟିଲା ନାହିଁ, ଗଳା ଯେପରି ଶୁଖି କାଠ ହୋଇଯାଇଛି । ଜିଭଟାକୁ ଶୁଷ୍କ ଓଠ ଉପରେ ବୁଲାଇ ନେଇ କୌଣସି ପ୍ରକାରେ କହିଲେ—ବିଶ୍ୱାସ କରନ୍ତୁ, ମୋର କୌଣସି କୁଉଦ୍ଦେଶ୍ୟ ନଥିଲା । ମୁଣ୍ଡର ଯନ୍ତ୍ରଣାରେ ସେ ଅସ୍ଥିର ହେଉଥିଲେ—

ତୀକ୍ଷ୍ଣ ବିଦ୍ରୂପ ହସରେ ଘରଟି ଭରିଗଲା । ସେଥିପାଇଁ ପରକାୟା ସେବା କରୁଥିଲେ ? ବେଶ୍, ଅଦାଲତରେ ଆପଣ ସେହିକଥା କହିବେ ।

—ଅଦାଲତ ! **ଆପଣ କଣ** ମୋ ନାଁରେ ମୋକଦ୍ଦମା କରିବେ ?

—ଆଜ୍ଞା, ହଁ, ନିଶ୍ଚୟ କରିବି । ଆପଣ କଣ ମନେ-କରନ୍ତି ଯେ, ଆପଣ ମୋର ସ୍ତ୍ରୀ ସହିତ ପ୍ରେମ କରିବେ, ଆଉ ମୁଁ ଆପଣଙ୍କ ପାଇଁ ଫୁଲର ଗଜରା କଣି ଆଣି ଦେବି ?—

—କିନ୍ତୁ ଭଗବାନ ସାକ୍ଷୀ...

ନବୋଧ ଅଭିମାନୀ ଶିଶୁପରି କୁଞ୍ଜବାବୁର ଓଠଦୁଇଟି ଥରିବାକୁ ଲାଗିଲା ।

ସେହି ଦୃଶ୍ୟ ଦେଖି ଲାଲମୋହନ ନରମ ସ୍ୱରରେ କହିଲା—ମୁଁ ଆପଣଙ୍କୁ ବନ୍ଧୁ ବୋଲି ମନେ କରିଥିଲି, କୁଞ୍ଜବାବୁ ! ସେହି ବନ୍ଧୁତା ହିସାବରେ ଅଦାଲତରେ ଟିଆହେବା କଳଙ୍କରୁ ଆପଣଙ୍କୁ ଉଦ୍ଧାର କରିବା ମୋର କର୍ତ୍ତବ୍ୟ ।

ତୀକ୍ଷ୍ଣ କଣ୍ଠରେ ରଞ୍ଜନା କହିଲା—ନା, ଏପରି ଶୟ୍ତାନକୁ ଛାଡ଼ିଦେବା ଉଚିତ ନୁହେଁ ।

କୁଞ୍ଜବାବୁ ପକେଟ୍‌ରୁ ରୁମାଲ୍ ବାହାର କରି ଝାଳ ପୋଛିବାକୁ ଲାଗିଲେ । ଗୋଟାସାରା ଝାଳରେ ସେ ବୁଡ଼ିଯାଇଛନ୍ତି । ଜାଲରେ ପଡ଼ିଥିବା ଶୀକାରକୁ ଦେଖି ଶିକାରୀ ଯେପରି ପରମ ପରିତୃପ୍ତି ଅନୁଭବ କରେ ଲାଲମୋହନ ସେହିପରି କୁଞ୍ଜବାବୁର ଅବସ୍ଥା ପରମ ପରିତୃପ୍ତିରେ ଦେଖିବାକୁ ଲାଗିଛି । ତା'ପରେ କହିଲା—ଯାହା ହେବାର ତାହା ହୋଇଯାଇଛି, ବର୍ତ୍ତମାନ ସେ ସବୁ ଖେଳାଇ କିଛି ଲାଭ ନାହିଁ । ଆପଣଙ୍କର ବିରୁଦ୍ଧରେ ଏକମାତ୍ର ପ୍ରମାଣ ହେଉଛି ଏହି କ୍ୟାମେରାଟିରେ ଥିବା ଛବିଟି । ଏହି ଛବିଟି ଆପଣ କିଣି ନେଲେ ଆପଣଙ୍କ ବିରୁଦ୍ଧରେ ଆଉ କୌଣସି ପ୍ରମାଣ ନାହିଁ । ଦାମ୍ କିଛି ବେଶି ନୁହେଁ—ଦଶହଜାର ମାତ୍ର ।

କୁଞ୍ଜବାବୁ ଆର୍ତ୍ତନାଦ କରି ଉଠିଲେ—ଦଶହଜାର ଟଙ୍କା !

ଈଷତ୍ ହସି ଲାଲମୋହନ କହିଲା—ଇଜ୍ଜତର ଦାମ୍ କିନ୍ତୁ ଅନେକ ବେଶୀ, କୁଞ୍ଜବାବୁ । ଆପଣ ମୋର ବନ୍ଧୁ—ଅବଶ୍ୟ ଦଶହଜାର ଟଙ୍କା ମୋତେ ନ ଦେଇ ଆପଣ କେସ୍ ଲଢ଼ି ପାରନ୍ତି । ଆପଣଙ୍କର ଯିମିତି ଇଚ୍ଛା ।

—୬୫—

—ଟଙ୍କାତ ମୋ ପାଖରେ ବର୍ତ୍ତମାନ ନାହିଁ ।···ନିତାନ୍ତ ଅସହାୟ ପରି କୁଞ୍ଜବାବୁ କହିଲେ ।

—ପାଖରେ ନ ଥାଇ ପାରେ, ଚିଠି ଲେଖି ଦିଅନ୍ତୁ । ଲୋକ ପଠାଇ ଆପଣଙ୍କର ଗଦିରୁ ଟଙ୍କା ଆଣି ଦେଉଛି । ଆପଣଙ୍କର ଗଦିର ଠିକଣା ମୁଁ ଜାଣେ । ରଞ୍ଜନା ! ମୋର ପ୍ୟାଡ୍ ଓ ପେନ୍‌ଟା ଆଣି ଦିଅତ ।······ଲେଖନ୍ତୁ—

କଳର କଣ୍ଢେଇ ପରି କୁଞ୍ଜବାବୁ ଲେଖିବାକୁ ଲାଗିଲେ—

ଚିଠି ପାଇ ସାଙ୍ଗେ ସାଙ୍ଗେ ପତ୍ରବାହକ ହାତରେ ନଗଦ ଦଶହଜାର ଟଙ୍କା ପଠାଅ । ଟଙ୍କା ମୋର ଜରୁରୀ ଦରକାର । ପତ୍ରବାହକ ବିଶ୍ୱସ୍ତ, ସନ୍ଦେହର କୌଣସି କାରଣ ନାହିଁ । ଇତି—କୁଞ୍ଜ ବିହାରୀ :

ଚିଠିଟି ଲେଖିସାରି ଲାଲମୋହନର ହାତକୁ ବଢ଼ାଇ ଦେଇ କୁଞ୍ଜବାବୁ କହିଲେ—ଏଥର ମୁଁ ଯାଇପାରେ ?

ଅମାୟିକ ଭାବେ ହସି ଲାଲମୋହନ ବାବୁ କହିଲା—ନା—ନା, ଯିବେ କୁଆଡ଼େ ? ଆପଣ ମୋର ଅତିଥି, ନ ଖାଇ ଯିବେ କେମିତି । ଆପଣ ଖାଇ ବସନ୍ତୁ, ଏହା ଭିତରେ ଟଙ୍କାଟା ମଧ୍ୟ ଆପଣଙ୍କର ଗଦିରୁ ଆସି ଯାଇ ଥିବ ।···ମାହାଙ୍ଗୁ ।

ଦରଜା ଠେଲି ପ୍ରବେଶ କଲା ଏକ ଚକ୍ଷୁହୀନ ଭୃତ୍ୟ-ମାହାଙ୍ଗୁ ।

ଲାଲ ମୋହନ କହିଲା—ମାହାଙ୍ଗୁ, ଏହି ଚିଠି ଖଣ୍ଡିକ ନେଇ କୁଞ୍ଜବାବୁଙ୍କର ଗଦିରୁ ଟଙ୍କାଟା ନେଇଆସ । ଗଦିତ ତୁମେ ଦେଖିଛ—ଯାଅ ।

ମାହାଙ୍ଗୁ ଅଭିବାଦନ କରି ଚାଲିଗଲା । କୁଞ୍ଜବାବୁଙ୍କ ଆଡ଼େ ଫେରି ଚାହିଁ ଲାଲମୋହନ କହିଲା—ଆପଣ ଟିକିଏ ବସନ୍ତୁ, କୁଞ୍ଜବାବୁ—ମୁଁ ଆପଣଙ୍କର ଖିଆପିଆର ବନ୍ଦୋବସ୍ତ କରେ ।

× × × ×

ଲାଲବାଗ ପୋଲିସ୍ ଷ୍ଟେସନ ।

ଓ, ସି, ମନୋଜବାବୁ ଗଭୀର ଚିନ୍ତାମଗ୍ନ । ପୋଲିସ୍ ସାହେବଙ୍କ ଧମକରେ ବିଚରା ଅସ୍ତବ୍ୟସ୍ତ । ସେ'ତ ତାଙ୍କର ଯଥାଶକ୍ତି ପ୍ରୟୋଗ କରୁଛନ୍ତି କେସ୍‌ଟିର ସମାଧାନ ଲାଗି । ତାଙ୍କର ମନେହୁଏ, ଲାଲଜୀ ଭୁଜଙ୍ଗ ଏକବ୍ୟକ୍ତି — ରୁକ୍ମଣୀ ଓ ରଞ୍ଜନା ମଧ୍ୟ ଏକନାରୀ । କିନ୍ତୁ ଉଭୟଙ୍କର ଯୋଗାଯୋଗ ସମ୍ବନ୍ଧରେ ତ' କୌଣସି ପ୍ରମାଣ ନାହିଁ । ଲାଲଜୀ ଯେ ବିଭିନ୍ନ ଛଦ୍ମବେଶ ଧାରଣ କରେ ଏହା ସ୍ୱୀକାର୍ଯ୍ୟ, ଯେହେତୁ ରେବାର ଆବିଷ୍କୃତ ସ୍ପିରିଟ୍‌ଗମ୍, ପରଚୁଲା ଓ ରୁପାବନ୍ଧା ଯଷ୍ଟି । କିନ୍ତୁ, ରୁକ୍ମଣୀ — ଅପର୍ଣ୍ଣା — ରଞ୍ଜନା କିଏ ? ଅବଶ୍ୟ ଜଣେ ରୁପମୟୀ ନାରୀ ଲାଲଜୀ ପାଖକୁ ଆସେ, କିନ୍ତୁ ରେବା ଆଜିଯାଏ ତାକୁ ସନାକ୍ତ କରି ପାରିନାହିଁ ଯେହେତୁ ସେହି ରହସ୍ୟମୟୀ, ଓଢ଼ଣା ବେଷ୍ଟନୀ ମଧ୍ୟରେ ନିଜର ମୁହଁଟିକୁ ଲୁଚାଇ ଯା-ଆସ କରୁଛି ଆଜିଯାଏ । ସେଦିନ ରେବା ଲାଲଜୀର କ୍ୟାବିନ୍‌ରେ ଯେଉଁ ବୃଦ୍ଧଙ୍କୁ ବସିଥିବାର ଦେଖିଥିଲା ସେ ଯେ ଛଦ୍ମବେଶୀ ଲାଲଜୀ ଏ' ବିଷୟରେ ଆଉ ସନ୍ଦେହ ନାହିଁ ।

— ଅଫିସର ଇନଚାର୍ଜ କିଏ ?

ମନଟା ବିରକ୍ତିରେ ଭରି ଯାଇଥିଲା । ଆଗନ୍ତୁକର ଏପରି ପ୍ରଶ୍ନରେ ବିରକ୍ତ ହୋଇ ମନୋଜବାବୁ କହିଲେ — କିଏ ତୁମେ ? କଣ ଚାହଁ ? ଲାଲଜୀ କେତେ ହଜାର ଟଙ୍କା ତୁମଠୁ ନେଇଛି ?

— ଆଜ୍ଞା, ଲାଲଜୀ ନୁହେଁ — ଜୋହରା ।

— ଜୋହରା କିଏ ?

— କଫିହାଉସ୍‌ର ନର୍ତ୍ତକୀ !

—କେତେ ଟଙ୍କା ତୁମଠୁ ନେଇଛି ?

—ଟଙ୍କା ନୁହେଁ, ଆଜ୍ଞା—ମନ ।

ଧମକ ଦେଇ ଉଠିଲେ ମନୋଜ ବାବୁ ।

—ପାଗଲାମି କଲେ ଥଣ୍ଡା ଗାରଦରେ ବନ୍ଦ କରିଦେବ ! ବାଜେ କଥା ମୁଁ ଶୁଣିବାକୁ ଚାହେଁନା । ପହରୀ—

ପହରୀ ଆସି ଠିଆ ହେଲା ସାମ୍ନାରେ ।

—ବେଶ୍ ବେ-ରସିକ ଲୋକତ' ଆପଣ । ଜୋହରା ବାଈକୁ ଦେଖି ନାହାନ୍ତି ବୋଧହୁଏ ? ଆଜି ଚାଲନ୍ତୁ ମୋ' ସାଙ୍ଗରେ, କର୍ଣ୍ଣ ହାଉସ୍‌ରେ ଦେଖିବେ ।

— ଗାରଦରେ ବନ୍ଦ କରିଦିଅ ।

ପହରୀ ଆଗନ୍ତୁକର ହାତଟିକୁ ଧରି କହିଲା — ଚାଲନ୍ତୁ ବାବୁଜି !

— ସାବାସ, ମନୋଜବାବୁ । Excellent.

— କିଏ, ବିକାଶବାବୁ ।······ଚେୟାରରୁ ଉଠିଆସି କରମର୍ଦ୍ଦନ କଲେ । ବିକାଶ ମଧ୍ୟ ହସି ହସି ଚେୟାରଟି ଉପରେ ବସିଲା ।

— ଆପଣ ଏତେ ରାତିରେ ଛଦ୍ମବେଶରେ ଆସିଲେ ଯେ ।

— ହୁଁ, କର୍ଣ୍ଣ ହାଉସ୍‌ରୁ ଆସିଲି । ଯାଇଥିଲି ଜୋହରା ବାଈର ନୃତ୍ୟ ଦେଖିବା ଲାଗି । ଶୋ'–ପରେ ଜୋହରା ସହିତ ଦେଖା କରି ପରିଚୟ ଦେଲି ଯେ ଏଠାକାର ଗୋଟିଏ ମିଉଜିକ୍ ସ୍କୁଲରେ ମୁଁ ପିଆନୋ ବଜାଏ — ନାମ ନଜରୁଲ ।

— କିଛି Study କଲେ ?

— ନା, ସେମିତି କିଛି ନୁହେଁ । କଥାବାର୍ତ୍ତା ବେଳେ କହିଥିଲି, " ମୁଁ ତୁମ ସାଙ୍ଗରେ ଦିନେ ନାଚିବି ମାଡ଼ାମ୍ ।"

ସେ କହିଲା — ମୋର ଜମା ବେଳ ନାହିଁ ।

— ଏକଣ କହୁଚ ମାଡାମ୍ ! ଜୀବନରେ ଆନନ୍ଦ କରିବାର ସମୟ ତୁମର ନାହିଁ ? ତୁମେ କଣ ବିବାହିତା ?

— ନା ।

— ନାଚ ଛଡ଼ା ଆଉ କିଛି କର ?

— ନା, ଠିକ୍ ତା' ନୁହେଁ — ତେବେ —

ମନୋଜବାବୁ ବିପୁଳ ଉତ୍ସାହ ନେଇ କହିଲେ — ତେବେ କଣ ?

ଆକାଶ ହସି ହସି କହିଲା — ଧୀରେ ବନ୍ଧୁ, ଧୀରେ ! ଏହି "ତେବେ"ଟିର ଭାବାର୍ଥ ଲାଗି ମୋତେ ଜୋହରା ବାଈର ପ୍ରେମିକ ଭୂମିକାରେ ଅଭିନୟ କରିବାକୁ ପଡ଼ିବ । ଆଚ୍ଛା, ଆସେ — Good night ! ଖୁବ୍ ସମ୍ଭବ ମୂଲ୍ୟବାନ Materials ଦେଇ ଆପଣଙ୍କୁ ସାହାଯ୍ୟ କରି ପାରିବି ।

ବ୍ଲାକପ୍ରିନ୍ସର ଗୁଚ୍ଛଟି ଧରି ନଜରୁଲ୍ ଗ୍ରୀନ୍‌ରୁମ ଭିତରେ ପ୍ରବେଶ କଲା ।

ମେକ୍--ଅପ୍ ଶେଷ କରି ଜୋହରା ଆଖି କୋଣରେ ପେନ୍‌ସିଲର ରେଖା ଟାଣୁଥିଲା — ସାମ୍‌ନାରେ ଝୁଙ୍ଗା ହୋଇଥିବା ଦର୍ପଣ ଫଳକରେ ନଜରୁଲ୍‌ର ଛାୟା ଦେଖି କହିଲା — ସବୁବେଳେ ଫୁଲ ଆଣୁଛ କାହିଁକି ?

ଫୁଲ ତୋଡ଼ାଟିକୁ ଟେବୁଲ ଉପରେ ରଖି ନଜରୁଲ କହିଲା — ପାରସ୍ୟ ଦେଶର ଜଣେ କବି କହିଛନ୍ତି, ଦୁଇଟି ପଇସା ଯଦି ମିଳେ, ତାହା ହେଲେ ଗୋଟିଏ ପଇସାରେ ଖାଦ୍ୟ

କିଣି ଅନ୍ୟ ଗୋଟିକରେ ଫୁଲ କିଣ……ଆଃ, ଗ୍ରେଟ୍—କର୍ଣ୍ଣା ପରି କବି ଜଣେ ।

ଜୋହରା ତରଳ କଣ୍ଠରେ କହିଲା—ତୁମର କାବ୍ୟ—ରୋଗ ଆରମ୍ଭ ହୋଇଛି, ନଜରୁଲ ସାହେବ ।

ସମ୍ମତି ସୂଚକଭାବେ ମୁଣ୍ଡ ହଲାଇ ନଜରୁଲ କହିଲା—ଠିକ୍ ଧରିଛ ମାଡ଼ାମ୍ । କିନ୍ତୁ ଏ'ରୋଗ ଅନେକ ଦିନର—କ୍ରନିକ୍ ହୋଇ ଯାଇଛି ମାଡ଼ାମ୍ । ଆଃ, ଆକାଶରେ ନିର୍ମଳ ଜ୍ୟୋତ୍ସ୍ନା, ନକ୍ଷତ୍ର ମାନଙ୍କର ଆଖିରେ ମୋହିନୀ ମନ୍ତ୍ର—ଚାଲ, ବାହାରେ ଟିକିଏ ବୁଲି ଆସିବା ।

—ଆଜି ? ଆଜି ମୋର ନାଚ ଅଛି ।

—ତେବେ କାଲି ?

—ଆଚ୍ଛା, ଦେଖାଯିବ ।

ଗ୍ରୀନ୍‌ରୁମ୍‌ର ବତୀ ଗୁଡ଼ିକ ଥରେ ଦୁଇଥର ଦପ୍ ଦପ୍ କରି ଜଳି ଉଠିଲା । ଜୋହରା ବ୍ୟସ୍ତଭାବେ କହିଲା—ଆଉ ସମୟ ନାହିଁ, ମୋତେ ବର୍ତ୍ତମାନ ଷ୍ଟେଜ୍‌କୁ ଯିବାକୁ ହେବ ।

ନଜରୁଲ୍ ମଧ୍ୟ ଫେରିଆସିଲା ଅଡ଼ିଟୋରିୟମ୍‌କୁ । ଆରମ୍ଭ ହେଲା ଜୋହରାର ନୃତ୍ୟ । ନିଜର ସିଟ୍ ପାଖକୁ ଆସି ଦେଖିଲା ଜଣେ ଯୁବକ ତାର ସିଟ୍‌ଟିକୁ ଅଧିକାର କରି ବସିଛି । ଏକ ପାଖରେ ଜଣେ ସ୍ଥୂଳକାୟ ମାରୁଆଡ଼ି ଓ ଅନ୍ୟ ପାଖରେ ଜଣେ ବଙ୍ଗାଳୀ ଯୁବକ ସିଲ୍‌କ ରୁମାଲ ଦ୍ୱାରା ମୁହଁର ଝାଳ ପୋଛୁଛି ।

ନଜରୁଲ ବିନୀତ ଭାବେ କହିଲା—ଆପଣ ବୋଧହୁଏ ଭୁଲ୍‌ରେ ଏଠି ବସିଛନ୍ତି, ଏ ସିଟ୍‌ଟି ମୋର ।

ଯୁବକଟି ଇଂରାଜିରେ କହିଲା ନା, ମୁଁ ଭୁଲ୍ କରିନାହିଁ ।

ସେହି ମାରୁଓ୍ୱାଡ଼ି ଲୋକଟି ଯାଙ୍ଗେ ସାଙ୍ଗେ କହିଲା—ରାମଜୀ କସମ୍, ସେ ଭୁଲ୍ କରି ନାହାନ୍ତି ।

ଆଉ ବଙ୍ଗାଳୀ ଜଣକ କହିଲା—ଭୁଲ୍ ଆମାଦେର୍ ହତେଇ ପାରେନା, ସ୍ୟାର୍ ।

ଈଷତ୍ ହସି ନଜରୁଲ୍ ସେମାନଙ୍କ ପାଖରେ ଅନ୍ୟ ଏକ ସିଟ୍‌ରେ ବସିଲେ ।

ଅନୁଚ୍ଚ ସ୍ୱରରେ ନଜରୁଲ୍ କହିଲେ—ଭଲକରି ଦେଖୁଛନ୍ତି ତ ମିଃ ଆୟାର୍ ! ରାଜାରାମବାବୁ, ଆପଣ ଦେଖୁଛନ୍ତି ତ ? କୁଞ୍ଜବାବୁ ?—

ତିନଜଣ ଯାକ ଷ୍ଟେଜ୍ ଆଡ଼େ ଚାହିଁଲେ । ତା'ପରେ ପ୍ରାୟ ଏକାସଙ୍ଗେ ସମସ୍ତେ କହିଲେ—ଏତ ଅପର୍ଣ୍ଣା ଦେବୀ । ଏ ସେହି ରୁକ୍ମଣୀ ! ଏ ଯେ ରଞ୍ଜନା ।

ଷ୍ଟେଜ୍ ଉପରେ ସେତେବେଳେ ଜିପ୍‌ସୀ ଝୋହରା ଗୋଟିଏ ହାତରେ ଚକ ଚକଆ ଖଣ୍ଡିଏ ଛୁରୀ ଓ ଅନ୍ୟ ହାତରେ ଟ୍ୟାମ୍ବୁରିନ୍ ଧରି ମିଉଜିକ୍‌ର ତାଳେ ତାଳେ ନୃତ୍ୟ କରି ଚାଲିଛି ।

ଦୁଇ ଦିନ ହେଲା ଲାଲଜୀର କଣ ହୋଇଛି କେଜାଣି, ଅବସାଦ ଆସିଛି ଦେହ ଓ ମନରେ । ଏହି ଦୁଇଦିନ ହେଲା ହୋଟେଲରୁ ସେ ବାହାରି ନାହିଁ, ଆଲସ୍ୟ—ଚୌକିଟିରେ ବସି ସିଗାରେଟ୍ ଟାଣୁଛି କେବଳ ।...ଗବାକ୍ଷର ପର୍ଦ୍ଦାଟିକୁ ଅପସାରଣ କଲା ଲାଲଜୀ ।

ପଶ୍ଚିମ ଦିଗନ୍ତରେ ସୂର୍ଯ୍ୟ ଅସ୍ତ ଯାଉଛନ୍ତି ।

ଗବାକ୍ଷ ପାଖରେ ଠିଆ ହୋଇ ଲାଲଜୀ ଭାବେ, ଆଜିଯାଏ ଯାହାସବୁ ସେ କରି ଯାଇଛି ସେ ସବୁର ଶୋଧ ଲାଗି ତାକୁ ପ୍ରସ୍ତୁତ ରହିବାକୁ ହେବ ନିଶ୍ଚୟ । Crime does not pay. ପାପର ଦେଣା ଶୋଧ କରିବାକୁ ହେବ । ନା, ନା — ଲାଲଜୀ ସେ ସବୁ ବିଶ୍ୱାସ କରେନା ।

ପୋଡ଼ା ସିଗାରେଟ୍‌ର ଅବଶିଷ୍ଟାଂଶକୁ ଯୋତାରେ ଦଳିଦେଲା ଲାଲଜୀ ।

ଦୁଆରେ ଠକ୍ ଠକ୍ ଶବ୍ଦ ହେଲା । ଫେରି ପଡ଼ି ଦେଖେ ରେବା ଅପରୂପ ବେଶଭୂଷାରେ ସଜ୍ଜିତ ହୋଇ ଦୁଆରେ ଛିଡ଼ା ହୋଇଛି ।

ଲାଲଜୀ ସ୍ୱାଗତ ଜଣାଇଲା । ଘରଭିତରକୁ ଆସି ରେବା ଥକାମାରି ବସିପଡ଼ିଲା ଖଣ୍ଡିଏ ଚେୟାର ଉପରେ ।

— କୁଆଡ଼େ ବାହାରିଥିଲେ ବୋଧହୁଏ ?

— ବଡ଼ ମୁଷ୍କିଲରେ ପଡ଼ିଛି ଲାଲଜୀ ସାହେବ । ମା' ଆଜି ଜିଦ୍ ଧରି ବସିଲେ ଯେ ସିନେମା ଦେଖିବାକୁ ଯିବେ । ଦୁଇ ମାଇଲ ବାଟ ଯାଇ ସକାଳେ ଦୁଇଟା ଟିକେଟ୍ କାଟି ଆଣିଲି । ବର୍ତ୍ତମାନ କହୁଛନ୍ତି ଯେ ତାଙ୍କର ଦେହ ଭଲ ନାହିଁ, ସେ ଯାଇ ପାରିବେ ନାହିଁ । ମୋତେ ଏକା ଯିବାକୁ କହୁଛନ୍ତି । ଦେଖନ୍ତୁତ, ମୁଁ ଏକା ଯିବାଟା କଣ ଉଚିତ ? ଏହି ବୟସରେ···କହି ସଲଜ୍ଜଭାବେ ସେ ଚାହିଁଲା ଲାଲଜୀ ଆଡ଼େ । ତା'ପରେ ମୁହଁ ତଳକୁ ପୋତି କହିଲା - ଆପଣ ସାଙ୍ଗରେ ଯାଇପାରିବେ ? କିଛି କାମ ନାହିଁ ?

ନା, କାମ କିଛି ନାହିଁ, ଚାଲନ୍ତୁ । ମୁଁ ମଧ୍ୟ ଭାବୁଥିଲି ବାହାରେ ଟିକିଏ ବୁଲି ଆସିବି ବୋଲି ।

ସଞ୍ଜାବନ୍ଥାକୁ ଦେହରେ ଗଳାଇ ଲାଲଜୀ ରେବା ସହିତ ବାହାରିଗଲା ।

ରେକ୍‌ସାରୁ ଓହ୍ଲାଇ ପଡ଼ି ନଜରୁଲ୍ ଜୋହରାର ହାତ-ଧରି ସିନେମା ହଲ୍‌ଭିତରେ ପଶିଗଲା । ଅନ୍ଧକାର ପ୍ରେକ୍ଷାଗୃହ—ନଉଜ୍ ରିଲ୍ ଆରମ୍ଭ ହୋଇ ଯାଇଛି । ସିଟ୍ ଆଗରୁ ରିଜର୍ଭ ଥିଲା—ଦୁହେଁ ଗୋଟାଏ କୋଣରେ ଯାଇ ବସିଲେ ।

ଇଣ୍ଟରଭ୍ୟାଲ୍‌ର୍ ଆଲୋକ ପଡ଼ିବା ସଙ୍ଗେ ସଙ୍ଗେ ନଜରୁଲ୍ ଚକିତ ଚକ୍ଷୁ ବୁଲାଇ ଦର୍ଶକମାନଙ୍କୁ ଦେଖିନେଇ ଅନୁଚ୍ଚ ସ୍ୱରରେ କହିଲା—ଆରେ, ଲାଲଜୀ ବି ଆସିଛନ୍ତି ।···ତା' ପରେ ଦୃଷ୍ଟି ଟିକିଏ ଉଚ୍ଚକରି ଦେଖି ନେଇ କହିଲେ—ପାଖରେ କିଏ, ରେବା ନା ? ଶୁଣିଛି ରେବା ସହିତ ଲାଲଜୀର ବିବାହ ନିକଟରେ ହୋଇଯିବ ।···କହି ସେ ଜୋହରା ଆଡ଼େ ଚାହିଁଲା । ···ସହରରେ ସମସ୍ତେ ପ୍ରାୟ ଜାଣନ୍ତି ବିବାହ ପରେ ସେମାନେ କାଶ୍ମୀର ଯିବେ ।

—ଚୁପ୍ କରନ୍ତୁ, ଖେଳ ଆରମ୍ଭ ହୋଇଛି ।

ଜୋହରାର କଣ୍ଠ ଯେପରି ନୀରସ ସେହିପରି କଠିନ ।

× × ×

ନଦୀକୂଳ ପାଖରେ ରେକସାକୁ ବିଦାୟ ଦେଇ ରେବାର ହାତଧରି ଲାଲଜୀ ଆସି ଖଣ୍ଡିଏ ସିମିଣ୍ଟ୍‌ଲଗା ବେଞ୍ଚଉପରେ ବସିଲା । ରେବା ବସୁ ବସୁ ରହସ୍ୟ ତରଳ କଣ୍ଠରେ କହିଲା—ଆପଣ ଏ ବାଟେ କାହିଁକି ଆସିଲେ ?

ହସି ହସି ଲାଲଜୀ କହିଲା - ଭାବୁଛି, ଆପଣଙ୍କୁ ନେଇ କୁଆଡ଼େ ପଳାଇଯିବି ।

ଆପଣ ଏକା ଇଚ୍ଛାକଲେତ' ଚଳିବ ନାହିଁ, ମୋର ଇଚ୍ଛା ହେଲେ ତେବେ ଯାଇ ଯେଉଁକଥା ।

ଲାଲଜୀ ହସିଲା ।

—ଭୁଲ୍ କହିଲେ ଆପଣ । ଆପଣଙ୍କର ଇଚ୍ଛା ହେଲେ ତାହାତ' "ହରଣଗ୍ନଳ" ହେଲା ନାହିଁ, "ବରଣ" ହେଲା । କିନ୍ତୁ "ବରଣ"ରେ ଥ୍ରୀଲ ନାହିଁ—ତେଣୁ ସେ ବିଷୟରେ ମୋର ଆଗ୍ରହ ନାହିଁ ।

—ଆଚ୍ଛା, ହରଣ କରିବେ, କିନ୍ତୁ ରଖିବେ ନେଇ କେଉଁଠି ?

—ମଙ୍ଗଳ ଗ୍ରହରେ । ସେହି ଘନ ଅରଣ୍ୟର ଗୁମ୍ଫାରେ—ରେବା ଚମକି ଉଠିଲା ।···ଏକଣ କହୁଛନ୍ତି ! ସାଙ୍ଗରେ ମଶାରୀ ନାହିଁ, ଫ୍ଲିଟ (Flit) ନାହିଁ, ଜଙ୍ଗଲରେ ରହିବେ କିପରି ? ଏତେ ସ୍ଥାନ ଥାଉ ଥାଉ ମଙ୍ଗଳ ଗ୍ରହର ଜଙ୍ଗଲରେ । ନା, ଲାଲଜୀ ସାହେବ—ମୋତେ ହରଣ କରନା ।

—ତେବେ ଆଉ କେଉଁଠିକି ଯିବେ କହନ୍ତୁ ? ଭେନିସ୍—ମଣ୍ଟିକାର୍ଲୋ ? କାଲିଫୋର୍ଣ୍ଣିଆ ?—କାଶ୍ମୀର

—ନା, ଏଇଠି ବେଶ୍ ଭଲ ।

ପଶ୍ଚିମ ଆକାଶରେ ବୈଶାଖୀ ମେଘର ସମାବେଶ । ପବନ ଫୁତ୍କାରରେ କ୍ରମେ କ୍ରମେ ଲିଭିଯାଇଛି ନକ୍ଷତ୍ରାଲୋକ । ଆସନ୍ନ ଝଡ଼ର ସମ୍ଭାବନା । ଜନସ୍ରୋତ ପତଳା ହୋଇ ଆସୁଛି ପ୍ରାୟ ସଙ୍ଗେ ସଙ୍ଗେ ।

ଅବାଧ ଓଢ଼ଣୀଟିକୁ ରେବା ସମ୍ଭାଳିବାରେ ବ୍ୟସ୍ତ । ଲାଲଜୀ ମୁଗ୍‌ଧ ନୟନରେ ଚାହିଁଛି ତା'ରି ଆଡ଼କୁ । ରେବା ଲାଲଜୀର ଆହୁରି ପାଖକୁ ଲାଗିଆସି ହସି ହସି କହିଲା—ଚୁପ୍ ହୋଇ ବସିଲେ ଯେ । ସିନେମାର ହିରୋଇନ୍ ପରି ଗୀତ ଗାଇବାକୁ କହିବେ ନାହିଁ ?

— କହିଲେ କଣ ଆପତ୍ତି କରିବେ ?

—ନାଟକ କେବଳ ଷ୍ଟେଜ ପାଇଁ, ପ୍ରତିଦିନର ଜୀବନ ଯାତ୍ରା ପଥରେ ନୁହେଁ ।

ଲାଲଜୀ ସିଗ ରେଟ୍ ବାହାର କରି ଅଗ୍ନି ସଂଯୋଗ କଲା । କହିଲା —ଆପଣଙ୍କର ବୟସ ଖୁବ କମ୍, ସେଥିପାଇଁ ଏକଥା କହୁଛନ୍ତି । ବୟସ ବେଶି ହେଲେ, ଅଭିଜ୍ଞତା ଲାଭ କଲେ ବୁଝିପାରିବେ, ଜୀବନ ଅପେକ୍ଷା ବଡ଼ ନାଟକ ଆଉ କିଛି ନାହିଁ । ଏପରି ଗୋଟାଏ ମୁହୂର୍ତ୍ତ ଆସେ, ଯାହା ସମ୍ପୂର୍ଣ୍ଣ କଳ୍ପନାର ବାହାରେ ଏବଂ ଏହି ଅବଶ୍ୟମ୍ଭାବୀ ବସ୍ତୁ ନେଇ ଷ୍ଟେଜ୍ ପାଇଁ ନାଟକ ଲେଖାହୁଏ । ନାଟକର ବିଷୟ ବସ୍ତୁକୁ ଆମେ ଜୀବନ୍ତ ବୋଲି ସ୍ୱୀକାର କରୁ ବା ନକରୁ, ନିଶ୍ଚିତ ବୋଲି ଜଣେ ଅଦୃଶ୍ୟ ନାଟ୍ୟକାର ଅଛନ୍ତି, ତାଙ୍କୁ ସ୍ୱୀକାର କରିବାକୁ ହେବ । ମନେ କରନ୍ତୁ, ଆପଣଙ୍କ ସହିତ ମୋର ଏହି ପରିଚୟ କେତେକ ପରିମାଣରେ ନାଟକୀୟ ନୁହେଁ କି ? ଏହି ନାଟକର ପରିଣତି କେଉଁଠି, ସେହି ଅଦୃଶ୍ୟ ନାଟ୍ୟକର ଛଡ଼ା କିଏ ଆଉ କହିପାରେ ?

ରେବା ଜାଣେ । ଯଦି ସେହି ପରିଣତି ବିୟୋଗାନ୍ତ ହୁଏ, ରେବାର ଯାଏ ଆସେ କଣ ? ରେବା କଣ ଜାଣେନା, ଲାଲଜୀ କିଏ ? ଲାଲଜୀ ଜଣେ ଭଦ୍ରବେଶୀ ପ୍ରତାରକ— ସମାଜର କାରବଙ୍କଲ୍, ଶତ୍ରୁ—ବ୍ରିଟିଶ୍-ବିଶ ଧାରାର ଆସାମୀ ।

ପୂର୍ଣ୍ଣ ସ୍ତବ୍ଧତା । ଉଭୟଙ୍କର କଥା ଯେପରି ଶେଷ ହୋଇ ଯାଇଛି ।

ମୃତ୍ୟୁ ପରି ଶୀତଳ ଅନ୍ଧକାର । ମୁହଁକୁ ମୁହଁ ଦେଖାଯାଏ ନାହିଁ, ନିଜର ଶରୀରକୁ ନିଜେ ମଧ୍ୟ ଦେଖିବାର ଉପାୟ ନାହିଁ ।

ବୈଶାଖୀ ସନ୍ଧ୍ୟାର ମେଘଘନ ଆକାଶତଳେ ଦୁହେଁ ଦୁହିଁଙ୍କର ସମସ୍ତ ଚେତନା ଦେଇ ନିଜକୁ ଅନୁଭବ କରୁଛନ୍ତି ଯାହା।

ନୀରବତା ଭଙ୍ଗ କଲା ଲଲଜୀ।...ଆପଣଙ୍କୁ କ ନାମଧରି ଡାକିବି ?

— କାହିଁକି, ବାପ-ମା' କଣ ମୋର କିଛି ନାମ ରଖି ନାହାନ୍ତି?

— ଯେଉଁ ନାମ ଥାଉ, ମୁଁ ତୁମକୁ ମୌସୁମୀ ବୋଲି ଡାକିବି। ମୌସୁମୀ ବାୟୁ ଆଣେ ରୁକ୍ଷ ମାଟି ଉପରେ ନୂଆ ଫସଲର ଆଶା।...ତା'ପରେ ପ୍ରାୟ ରେବାର କାନ ପାଖକୁ ମୁହଁ ଆଣି ଲଲଜୀ ଉଚ୍ଚାରଣ କଲା—ମୋର ଏହି ରୁକ୍ଷ ଜୀବନରେ ତୁମେ ମୋର ମୌସୁମୀ।

ଆକାଶରେ ନୂଆ ମେଘ ଉଠିଲେ ତୃଣ ଗୁଚ୍ଛ ଦେହରେ ଯେପରି ଶିରହଣ ଲାଗେ, ଲାଲଜୀର କଥାରେ ରେବାର ଦେହର ପ୍ରତିକୋଷରେ ସେହିପରି ଶିରହଣ ଖେଳିଗଲା ନିମିଷେକ ଭିତରେ। କ୍ଷଣପୂର୍ବରୁ କିଏ ଜାଣିଥିଲା ମେଘ ଛାୟାଘନ ସନ୍ଧ୍ୟାକାଶତଳେ ବସି ପୁରୁଷର ମୁହଁରୁ କପୋତ-କୂଜନ-ସମ ଏହି ଅତିପ୍ରିୟ ନାମଟି ଶୁଣିବାର ସୌଭାଗ୍ୟ ଆସିବ ତାର ଜୀବନରେ ଆଜି। ନାଟକୀୟ ପରିସ୍ଥିତି—ଜୀବନଟା ନାଟକ।

ଉଦ୍ଧତ ପ୍ରକୃତିକୁ ଜୋରପୂର୍ବକ ଦମନ କରି ରେବା ମନେ ମନେ ଭାବିବାକୁ ଲାଗିଲା, ସେଣ୍ଟିମେଣ୍ଟ ଅପେକ୍ଷା କର୍ତ୍ତବ୍ୟ ବଡ଼, ହୃଦୟର ବେଗ ଅପେକ୍ଷା ଦାୟିତ୍ୱ ବଡ଼।

ଲାଲଜୀ କହିଲା—ମୌସୁମୀ ! ପାପ ପୁଣ୍ୟ, ସ୍ୱର୍ଗ ନରକ ଏସବୁ ତୁମେ ବିଶ୍ୱାସ କର ? "ବିଶ୍ୱାସ କରନ୍ତି" ପରିବର୍ତ୍ତେ "ବିଶ୍ୱାସ କର" ବାହାରି ପଡ଼ିଲା ଲାଲଜୀର ମୁହଁରୁ।

— କରେ। ନାଇନ୍‌ଟି ପର୍ସେଣ୍ଟେଜ' କରନ୍ତି।

— ପାପ କାହାକୁ କୁହାଯାଏ ?

— ପରର କ୍ଷତି କରିବା ପାପ ।

— କିନ୍ତୁ ସେହି କ୍ଷତି ଦ୍ୱାରା ଯଦି ଅନ୍ୟର ଉପକାର ହୁଏ ?

— ତେବେ ସୁଦ୍ଧା ତାହା ପାପ । ସେହି ପାପ ଯୋଗୁଁ ଶାସ୍ତି ପାଇବା ଉଚିତ ।

ଲାଲଜୀ କ୍ଷଣ ଭାବିଲା । କହିଲା — ତୁମର ମତ ସହିତ ମୁଁ ଏକମତ ହୋଇପାରୁନାହିଁ—ମୌସୁମୀ ! ତେବେ ସୁଦ୍ଧା ମନେହୁଏ, ବୋଧ ହୁଏ ତୁମ କଥା ଠିକ୍ ।···ତୁମେ ନିୟତିକୁ ମାନ ?

— ମାନେ ।

— ଆଜିର ଘଟଣା, ଅର୍ଥାତ୍ ତୁମେ ମୁଁ ବସି ଗଳ୍ପ କରୁଛୁ, ସବୁ ନିୟତିର ଚକ୍ରାନ୍ତ — ସେହି ଅଦୃଶ୍ୟ ନାଟ୍ୟକାରର ବିଚିତ୍ର ଖେଳ । ଏଥିରେ ଆମ୍ଭମାନଙ୍କର କୌଣସି ହାତ ନାହିଁ ।

— ରାତି ଅନେକ ହେଲା, ଚାଲ ।

"ଚାଲନ୍ତୁ" ଭୁଲି ଯିବା ଉଚ୍ଚାରଣ କଲା ଚାଲ ।

— ଆଉ ଟିକିଏ ବସ ।

ମେଘର ସମାବେଶ ଘନ ହୋଇ ଆସୁଛି । ନଦୀକୂଳ ନିର୍ଜନ । ଅନ୍ଧକାର ଭିତରେ ଛାୟା ମୂର୍ତ୍ତିପରି ଦୁହେଁ ଦୁହିଁଙ୍କୁ ସ୍ତବ୍ଧ ଭାବେ ଚାହିଁ ରହିଛନ୍ତି । ଦେଖା ଯାଏନା କିନ୍ତୁ ବୁଝାଯାଏ । ସ୍ପଷ୍ଟ ଜଣାପଡ଼େ ହୃଦୟ ଦୁଇଟି ପରସ୍ପରକୁ ସ୍ପର୍ଶ କରିଛି ।

ଲାଲଜୀ ଯେପରି ସ୍ୱପ୍ନରେ କହି ଉଠିଲା — ମନୁଷ୍ୟକୁ ତୁମେ କେତେଥର ଘୃଣା କର ?

— ଖୁବ୍ ବେଶୀ ।

— କେତେ ଦୂର ଭଲ ପାଅ ?

— ଅନେକ ବେଶି ।

— ଯାହାକୁ ଘୃଣା କରିବା ଉଚିତ ତାହାକୁ କ ଭଲ ପାଇବ ନାହିଁ ?

ରୁଦ୍ଧ ଆବେଗର ବାଷ୍ପ ରେବାର ବୁକୁଭିତରେ ଉଚ୍ଛୁଳି ଉଠିଲା । ଆଖିରେ ତାର ଅଶ୍ରୁ ଜମାଟ ବାନ୍ଧିଛି କି ନାହିଁ ଏହି ଅନ୍ଧକାରରେ ତାହା ଜଣା ପଡ଼ିଲା ନାହିଁ । ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ି ସେ କହିଲା—ସେ କଥା ଶୁଣି ଲାଭ କଣ ?

ତା'ପରେ ହଠାତ୍ ବେଞ୍ଚି ଉପରୁ ଉଠି କହିଲା—ମେଘ ବୋଧହୁଏ ପଡ଼ିବ, ଉଠ ।

ପ୍ରକୃତରେ ଝଡ଼ ଉଠିଛି । ଲାଲଟା ଉଠି ଠିଆ ହେବା ପୂର୍ବରୁ ବାଜି ଉଠିଲା ନଟରାଜର ଗୁରୁ ଗୁରୁ ଡମ୍ବରୁ ଧ୍ୱନି । ଅନ୍ତରୀକ୍ଷରେ କୌଣସି ଉନ୍ମାଦିନୀ ଯେପରି ଲଲାଟରେ ସୁବର୍ଣ୍ଣ କଙ୍କଣାଘାତ କଲା । ଆଉ ସେହି କଙ୍କଣାଘାତ ଯୋଗୁଁ ସ୍ୱର୍ଣ୍ଣ ବର୍ଣ୍ଣ ବିଦ୍ୟୁତ ଶିଖାରେ ଝଲସି ଗଲା ଦିଗଦିଗନ୍ତ ।

ଆରମ୍ଭ ହେଲା ବୃଷ୍ଟି—ଝଡ଼ ତୋଫାନ ।

ବିପର୍ଯ୍ୟସ୍ତ ରେବାକୁ ଗୋଟିଏ ହାତରେ ଜାପୁଡ଼ି ଧରି ଦୌଡ଼ି ଦୌଡ଼ି ଲାଲଟା ଯେତେବେଳେ ଖଣ୍ଡିଏ ରେକ୍ସା ପାଖରେ ଆସି ପହଞ୍ଚେ ସେତେବେଳକୁ ବର୍ଷା ଠିକଏ କମି ଯାଇଛି । ରେକ୍ସା ଚାଲିଲା ମେଠାଲ୍ ରୋଡ଼ ଉପରେ । ଫରାସୀ ଲାଭେଣ୍ଡରର ସୁଗନ୍ଧରେ ରେକ୍ସା ଭିତରର ବାୟୁ ତରଙ୍ଗ ମୂର୍ଚ୍ଛିତ ହୋଇପଡ଼େ ଯେପରି ।

ରେକ୍ସା ଭିତରେ ଛିନ୍ନମୂଳ ପୁଷ୍ପଲତା ପରି ଆଖି ମୁଦି ବସିଛି ରେବା, ଖଣ୍ଡିଏ ବଳିଷ୍ଠ ହସ୍ତ ଅତି ଆଦରରେ ଧୀରେ-ଧୀରେ ସ୍ପର୍ଶ କଲା ଅବସାଦ ଗ୍ରସ୍ତୀ ଏହି ପୁଷ୍ପଲତାଟିକୁ ।

ହୋଟେଲ ପାଖରେ ପହଞ୍ଚିବା ମାତ୍ରେ ରେବା ଅବିନ୍ୟସ୍ତ ବାଳ ଗୁଡ଼ିକ ବିନ୍ୟସ୍ତ କରି ରେକ୍ସାରୁ ଓହ୍ଲାଇ ପଡ଼ିଲା । ଲାଲଜୀ ତାର କାନେ କାନେ କହିଲା ମା' ଯଦି ପଚାରିବେ ବେଶବାସ ଏପରି ହୋଇଛି କାହିଁକି, କଣ ଉତ୍ତର ଦେବ ଶୁଣେ !

ବଙ୍କିମ କଟାକ୍ଷରେ ଲାଲଜୀ ଆଡ଼େ ଚାହିଁ ମୁହଁରେ ବିଚିତ୍ର ହସ ଫୁଟାଇ ରେବା କହିଲା – କହିବି, ବାଟରେ ଗୁଣ୍ଡା ହାତରେ ପଡ଼ିଥିଲି ।···ଲମ୍ବା ଲମ୍ବା ଗୋଡ଼ ପକାଇ ସେ ନିଜର କ୍ୟାବି-ନରେ ଆସି ପହଞ୍ଚିଲା ।

ଲାଲଜୀ ମନେ ମନେ କେତେ କଥା ଭାବି ଚାଲିଛି । ବିଶୃଙ୍ଖଳ କେଶ, ଅସଂଯତ ପଦକ୍ଷେପ ଆଉ ମୁହଁରେ ବିଚିତ୍ର ହସ ଭରି ସେ ଆସି ଠିଆ ହେଲା ନିଜ କ୍ୟାବିନର ଦୁଆର ମୁହଁରେ ।

କିନ୍ତୁ ଏହି ଦୁର୍ଯୋଗ ରାତିରେ ଖୋଲା ଗବାକ୍ଷ ଆଡ଼େ ପଛକରି ଅନ୍ଧକାରରେ କିଏ ଛିଡ଼ା ହୋଇଛି ? କିଏ ?

ଲାଲଜୀ ସୁଇଚ୍ ଟିପିଲା—ପ୍ରଖର ଆଲୋକ-ବନ୍ୟା ଭରି-ଗଲା ଘରଟି ଭିତରେ ।

ଲାଲଜୀ ବିସ୍ମିତ !···ଜୋହରା ! ତୁମେ ?

—ହଁ, ମୁଁ । ଆଜି ତୁମ ସହିତ ମୋର ଶେଷ ନିଷ୍ପତ୍ତି ।

ମର୍ମର ପ୍ରସ୍ତର ପରି ମୁହଁଟି ଲୌହପରି କଠିନ । ଆଖି ଦୁଇଟି ଯେପରି ଦୁଇଟି ଅଗ୍ନି ଗୋଳା ।

—ଶେଷ ନିଷ୍ପତ୍ତି । କାହିଁକି, କଣ ହେଲା ।

—ଏତେବେଳଯାଏ କେଉଁଠି ଥିଲ ? ସାଙ୍ଗରେ କିଏ ଥିଲା ?

ଲାଲଜୀର ମୁଖମଣ୍ଡଳ ଗମ୍ଭୀର ।

—କୈଫିୟତ ଚାହଁ, ଜୋହରା ?

—ହଁ ଚାହେଁ । କୈଫିୟତ ମୁଁ ଦାବୀ କରିପାରେ ।

—ତୁମେ କଣ ଅସୁସ୍ଥ, ଜୋହରା ?

—ସେ ସବୁ ପରେ । ଆଗେ କୁହ, ତୁମେ କେଉଁଠି ଥିଲ ? ସାଙ୍ଗରେ କିଏ ଥିଲା ?

—ଅଧିକାରର ବାହାରେ ଯାଅନା, ଜୋହରା । ମୁଁ କିଛି କହି ପାରିବି ନାହିଁ ।

ଗବାକ୍ଷ ପାଖରୁ ଚାଲି ଆସି ଜୋହରା ଲାଲଜୀର ସାମନାରେ ଆସି ଠିଆ ହେଲା । କହିଲା—ତୁମେ ନ କହିଲେ ସୁଦ୍ଧା ମୋର କ୍ଷତି ନାହିଁ । ମୁଁ ଜାଣେ, ସନ୍ଧ୍ୟାବେଳୁ ତୁମେ କାହା ସାଙ୍ଗରେ ବିହାର କରୁଥିଲ । ତୁମର ପ୍ରିୟତମା—ଭିଲ୍‌ଙ୍କ ରାଣୀ—ଯାଦୁକରୀ ରେବା । ନୁହେଁ କି ?

ଜୋହରା ହସିଲା । ଶାଣିତ ଛୁରିକାପରି ବ୍ୟଙ୍ଗ ପୂର୍ଣ୍ଣ ହସ ।

ଲାଲଜୀ ମୁହୂର୍ତ୍ତେ ନୀରବ ରହି କହିଲା—ଜାଣି ଯଦି ପଚାରିବାକୁ ଗଲ କାହିଁକି ?

—ଦେଖୁଥିଲି ତୁମେ ଲୁଚି ଲୁଚି କେତେ ଦୂର କଣ କରି ପାରୁଛ ।

—କଣ କେତେ ଦୂର କରିବି ?

—ତୁମର ପ୍ରେମର ପରାକାଷ୍ଠା, ଲାଲଜୀ—ତୁମର ପ୍ରେମର ।

ଜୋହରାର ଆଖି ଦୁଇଟି ଜଳିବାକୁ ଲାଗିଲା ।

—ମୁଁ ଜାଣେ ରେବାକୁ ତୁମେ ଭଲ ପାଉଛ । ନିଜ ଆଖିରେ ଦେଖିଛି ରେବା ତୁମର କ୍ୟାବିନରୁ ବାହାରି ଯାଉଥିଲା । —ତୁମକୁ ସେ ଦିନ ପଚାରିଥିଲି, ମାତ୍ର ତୁମେ ପରିଷ୍କାର ଭାବେ ମୋତେ କିଛି କହିନାହଁ । ଆଜି ସବୁ ବୁଝି ପାରିଛି ।

ହାତ ଦୁଇଟିକୁ ପଛଆଡ଼େ ଏକାଠି କରି ଲାଲାଜୀ ଷ୍ଟ୍ରେ-ଭାବେ ଛିଡ଼ା ହୋଇଥିଲା । ଜୋହରା ଲକ୍ଷ୍ୟକଲେ ଦେଖି ପାରନ୍ତା ଲାଲାଜୀର ମୁହଁର ହାଡ଼ ଗୁଡ଼ିକ ଦୃଢ଼ ରେଖାରେ ପରିସ୍ଫୁଟ ହୋଇ ଉଠିଛି । ଆଖି ଦୁଇଟି ବଜ୍ରଗର୍ଭ ।

ଜୋହରାର ଦୃଷ୍ଟି ଅନ୍ୟଆଡ଼େ ଥିଲା । ବିଷାକ୍ତ ହସ ହସି ସେ ସେତେବେଳେ କହି ଚାଲିଛି—ତା'ପରେ ପ୍ରେମିକ ସାଜା-ହାନ, କେବେ ଶାଦୀ କରୁଛ ତୁମର ମମ୍‌ତାଜକୁ ? କାଶ୍ମୀର କେବେ ଯାଉଛ ? ଚାନ୍ଦିନୀ ରାତରେ ବେଗମ୍‌କୁ ବୁକୁରେ ଧରି ନୀଳ ସାଗରରେ ଭାସି ଭାସି ପ୍ରେମର ମିଳନ କେନ୍ଦ୍ରକୁ କେବେ ଯାଉଛ ଶୁଣେ ?

ଶାନ୍ତ ଗମ୍ଭୀର ଗଳାରେ ଧୀରେଧୀରେ ଲାଲାଜୀ କହିଲା — ତୁମେ ଯଦି ପୁରୁଷ ହୋଇଥାନ୍ତ, ଜୋହରା, ଆଉ କିଛି କହିବା ଆଗରୁ ଚାବୁକ ମାରି ତୁମର ଦେହରେ ନୋଳା ବସାଇ ଦିଅନ୍ତି ।

ଆଗ୍ନେୟଗିରି ପରି ଫାଟି ପଡ଼ିଲା ଜୋହରା । ଉନ୍ମତ୍ତ ପରି କହି ଉଠିଲା—ବେଶ୍ ମାର—ମୋର ଛାତି ଉପରେ ଚାବୁକ୍ ମାର, ବୁକୁର ବ୍ୟଥା ଲିଭିଯାଉ ମୋର ! ମୋତେ ମାରିପକାଅ । କିନ୍ତୁ ତା ପୂର୍ବରୁ ମନେରଖ, ମୁଁ ତୁମକୁ ଶାନ୍ତିରେ ବଞ୍ଚିବାକୁ ଦେବି ନାହିଁ ଲାଲ୍ । ମୋର ଶିରରେ ଶିରରେ ବିଷାକ୍ତ ତାତାରୀ ରକ୍ତ ପ୍ରବାହିତ ଏ କଥା ଭୁଲ ଯାଅନା । ବଞ୍ଚିଥିବାଯାଏ ଅନ୍ୟ ଅଉରତ୍ ସାଙ୍ଗରେ ତୁମେ ପ୍ରେମ କରିବ, ଏହା ମୁଁ ସହ୍ୟ କରି ପାରିବି ନାହିଁ ।

ତତ୍‌କ୍ଷଣାତ୍ ସେ ଟେବୁଲ ଉପରୁ ଚାଏନା ଗ୍ଲାସର ଫଲ-ଦାନୀଟିକୁ ଉଠାଇ ନେଲା ।

—ମୁଁ ମରିବା ଆଗରୁ, ଶୁଣ ଲାଲ୍, ତୁମର ଦୁହିଁଙ୍କର ମୋହବତ୍‌କୁ ଏହିପରି ଠିକ ଠିକ କରି ଦେଇଯିବ······କହି ସେ ଗୁଏନା ଘାସର ଫୁଲ ଦାନୀଟିକୁ ଝଟକାରେ ତଳେ ପିଟିଦେଲା । ଝନ୍ ଝନ୍ ଶବ୍ଦ କରି ଫୁଲଦାନୀଟି ଶତ ଖଣ୍ଡ ହୋଇଗଲା ସେହି ମୁହୂର୍ତ୍ତରେ ।

ଜୋହରାର କାନ୍ଧ ଦୁଇଟିକୁ ଦୁଇ ହାତରେ ଶକ୍ତ କରି ଧରି ଲାଲଜୀ କହିଲା,

—ଏ ସବୁ କଣ କରୁଛ ଜୋହରା—ଚୁପ୍ କର ।

—ନା, ନା—ମୋତେ ତୁମେ ଆଉ ବାଧା ଦେଇ ପାରିବ ନାହିଁ ଲାଲ ।

—ତୁମର ସ୍ପର୍ଦ୍ଧା ସୀମା ଲଙ୍ଘନ କରୁଛି, ଜୋହରା !

—ତୁମର ନିଷ୍ଠୁରତା ସୀମା ଲଙ୍ଘନ କରୁଛି ଲାଲ ।

ଲାଲଜୀର ବନ୍ଧନରୁ ନିଜକୁ ମୁକ୍ତ କରି ନେଲା ଜୋହରା । କହିଲା—ତୁମେ ମୋତେ କେବେ ହେଲେ ଭଲ ପାଇ ନାହଁ, ଜାଣେ । କିନ୍ତୁ ତା ବୋଲି ତୁମେ ଅନ୍ୟ ସ୍ତ୍ରୀ ସହିତ ପ୍ରେମ କରିବ, ମୁଁ ଆଖି ଥାଉ ଥାଉ ଦେଖିବି, ଏହା ତୁମେ ସ୍ୱପ୍ନରେ ସୁଦ୍ଧା ଭାବ ନାହିଁ, ଲାଲ । ମୁଁ ଯାହା ପାଇନାହିଁ, ଖୋଦାଙ୍କ କସମ, ମୁଁ ତାହା ଅନ୍ୟକୁ ଦେବି ନାହିଁ—ନା କେବେ ନୁହେଁ । ତୁମର ରେବା, ତୁମର ଝିଲ୍‌କାରାଣୀକୁ ତୁମର ପ୍ରକୃତ ପରିଚୟ କହି ଦେବି । କହିବି—

ବାଧା ଦେଇ ଲାଲଜୀ କହିଲା—କଣ ସବୁ କହୁଛ, ତୁମେ ନିଜେ ବୁଝିପାରୁ ନାହଁ ଜୋହରା ।

—ମୁଁ ସବୁ ବୁଝିଛି । କହିବି, ତୁମେ ରାଜାରାମର ଦୋକାନରୁ ଗହଣା ଠକ ଆଣିଛ—

ସଚକିତ ହୋଇ ଲାଲଜୀ କହିଲା—ଚୁପ୍ କର ଜୋହରା ।

ଜୋହରାର ଗଳାର ସ୍ୱର ଆଉ ଏକ ପର୍ଦ୍ଦାରେ ଉଠିଲା··· ମୋତେ ଜାଲ୍ ଅପର୍ଣ୍ଣା ସଜାଇ ତୁମେ ଇଣ୍ଡିଆ ଇନ୍ସ୍ୟୁରେନ୍ସ କୋମ୍ପାନୀରୁ ପନ୍ଦର ହଜାର ଟଙ୍କାର ଚେକ୍ ନେଇଛ—

—ଜୋହରା !

—ମୋତେ ଅଭିନୟ କରିବାକୁ କହି ସେଦିନ ତୁମେ ମୁଞ୍ଜବାବୁଙ୍କ ପାଖରୁ ଦଶ ହଜାର ଟଙ୍କା ଆଦାୟ କରିଛ—

ଲାଲଜୀର ଡାହାଣ ହାତଟି ନିଃଶବ୍ଦରେ ଆଗେଇ ଆସିଲା ଜୋହରାର କୋମଳ ଗ୍ରୀବାଟି ଆଡ଼େ, କିନ୍ତୁ କିଛି କରିବା ଆଗରୁ ସଜାଗ ହୋଇ ଉଠିଲା ତାର ଷଷ୍ଠେନ୍ଦ୍ରିୟ ।

ଦୁଆରର ବାହାରେ କାହାର ଲଘୁ ପଦ ଶବ୍ଦ ମିଳାଇ ଗଲା ଯେପରି ।

ଲାଲ୍‌ଜୀ ଦୁଇ ସେକେଣ୍ଡ ସ୍ତବ୍ଧ ଭାବେ ଠିଆ ହେଲା । ତା' ପରେ ଉଦ୍‌ବେଗ ସ୍ୱରରେ କହିଲା—ଜୋହରା, ଆଉ ଛିଡ଼ା ହୁଅ ନା । ବାଥ୍‌ରୁମ୍ ପାଖରେ ସିଡ଼ି ଅଛି, ଶୀଘ୍ର ପଳାଇ ଯାଅ ।

ଲାଲ୍‌ଜୀର ମୁହଁକୁ ଚାହିଁ ଜୋହରାର ସର୍ବାଙ୍ଗ ହିମଶୀତଳ ହୋଇଗଲା । ଲାଲଜୀର ଗୋଟିଏ ହାତକୁ ନିଜର ହାତମୁଠା ଭିତରେ ଚାପିଧରି ରୁଦ୍ଧ ଶ୍ୱାସରେ କହିଲା—ତୁମକୁ ଛାଡ଼ି ମୁଁ ପଳାଇ ଯାଇ ପାରିବି ନାହିଁ ଲାଲ ।

—କଥାଶୁଣ, ଜୋହରା—ବିପଦ ଆମର ଆଖି ଆଗରେ—

ଦାରୁଣ କୋହରେ ଜୋହରାର ଓଷ୍ଠ ଦୁଇଟି ଥରି ଉଠିଲା । ବ୍ୟାକୁଳଭାବେ କହିଲା—ଆସୁ ବିପଦ, ତୁମକୁ ଏକାକରି—

— ଚୁପ୍ କର ଜୋହରା, ତୁମେ ଯାଅ ଆଗେ —

ଖୋଲା ଗବାକ୍ଷ ବାଟେ ଦେଇ ଦୀର୍ଘଶ୍ୱାସ ଛାଡ଼ିଲା ଅବାଧ ସମୀରଣ ।

—ଗ—

ଜୋହରକୁ ନିର୍ଦ୍ଦେଶ ଦେଇ ବିଚକ୍ଷଣ ଭଲୁ ପିସ୍ତଲଟିକୁ ନେଇ ପକେଟରେ ଭର୍ତ୍ତି କରି ଲାଲଜୀ ଆସିଲା ବାହାରକୁ ।

ରାତି ୧୦ ଟା ପରେ ହୋଟେଲର ବତୀ ଗୁଡ଼ିକ ଲିଭିଯାଏ କେବଳ ଲବୀ ଉପରେ ଗୋଟିଏ ବତୀ ଜଳେ । ସେହି ଅସ୍ପଷ୍ଟ ଆଲୋକରେ ଲାଲଜୀ ଘୂରିଆଡ଼େ ତୀକ୍ଷ୍ଣ ଦୃଷ୍ଟି ବୁଲାଇ ଆଣିଲା ତେବେ କଣ ସେ ଭୁଲ୍ ଶୁଣିଛି ! କାହାରି ପଦ ଶବ୍ଦ ନୁହେଁ ? — ପବନର ଶବ୍ଦ !

ସହସା ଚେତନା ତାର ଝିମ୍ ଝିମ୍ କରି ଉଠିଲା ମଧୁର ସୁଗନ୍ଧ ଆଘ୍ରାଣରେ ।

ଫରାସୀ ଲେଭେଣ୍ଡାରର ଗନ୍ଧ । ଆଉ ସାଙ୍ଗେ ସାଙ୍ଗେ ଶୀକାରୀ କୁକୁର ଯେପରି ଗନ୍ଧ ଆଘ୍ରାଣ କରୁ କରୁ ଆଗେଇ ଚାଲେ, ଲାଲଜୀ ସେହିପରି ଅତି ସନ୍ତର୍ପଣରେ ଧୀରେ ଧୀରେ ଆଗେଇ ଚାଲିଲା ଆଗକୁ ।

ଆଲୋକ ଅନ୍ଧାରର ଏକକ୍ର ସମାବେଶରେ ତରୁଣୀଟିକୁ ଚିହ୍ନାଯାଉ ନଥାଏ । ଲବୀର ଗୋଟିଏ ପ୍ରାନ୍ତରରେ ଛିଡ଼ାହୋଇ ଟେଲିଫୋନ୍‌ର ରିସିଭର୍ ଉଠାଇ ଅନୁଚ୍ଚ ସ୍ୱରରେ କିଏ ଯେପରି କଥାବାର୍ତ୍ତା କରୁଛି—ହଲୋ···ଲାଲବାଗ ପୁଲିସଷ୍ଟେସନ—କିଏ ବିକାଶବାବୁ !···ସାଙ୍ଗେ ସାଙ୍ଗେ ହୋଟେଲକୁ ଆସନ୍ତୁ—ଯେତେ ଶୀଘ୍ର ପାରନ୍ତୁ—ଲାଲଜୀର କ୍ୟାବିନରେ ଦୁହେଁ ଅଛନ୍ତି । ବାହାରେ ଥାଇ ମୁଁ ସେମାନଙ୍କର ସବୁକଥା ଶୁଣିଛି—ହଲୋ —ହଲୋ—ହଲୋ—

ଲାଲଜୀ ପଛରୁ କହି ଉଠିଲା—ଆଉ କେହି ଶୁଣିବେ ନାହିଁ, ରେବା ଦେବୀ—ମୁଁ ଟେଲିଫୋନ୍‌ର କନେକ୍‌ସନ୍ କାଟି ଦେଇଛି ।

ଟେଲ୍‌ଫୋଣ୍ଟେଇ ପରି ରେବା ରିସିଭର୍‌ଟିକୁ ରଖିଦେଲା ।

—ମୁଷ୍ଟିବଦ୍ଧ କରି ପଛଆଡ଼େ ରଖି ଲାଲଜୀ ଆସି ଠିଆ ହୋଇଲେ ତା'ର ସମ୍ମୁଖରେ । ଲବାର ବତୀଟି ଚେତରେଣ୍ଟୁ ଭାବେ ସୁବ୍‌ଭୁଛି ଲାଲଜୀର ମୁହଁ ଉପରେ । ରେବା ସଭୟେ ଚାହିଁ ଏବଂ ଦୁଇଖଣ୍ଡ ଫସ୍‌ଫରସ୍ ଯେପରି ଜଳୁଛି ଆଖି ଆଗରେ ଅଛି ।

ଦୁହେଁ ଦୁହିଁଙ୍କ ଚାହିଁ ରହିଲେ କେତେଟା ମୁହୂର୍ତ୍ତ । ବାହାରେ ଝଡ଼ର ଉଦ୍ଦାମ ଗତି କ୍ରମେ କ୍ରମେ ବଢ଼ିବାକୁ ଲାଗିଛି ।

ଗଳାରେ ବିଷମିଶ୍ରିତ ବ୍ୟଙ୍ଗ ନେଇ ଲାଲଜୀ କହିଲା—ଓ୍ୱାଣ୍ଡରଫୁଲ୍ ! ବେଶ୍ ଅଭିନୟ କରିଛ, ରେବା ଦେବୀ ! ହେ ମହିମାମୟୀ ଦେବୀ, ଜୟ ହେଉ ତୁମର !...ଉଁ ହୁ, ଯିବାଲାଗି ଚେଷ୍ଟା କରନା ।

ପକେଟରୁ ପିସ୍ତଲଟିକୁ ବାହାରକରି ଲାଲଜୀ ରେବାକୁ ଦେଖାଇଲେ ।

—ମୋର ଏହି ଅଟୋମେଟିକ୍ ପିସ୍ତଲଟିରେ ସାଇଲେନ୍‌ସାର ଦିଆହୋଇଛି । ଫାୟାର କଲେ କେହି ଜାଣିପାରିବେ ନାହିଁ ।

ରେବା ଯେପରି ପଥର ପାଲଟି ଯାଇଛି ।

ପିସ୍ତଲଟିକୁ ଲାଲଜୀ ପକେଟରେ ରଖିଲା । କହିଲା—ନା, ଆଜି ତୁମକୁ ହତ୍ୟା କରିବି ନାହିଁ ।...ରେବାର ଆହୁରି ପାଖକୁ ଆସି ତା'ର କାନ୍ଧ ଦୁଇଟିକୁ ଶକ୍ତ କରି ଧରି କ୍ରୁଦ୍ଧ ଭୁଜଙ୍ଗ ପରି ହିସ୍ ହିସ୍ ଶବ୍ଦ କରି ଅତଧୀରେ କିନ୍ତୁ ତୀବ୍ର କଣ୍ଠରେ କହିଲା—କାହିଁକି ଏପରି କଲ ତୁମେ ? କୁହ, କେଉଁ ବସ୍ତୁର ଲୋଭରେ ତୁମେ ଏ'କାର୍ଯ୍ୟ କଲ ?

ଲଲଜୀର ବଳିଷ୍ଠ ପେଷଣରେ ରେବ୍‌ତଲୁ ପିସ୍ତଲଟିକୁ ଯନ୍ତ୍ରଣାରେ ଖାଲି ପଡ଼ିଗଲା । ପ୍ରାଣପଣ ଚେଷ୍ଟା ପୋହାରକୁ । ଦେଲା—ଜଣେ ପ୍ରତାରକ, ଜାଲିୟାତ୍‌କୁ ଧରାଇଦେବା ଲଭିଯାଏ ମୋର କର୍ତ୍ତବ୍ୟ । ହି ଅସ୍ପଷ୍ଟ

—କଣ କହିଲ, ମୁଁ ଜାଲିୟାତ୍, ପ୍ରତାରକ ! ଶିଲା

ଧୀରେ ଧୀରେ ଲଲଜୀର ହାତ ରେବାର କାନ୍ଧରୁ ଖୁଲି ଆସିଲା ।

—କିନ୍ତୁ ଦୁନିୟାରେ କିଏ ପ୍ରତାରକ ନୁହେଁ, କିଏ ଜାଲିୟାତ୍ ନୁହେଁ ? ଭାଇ ଭାଇକୁ, ଧନୀ ଦରିଦ୍ରକୁ, ଧର୍ମଯାଜକ ଧର୍ମ ଭୀରୁକୁ ପ୍ରତାରିତ କରୁଛି । ତୁମର କର୍ତ୍ତବ୍ୟ କଣ ଏକା ମୋ’ପାଇଁ, ରେବାଦେବୀ ?

ଶୁଷ୍କ କଣ୍ଠରେ ରେବା କହିଲା—ସମାଜ ନିକଟରେ, ଆଇନ୍ ନିକଟରେ ତୁମପରି କ୍ରିମିନ୍ୟାଲ୍ ଶାସ୍ତି ପାଇବା ଉଚିତ ଲଲଜୀ !

ତିକ୍ତ କଣ୍ଠରେ ଲଲଜୀ କହିଲା—ସମାଜ ! କେଉଁପରି ସମାଜ ସେ ! ଯେଉଁ ସମାଜ ଦରିଦ୍ରକୁ ଅନ୍ନ ଦିଏନା, ମନୁଷ୍ୟକୁ ସତ୍‌ପଥରେ ଚାଲିବାକୁ ଦିଏନା, ଭଦ୍ରଭାବେ ବଞ୍ଚିବା ଲାଗି ଅଧିକାର ଦିଏନା, ସେହି ସମାଜର ମୁହଁ ଦେଖି ତୁମେ ମୋତେ କହୁଛ କ୍ରିମିନ୍ୟାଲ୍ । ଚମତ୍କାର ଯୁକ୍ତି । ଶୁଣ, ରେବା ! ମୋ’ ପରି କ୍ରିମିନ୍ୟାଲ୍ ତୁମର ସମାଜ, ତୁମର ଆଇନ୍‌କୁ ଆଦୌ ଭୟ କରେନା । କିନ୍ତୁ କୁହତ ରେବା, ତୁମର ସମାଜର, ତୁମର ଆଇନ୍‌ର କ କୌଣସି କ୍ଷମତା ନଥିଲା ମୋତେ ଅସତ୍‌ପଥରୁ ଫେରାଇ ଆଣିବା ଲାଗି ? ମୋର ଜୀବନକୁ ଭଦ୍ର ସୁନ୍ଦର କରିବା ଲାଗି ?

ରେବା ସ୍ତବ୍ଧ ।

—ଯେଉଁ ସମାଜ କେବଳ ଶାସନ କରି ଜାଣେ—ସ୍ନେହ ଜାଣେ ନାହିଁ, ଘୃଣା କରେ—ସେହି ସମାଜର ଦ୍ୱାହି ଦେବା ପୂର୍ବରୁ ଲଜ୍ଜାରେ ତୁମର ମୁଣ୍ଡ ତଳକୁ ହେବା ଉଚିତଥିଲା । ଏପରି ସମାଜକୁ ପୋଡ଼ି ଛାରଖାର କରିଦିଅ, ଲେଲିହାନ ଅଗ୍ନି ଶିଖା ତାକୁ ବିଧ୍ୱସ୍ତ କରୁ ।

ଧୀର କଣ୍ଠରେ ରେବା କହିଲା—ସମାଜକୁ ଚିରଦିନ କଠୋର ହେବାକୁ ହୁଏ । ତାହା ନହେଲେ ଦେଶରେ ଶୃଙ୍ଖଳା ରହେନାହିଁ, ଶାନ୍ତି ଥାଏ ନାହିଁ ।

—ବନ୍ଦ କର ରେବା, ବନ୍ଦ କର ତୁମର ଏହି ଶାନ୍ତି ଓ ଶୃଙ୍ଖଳାର ଜାଲିଯ଼ାତି । ମୋ ଅପେକ୍ଷା ତୁମର ସମାଜ ଅନେକ ବେଶି ଜାଲିଯ଼ାତି କରେ । ଯେଉଁଠାରେ ସତ୍‌ କାର, ମନୁଷ୍ୟ-ତ୍ୱର ମୂଲ୍ୟ ନାହିଁ, ଲକ୍ଷ ଲକ୍ଷ ଦରିଦ୍ରଙ୍କର ଜୀବନ ନେଇ ଯେଉଁଠାରେ ଜୁଆଖେଳ ଚାଲେ, ସେଠାରେ ପୁଣି ଶାନ୍ତି ଓ ଶୃଙ୍ଖଳା ତୁମେ ଆଶା କରିପାର ?

ଲାଲଜୀର ବିଦ୍ରୂପ ହସରେ ରେବା ଥରିବାକୁ ଲାଗିଲା । ହସ ବନ୍ଦକରି ଲାଲଜୀ ସହଜ ସ୍ୱରରେ କହିଲା—ଥାଉ ସେ ସବୁ କଥା, ଶୁଣିବାର ସମୟ ତୁମର ନାହିଁ, ମୋର ମଧ୍ୟ ସବୁ କଥା କହିବାର ସମୟ ନାହିଁ । ବର୍ତ୍ତମାନ ପୁଲିଶ ଆସି ପହଞ୍ଚି-ଯିବ । ଆଉତ' ତୁମ ସାଙ୍ଗରେ ଦେଖା ହେବ ନାହିଁ, ଯିବା ପୂର୍ବରୁ ଆଉ ଗୋଟିଏ ପ୍ରଶ୍ନର ଉତ୍ତର ଦିଅ ମୌସୁମୀ ।

ପବନର ସ୍ପର୍ଶରେ ଲତା ଯେପରି ଥରି ଉଠେ, ରେବା ସେହିପରି ଥରି ଉଠିଲା । ଯନ୍ତ୍ରଣାବିଦ୍ଧ ଅସ୍ଫୁଟ ସ୍ୱରରେ କହିଲା —ମୌସୁମୀ ବୋଲି ମୋତେ ଆଉ ଡାକନା ତୁମେ—ମୌସୁମୀ ମରିଯାଇଛି ଲାଲଜୀ ।

ମ୍ଳାନ ମଧୁର ହସର ରେଖା ଫୁଟି ଉଠିଲା ଲାଲଜୀର ଅଧର ପ୍ରାନ୍ତରରେ । କହିଲା—ନା, ନା ରେବା ମରେ—କିନ୍ତୁ ମୌସୁମୀ ମରେନା । ଜାଣେ ମୁଁ ସବୁ । କୃତ୍ରିମ—ସମାଜ, ତୁମେ ଓ ମୁଁ । କିନ୍ତୁ ଆଜି ସନ୍ଧ୍ୟାବେଳେ ବେଞ୍ଚିଟି ଉପରେ ବସି ଯାହାସବୁ କହିଥିଲ ସେଗୁଡ଼ିକ କଣ କୃତ୍ରିମ ?

ମେଘସିକ୍ତ ପ୍ରକାଣ୍ଡ ଫୁଲଟି ପରି ରେବାର ଅଶ୍ରୁ ସିକ୍ତ ମୁହଁଟିକୁ ନିଜର ଦୁଇ ହାତରେ ଟେକି ଧରି ଅବରୁଦ୍ଧ ଆବେଗ କଣ୍ଠରେ ଲାଲଜୀ କହିଲା—କୁହ ମୌସୁମୀ, ସେ ସବୁ କଣ, ମିଥ୍ୟା—ଅଭିନୟ ? ଟିକିଏ ହେଲେ ସତ୍ୟ ଥିଲା ନାହିଁ ସେ ସବୁ କଥାରେ ?

କୁହ, ମୌସୁମୀ—

ରେବାର ଓଠ ଦୁଇଟି ସ୍ଫୁରିତ ହେଲା । କହିଲା—ସେ କଥା ଆଉ ପଚାରନା, ଲାଲଜୀ ।

ରେବାର ମୁହଁଟିକୁ ଛାଡ଼ିଦେଇ ଲାଲଜୀ କହିଲା—ନା, ଆଉ ପଚାରିବି ନାହିଁ । ପ୍ରଶ୍ନ ମୋର ଚିରଦିନ ପ୍ରଶ୍ନ ହୋଇ ଥାଉ । କିନ୍ତୁ ଶୁଣ ମୌସୁମୀ, କାହାକୁ କିପରି ଭାବେ ଭଲ ପାଇବାକୁ ହୁଏ ତାହା ମୁ ଜାଣେନା । କିପରିଭାବେ ଭଲ ପାଇବାକୁ ହୁଏ, ତୁମେ ମୋତେ ତାହା ଶିଖାଇଲ । ମୋର ଏହି ଦସ୍ୟୁଜୀବନରେ ଆଜି ସନ୍ଧ୍ୟାବେଳେ କେବଳ ୬୦ ମିନିଟ୍ ପାଇଁ ତୁମେ ପ୍ରଦୀପ ଜାଳି ଦେଇଥିଲ । ତାହା ମଧ୍ୟ ଲିଭି-ଗଲା ଏହି ଆକସ୍ମିକ ଘଟଣାଟିରେ । ତେବେ ସୁଦ୍ଧା ମୁ ତୁମ-ପାଖରେ କୃତଜ୍ଞ ମୌସୁମୀ ! ...ଏକଣ !—

ବାହାରେ ଖଣ୍ଡିଏ ଜିପ୍ ବ୍ରେକ୍ କଷିଲା । ମୁହୂର୍ତ୍ତକ ଭିତରେ ସବୁ ବୁଝିପାରିଲା ଲାଲଜୀ । ପିସ୍ତଲ୍‌ଟିକୁ ପକେଟରୁ

ବାହାର କରି ହାତରେ ଧରିଲା—କଣ୍ଠସ୍ୱର ବଦଳି ଗଲା ଅକସ୍ମାତ୍ ଭାବେ ।

—ପଛୁ କରି ଠିଆ ହୁଅ, ରେବା—ପଳ ଇବାର ଚେଷ୍ଟା କରନା ମୋର ଲକ୍ଷ୍ୟ ଅବ୍ୟର୍ଥ ।

ତଳୁ ଭାରୀ ବୁଟ୍‌ର ଶବ୍ଦ ଶୁଣାଗଲା ।

ରେବା ମୁହଁ ଫେରାଇ ଛିଡ଼ା ହେଲା । ଲାଲଜୀ କହିଲା -ମନୋଜବାବୁ ଓ ପ୍ରକାଶବାବୁ ପୁଲିଶ ନେଇ ଉପରକୁ ଆସୁଛନ୍ତି । ସେମାନଙ୍କର ଅଭ୍ୟର୍ଥନା କରି ପାରିଲି ନାହିଁ, ସେଥିପାଇଁ ମୁଁ ଦୁଃଖିତ । ତୁମକୁ ସେ ଦାୟିତ୍ୱ ଦେଇଗଲି, ରେବା ।

ଲାଲଜୀର ମୂର୍ତ୍ତି ନିମିଷେକ ଭିତରେ ଅନ୍ଧକାରରେ ଅଦୃଶ୍ୟ ହୋଇଗଲା । ଠିକ୍ ସେହି ମୁହୂର୍ତ୍ତରେ ଓ, ସି ମନୋଜବାବୁ ଓ ପ୍ରକାଶ ସଦଳବଳରେ ଆସି ପହଞ୍ଚିଲେ ।

ରେବା ମୁହଁ ଫେରାଇ କହିଲା—ଲାଲଜୀ ନାହିଁ ।

— ନାହିଁ ! କେଉଁଆଡ଼େ ଗଲା ?—ପ୍ରକାଶ ପଚାରିଲା ।

—ବୋଧହୁଏ ସଦର ଗେଟ୍ ବାଟେ ପଳାଇଛି ।

—ନା, ସେବାଟେ ନୁହେଁ । ଗେଟ୍ ପାଖରେ ପୁଲିଶ ଜଗିଛି । ମନୋଜବାବୁ, ଚଞ୍ଚଳ ଆସନ୍ତୁ — ଲାଲଜୀ ଉପର ଘରେ ନିଶ୍ଚୟ ଅଛି ।

କିନ୍ତୁ ବେଶିଦୂର ଯିବାକୁ ହେଲା ନାହିଁ । ମ୍ଳାନ ବତୀଟି ହଠାତ୍ ଲିଭିଗଲା, ଆଉ ସଙ୍ଗେ ସଙ୍ଗେ ଗୋଟାଏ ବୁଲେଟ୍ ଆସି ବାଜିଲା କାଠର ରେଲିଂ ଉପରେ, ଅନ୍ୟ ଗୋଟାଏ ପ୍ରକାଶର କାନ୍ଧ ପାଖ ଦେଇ କାନ୍ଥରେ ଆସି ଲାଗିଲା ।

—ଫାୟାର୍ !…ଚିତ୍କାର କରି ଉଠିଲା ବିକାଶ । ମନୋଜ ବାବୁଙ୍କର ରିଭଲ୍‌ଭର ଗର୍ଜି ଉଠିଲା ସାମ୍‌ନାକୁ ଲକ୍ଷ୍ୟ କରି । ସେହି କ୍ଷଣିକ ଆଲୋକରେ ଦେଖାଗଲା ବନ୍ୟ ଶ୍ୱାପଦ ପରି ଲାଲଜୀ ଆତ୍ମଗୋପନ କରି ବସିଛି ଗୋଟିଏ କୋଣରେ, ପଛରେ ଠିଆ ହୋଇଛି ଜୋହରା, ପ୍ରସ୍ତର ମୂର୍ତ୍ତିପରି ।

ବିକାଶର କଣ୍ଠସ୍ୱର ଶୁଣାଗଲା—ସରେଣ୍ଡାର, ଲାଲଜୀ ! ଆଉ କୌଣସି ଉପାୟ ନାହିଁ ତୁମର ।

ଉତ୍ତରରେ ଲାଲଜୀର ପିସ୍ତଲରୁ ଆଉଥରେ ଅଗ୍ନିସ୍ଫୁଲିଙ୍ଗ ବାହାରି ଆସିଲା ।

ସାଙ୍ଗେ ସାଙ୍ଗେ ଓ, ସି, ମନୋଜବାବୁଙ୍କର ରିଭଲ୍‌ଭର୍ ପ୍ରତ୍ୟୁତ୍ତର ଦେଲା । ଝନ୍ ଝନ୍ ଶବ୍ଦ କରି ଝରକାର କାଚ, ଗୁଡ଼ିକ ଶତଚୂର୍ଣ୍ଣ ହୋଇ ପଡ଼ିଗଲା ତଳେ ।

ବିକାଶ ପୁନର୍ବାର ଚିତ୍କାର କରି କହିଲା — ବର୍ତ୍ତମାନ ସୁଦ୍ଧା ସମୟ ଅଛି, ସରେଣ୍ଡାର ଲାଲଜୀ !

— Damn it !— ଅଟୋମେଟିକ୍ ଆଉଥରେ ଅଗ୍ନି ଉଦ୍‌ଗାରଣ କଲା । ମନୋଜବାବୁଙ୍କର ରିଭଲ୍‌ଭର୍ ପ୍ରତ୍ୟୁତ୍ତର ଦେଲା ଏଥର ମଧ୍ୟ ।

ଲାଲଜୀ ନମ୍ରସ୍ୱରରେ କହିଲା — ପିସ୍ତଲରେ ଆଉ ଦୁଇଟି ମାତ୍ର ବୁଲେଟ୍ ଅଛି, ଜୋହରା । ବାଥ୍‌ରୁମ୍‌ର ପାଖ ବାଟେ ତୁମେ ଶୀଘ୍ର ପଳାଇଯାଅ ।

ଜୋହରାର ଗଳାର ସ୍ୱର ଶୁଣାଗଲା — ବର୍ତ୍ତମାନ ସମୟ ଅଛି, ଲାଲ ! — ନା, ଜୋହରା ।

ବିକାଶ ଉଚ୍ଚସ୍ୱରରେ କହିଲା — ଆଉ ଦୁଇମିନଟ୍ ସମୟ ଦେଉଛି ଲାଲଜୀ, ପ୍ଲିଜ୍ ସରେଣ୍ଡାର ।

ଦାନ୍ତ ଚିପି ଲାଲଜୀ କୁତ୍ସିତ ଭାଷାରେ ଗାଳି ଦେବାକୁ ଲାଗିଲା ।

ଡେରାବାକୁ ଲକ୍ଷ୍ୟ କରି ପ୍ରକାଶ କହିଲା । —ସର୍ଜେଣ୍ଟ ଜୋହରଙ୍କ ପାଖରେ ଟର୍ଚ୍ଚ ଅଛି, ଡେରା—ତଳକୁ ଯାଇ ଶୀଘ୍ର ନେଇ ଆସ ।

ଲାଲଜୀର ଲଲାଟ ଉପରେ ସ୍ୱେଦ ବିନ୍ଦୁ ଦେଖାଗଲା । କ୍ଳାନ୍ତ ପଶୁପରି ଶ୍ୱାସ ଗ୍ରହଣ କରୁ କରୁ କହିଲା—ଆଉ କିଛି ବୁଲେଟ୍ ସାଙ୍ଗରେ ଆଣିବା ଉଚିତ ଥିଲା, କୁକୁରଗୁଡ଼ାକ ଯେ ଏତେଶୀଘ୍ର ଆସି ପହଞ୍ଚିଯିବେ ଏହା ମୁଁ ଆଶା କରି ନ ଥିଲି ।

—ଶେଷଥର ପାଇଁ କହୁଛି ଲାଲଜୀ, ସରେଣ୍ଡାର୍ । ଓ୍ୱାନ୍— ଟୁ—

ଥ୍ରୀ ପୂର୍ବରୁ ଶେଷଥର ପାଇଁ ଲାଲଜୀର ଅଟୋମେଟିକ୍ ଗର୍ଜନ କରି ଉଠିଲା । ତା' ପରେ ବିଦ୍ୟୁତ୍‌ବେଗରେ [illegible] ଜୋହରାର ହାତଧରି କହିଲା—ଚାଲ ।

ଅନ୍ଧକାରରେ ଦୁହେଁ ନିଃଶବ୍ଦରେ ଚାଲିଚ[illegible] ଟର୍ଚ୍ଚର ଆଲୋକ ଆସି ସେମାନଙ୍କ ଉପରେ ପ[illegible] କହିଲା—ଫାୟାର୍ । [illegible]ଥା । ତେଣେ

ପଳାତକ ଆସାମୀମାନଙ୍କ ଲକ୍ଷ୍ୟ[illegible]ଶଯ୍ୟା ପାଖରେ ବାବୁଙ୍କର ରିଭଲଭର୍ ଗର୍ଜି ଉଠିଲା । ସେ'ଙ୍କୁ ବଞ୍ଚାଇବ । ପଡ଼ିବା ଆଗରୁ ଲଲଜୀକୁ ପଛରେ ରଖି ବି.ଏ. ଡ଼ିଗ୍ରୀ ମଧ୍ୟ ହେଲା ଜୋହରା । ମର୍ମାନ୍ତକ ଯନ୍ତ୍ରଣା[illegible]ଲେ ଖଣ୍ଡିଏ ହେ କରୁ କରୁ ତଳେ ପଡ଼ିଗଲା ସେ । ଗାଢ଼ [illegible] ପଦାର୍ଥ ବାହି କରି ଭିଜିଗଲା ବକ୍ଷସ୍ଥିତ ଆବରଣ । ଲାଲ [illegible] ସବୁ ବାହୀ କରି

ଭଦ୍ର ସମାଜ ତ୍ୟାଗ କରି ସେ ଆସି ପହୁଞ୍ଚିଲା ଅନ୍ୟ ଗୋଟାଏ ଜଘନ୍ୟ ସମାଜରେ । କିନ୍ତୁ କଣ ଖାଇ ଜୀବନ ଧାରଣ କରିବାକୁ ହେବ ? ନିଜେ ନଖାଇଲେ ମଧ୍ୟ ରୁଗ୍ଣା ମାତାର ଶୁଶ୍ରୂଷା ପାଇଁ ଅର୍ଥର ଆବଶ୍ୟକ । ବିକାର ଦେଖାରେ ମା' ଏଣୁ ତେଣୁ ବକାବକ ଆରମ୍ଭ କରିବା ଦେଖି ସାତ ବର୍ଷର ସାନ ଭଉଣୀଟି ଶଙ୍କେଇ କାନ୍ଦି ଉଠିଲା । ଭାଇକୁ ଜଡ଼ାଇ ଧରି ପ୍ରଶ୍ନ କଲା— "ମା' କଣ ଆଉ ବଞ୍ଚିବେ ନାହିଁ, ଭାଇ ?" —ଉଦ୍‌ଭ୍ରାନ୍ତ ଭାବେ ଯୁବକଟି ଆସିଲା ଡାକ୍ତରଙ୍କ ପାଖକୁ । ଡାକ୍ତର ଆସିଲେ ନାହିଁ, ଔଷଧ ମଧ୍ୟ ଦେଲେ ନାହିଁ । ଭିଜିଟ୍ ଟଙ୍କା ବାକି, ଔଷଧର ...ମ୍ ବାକି, ସେ ସବୁ ଚୁକ୍ତି ନକଲେ ସେ ଆସିବେ ନାହିଁ ଔଷଧ ଦେବେ ନାହିଁ । ଉପାୟନ୍ତର ନଦେଖି ଯୁବକଟି ...ଙ୍କ ସମସ୍ତଙ୍କ ପାଖରେ ଭିକ୍ଷା ଗୁହିଲା, କିନ୍ତୁ ସମସ୍ତେ ...ର୍ କଲେ । ଅବଶେଷରେ ଷ୍ଟେସନରେ ପହୁଞ୍ଚି ...ଟାରୁ ରାତି ୧୧ଟା ପର୍ଯ୍ୟନ୍ତ କୁଲି କାମ କରି ସେ ...ଲା ମାତ୍ର ଦୁଇଟି ମୁଦ୍ରା । ସେହି ଟଙ୍କାରେ ଔଷଧ କିଣି ସେ ...ବେଳେ ଘରକୁ ଆସେ, ସେତେବେଳେ ଔଷଧର ପ୍ରୟୋଜନ ଶେଷ ହୋଇଛି । କୁଲି ଦୁର୍ଭାଗ୍ୟ ଏଠିକାରୁ ଶେଷ ହେଲା ନାହିଁ । ଶବଦାହ କରି ଘରକୁ ଆସି ଦେଖେ, ... ଭଉଣୀଟି ରକ୍ତବାନ୍ତି କରୁଛି, ତିନିଘଣ୍ଟା ପରେ ସେ ... ଶେଷ । ଦୁଃଖ ଓ ବେଦନାରେ ସେ ଦୁଇଦିନ ଯାଏ ବାହାରକୁ ବାହାରି ନାହିଁ । ତୃତୀୟ ଦିନ ସେ ବାହାରକୁ ବାହାରିଲା । ରାସ୍ତାରେ ମୋଟର ଗାଡ଼ିର ଭିଡ଼, ହୋଟେଲରେ ଜନସମାଗମ, ସିନେମା ହାଉସ୍ ଲୋକାରଣ୍ୟ । ମହାନଗରୀର ବକ୍ଷ ଉପରେ ଆଲୋକ ଓ ଐଶ୍ୱର୍ଯ୍ୟର ବନ୍ୟା । ସେହିଦିନ ମହାନଗରୀର ଆକାଶ ତଳେ ଠିଆ ହୋଇ ଯୁବକଟି ମନେ ମନେ ପ୍ରତିଜ୍ଞା

...ଲ, ଯେ କୌଣସି ଉପାୟରେ ସେ ବଡ଼ ଲୋକ ହେବ
ଯୁବକଟିର ନାମ ସୁଶାନ୍ତ । ଗୋଟିଏ ଯୁଗ ଭିତରେ
ଗଲା ସୁଶାନ୍ତର ଜୀବନ—ଦର୍ଶନ । ପରଜନଠାରୁ ଧୂର
ପଣି ଲଲଜୀ ଜନ୍ମ ଗ୍ରହଣ କଲା ।

—ବିଗ୍ରୁଗଲପୃଷ୍ଠି ସ୍ତବ୍ଧ ।

—ଆଜି ସମାଜ, ସତତାର ସଂକୀର୍ଣ୍ଣ ପଥରେ ଲେଖି-ଦେଇଛି, "ସାଧାରଣ ପ୍ରବେଶ ନିଷେଧ ।" କିନ୍ତୁ ଅସତ୍‌ପଥ ସମସ୍ତଙ୍କ ପାଇଁ ଖୋଲା, ସେହି ପଥ ଦେଇ ଯାତ୍ରା ମୋର ଆରମ୍ଭ ହେଲା । ବର୍ଷକ ଭିତରେ ମୁଁ ଭଦ୍ର ସନ୍ତାନ ସୁଶାନ୍ତ, ...ଜୀର ରୂପ ଧରି ଗ୍ରିଶ—ବିଶର ଆସାମୀ ହୋଇ ଗଲି । ...ବାଜି, ଜାଲ୍‌ୟାତ ଓ ବ୍ଲେକ୍‌—କାରବାର କରି ମୁଁ ... ଲକ୍ଷ ଲକ୍ଷ ମୁଦ୍ରା । ମୋର ପଥ ଆହୁରି ସୁଗମ ... ଦିଲ୍ଲୀର ବାଈଜୀ ମହଲରୁ ଜଣେ ସାଙ୍ଗରେ ଧରି ... ଘରକୁ । ଲେଖା ପଢ଼ା ଶିଖାଇ ତିକୁ ନିଜପରି ...ନେଲି । ମୋର ଗୃହ ... ସହରରେ ସମସ୍ତେ ... ଧନୀ—ସାଜିଠା ନର୍ତ୍ତ ମୁଁ ମହାଆନନ୍ଦରେ

... ଆତଙ୍କ ବୁଝିଲି ।

...ଲୋକ ହୋଇ ସୁଦ୍ଧା ମୁଁ

... ହେଲେ ମୁଁ ଭୁଲି ନାହିଁ ଅତୀତ ଦାରିଦ୍ର୍ୟତାର ... । ଜାଲିୟାତ ସଙ୍ଗେ ସଙ୍ଗେ ମୁଁ ଖବର ନେଉଥାଏ, ... ବାପ ଅର୍ଥାଭାବ ଯୋଗୁଁ ଝିଅର ବିବାହ ଦେଇ ପାରୁନାହିଁ, କେଉଁଠାରେ ରୋଗୀ ଔଷଧ ପଥ୍ୟ ଅଭାବରୁ ... ପାରୁ ନାହିଁ, କେଉଁଠାରେ ...

ରତ୍ନ ... ଅନ୍ଧକାରରେ ମୁକ୍ତି ... — ଗଭୀ
ଜବର୍ଦ୍ଦସ୍ତିରେ ସେମାନଙ୍କୁ ସାହାଯ୍ୟ କରିଛି ମୁଁ ।
ହେବ, ଜନତା ଆଜେ ଆଉ ଥରେ ଆଖି ... ଅଣି
ଅଧୀର ... ଗା । ଦେଖିପାରିଲି କେତେ ଗୁଡ଼ିଏ ... ଙ୍କ ଦୃଷ୍ଟି
ଅଶ୍ରୁ ଜଳ ଜଳ କରୁଛି ।

— କିନ୍ତୁ କିଏ ଜାଣିଥିଲା ଏତେ ଶୀଘ୍ର ... ପଡ଼ିବ
ଆସି ପହଞ୍ଚିବ । ମୋର ଅପରାଧର ସମ୍ପର୍କରେ ...
ପୁଲିସ ଥାଉନା କାହିଁକି, ଏ ସବୁତ' ପାପ । ମୋର ...
ଅସତ ପଥର ବନ୍ଧୁ ମୋତେ କହିଥିଲା Crime does not pay
ପାପର ଦେଣା ପରିଶୋଧ କରିବାକୁ ହୁଏ । ମୋର ପାପ
ରାଜ ଶୋଧ କରିବାକୁ ମୁଁ ଆଜି ପ୍ରସ୍ତୁତ । ବିଚାର ...
ଉପାର ସେ ଟିଏ ମାତ୍ର ପ୍ରଶ୍ନ — କେତେ ଜଣ ଥାଇ ...
ଅପରାଧରେ ଯଦି ମୋର ଜାଗାରେ ହୁଏ, ଦେଶର ଧନୀ ...
ଯେଉଁମାନେ କି ପ୍ରତିଦିନ ଲକ୍ଷ ଲକ୍ଷ ଗରିବଙ୍କୁ ...
ସେମାନଙ୍କର ବିଚାର ହେବ କେବେ ? କିଏ ...
ସେମାନଙ୍କର ଜଜ୍ ?

ଲାଲଙ୍କର କଥା ଶେଷ ହେଲା । ତାର କଣ୍ଠ ...
ଭଉଡ଼ କୋର୍ଟ ରୁମ୍ ର ଚାରିଆଡ଼େ ଆଘାତ ...
ଲାଗିଲା ବାରମ୍ବାର ।

ଧୀର ଗମ୍ଭୀର କଣ୍ଠରେ ଜଜ୍ ...
ଉଚ୍ଚାରଣ କଲେ ।

ସାତବର୍ଷ ସଶ୍ରମ କାରାଦଣ୍ଡ ।

କୋର୍ଟ ରୁମ୍ ର ଗୋଟିଏ କୋଣରେ ଠିଆ ହୋଇଥିଲ...
ଜଣେ ନାରୀ — ଛଳ ଛଳ ଆଖି ଲୁହରେ ସମ ...
ଉଠୁଛି । କିଏ ସେ ? ରେବା, ନା ?—

* ସମାପ୍ତ *